
নিরপেক্ষ দৈনিক সম্বাদপত্র



ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୯ ଏପ୍ରିଲ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 09 APRIL 2024
Vol.No. 35 ■ No.96 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ମୋଦିଙ୍କ 'ମୁସଲିମ ଲିଗ' ବୟାନ ବିରୋଧରେ ଇସିରେ ପହଞ୍ଚିଲା କଂଗ୍ରେସ

ନୂଆଦିଲ୍ଲୀ, ୦୮/୪ : କଂଗ୍ରେସର ନିର୍ବାଚନୀ ଇସ୍ତାହାରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁସଲିମ ଲିଗ୍ ଚିନ୍ତାଧାରା ସହ ତୁଳନା କରିଥିବାରୁ ଏହାକୁ ନେଇ ବିବାଦ ଦେଖିବାକୁ ମିଳିଛି। କଂଗ୍ରେସ ବିଧିବଦ୍ଧ ଭାବେ ଏପରି ବୟାନ ବିରୋଧରେ ନିର୍ବାଚନ କମିଶନ(ଇସି)ଙ୍କ ଦ୍ୱାରସ୍ଥ ହୋଇଛି। ମୋଦି ଦେଇଥିବା ବୟାନ ପାଇଁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି କଂଗ୍ରେସ ଦାବି କରିଛି। ରାଜସ୍ଥାନର ଆଜମେରରେ ମୋଦି ଏପ୍ରିଲ ୬ରେ ଭାଷଣ ଦେଉଥିଲେ। ଏହି ସମୟରେ ସେ କଂଗ୍ରେସର ନିର୍ବାଚନୀ ଇସ୍ତାହାରକୁ ମିଛର ଗନ୍ଥା ଘର ଓ ଏହାର ପ୍ରତିଟି ପୃଷ୍ଠା ଭାରତକୁ ଭାଗଭାଗ କରିବା ପାଇଁ ପ୍ରସ୍ତୁତ ହୋଇଛି ବୋଲି ଦାବି କରିଥିଲେ। ତେବେ ପ୍ରଧାନମନ୍ତ୍ରୀ



ମୋଦିଙ୍କ ଏପରି ବୟାନକୁ କଂଗ୍ରେସ ଜୋରଦାର ବିରୋଧ କରିଛି। ଦଳ କହିଛି ଯେ ବିଜେପି ଲୋକସଭା ନିର୍ବାଚନରେ ୧୮୦ ସିଟ୍ ପାର ହେବାକୁ ସଂଘର୍ଷ କରୁଥିବାରୁ ମୋଦି ଭୟଭୀତ ହୋଇ ପଡ଼ିଛନ୍ତି। ତେଣୁ କରି ସେ ହିନ୍ଦୁ-ମୁସଲିମ ସଂଳାପ ଆରମ୍ଭ କରି ଦେଇଥିବା ଦଳ ଅଭିଯୋଗ କରିଛି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି, ମୋଦି-ଶାହଙ୍କ ରାଜନୀତିକ ଓ ବିଚାରଧାରାର ବଂଶଜମାନେ ବ୍ରିଟିଶ ଓ ମୁସଲିମ ଲିଗକୁ ସମର୍ଥନ କରିଥିଲେ। ସେମାନେ ଭାରତୀୟ ସ୍ୱାଧୀନତା ସଂଗ୍ରାମୀଙ୍କ ବିରୋଧରେ ଯାଇ ବ୍ରିଟିଶ ଓ ମୁସଲିମ ଲିଗକୁ ସମର୍ଥନ କରୁଥିଲେ। ଆଜି ବି କଂଗ୍ରେସର ନ୍ୟାୟ ପତ୍ରକୁ ସେମାନେ ମୁସଲିମ ଲିଗ ସହ ଯୋଡୁଛନ୍ତି। ସାଧାରଣ ଭାରତୀୟଙ୍କ ଆଶା, ବିଶ୍ୱାସ ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନ୍ୟାୟ ପତ୍ର ପ୍ରସ୍ତୁତ କରାଯାଇଥିବା ଖଡଗେ କହିଛନ୍ତି। ଏହାପୂର୍ବରୁ କଂଗ୍ରେସର ବରିଷ୍ଠ ନେତା ଜୟରାମ ରମେଶ କହିଛନ୍ତି, "ପ୍ରଧାନମନ୍ତ୍ରୀ ନିଜର ଇତିହାସ ବୋଧେ ଜାଣି ନାହାନ୍ତି। ଆଉ କେହି ନୁହେଁ, ବରଂ ହିନ୍ଦୁ ମହାସଭାର ସଭାପତି ଶ୍ୟାମା ପ୍ରସାଦ ମୁଖାର୍ଜୀ ହିଁ ବେଙ୍ଗଲରେ ମୁସଲିମ ଲିଗ ସହ ଗଠନ ହୋଇଥିବା ମେଣ୍ଟ ସରକାରରେ ରହିଥିଲେ। କଂଗ୍ରେସ ନୁହେଁ, ବିଜେପି ହିଁ ବିଭେଦତା ରାଜନୀତିରେ ବିଶ୍ୱାସ କରେ।"

## ଦିଲ୍ଲୀ ହାଇକୋର୍ଟରୁ ମିଳିଲା ଆଶ୍ୱସ୍ତି: ବିଜେପି ଟିକେଟରେ ନିର୍ବାଚନ ଲଢ଼ିପାରନ୍ତି ଦିଲ୍ଲୀପ ରାୟ


ଭୁବନେଶ୍ୱର, ୦୭/୦୪ (ନି.ପ୍ର): ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ରାଜ୍ୟର ବରିଷ୍ଠ ନେତା ଦିଲ୍ଲୀପ ରାୟଙ୍କୁ ଆଶ୍ୱସ୍ତି । ସେ ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ଟିକେଟରେ ପୁଣିଥରେ ରାଉରକେଲାରୁ ନିର୍ବାଚନ ଲଢ଼ିବାର ସମ୍ଭାବନା ରହିଛି । କୋଇଲା ଦୁର୍ନୀତି ମାମଲାରେ ଦିଲ୍ଲୀପ ୨୦୨୦ ଅକ୍ଟୋବର ୨୬ରେ ଟ୍ରାଏଲ କୋର୍ଟରେ ଦୋଷୀ ସାବ୍ୟସ୍ତ କରାଯିବା ଉପରେ ଦିଲ୍ଲୀ ହାଇକୋର୍ଟ ଆଜି ରହିତାଦେଶ ଜାରି କରିଛନ୍ତି ।



ଦିଲ୍ଲୀପଙ୍କୁ ଏହି କୋଇଲା ଦୁର୍ନୀତି ମାମଲାରେ ସିବିଆଇ କୋର୍ଟ ୩ବର୍ଷର ଜେଲ ଦଣ୍ଡାଦେଶ ଓ ୧୦ଲକ୍ଷ ଟଙ୍କାର ଜୋରିମାନା ଧାର୍ଯ୍ୟ ହୋଇଥିଲା । ଦିଲ୍ଲୀପଙ୍କ ଆବେଦନ ଉପରେ ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ ସ୍ୱରନ କାନ୍ତ ଶର୍ମା ଶୁଣାଣି କରି ଏପ୍ରିଲ ୫ତାରିଖରେ

▶▶ପୃଷ୍ଠା ୭

## ଆଉ ୨ ଜିଲ୍ଲାରେ ନୂଆ ଏସପି



ଭୁବନେଶ୍ୱର, ୦୭/୦୪ (ନି.ପ୍ର): ସାଧାରଣ ନିର୍ବାଚନ ପାଇଁ ପ୍ରକ୍ରିୟା ଜାରି ରହିଥିବା ବେଳେ ଆଜି ଆଉ ୨ଜିଲ୍ଲାରେ ନୂଆ ପୁଲିସ ଏସପିଙ୍କୁ ନିଯୁକ୍ତି ମିଳିଛି । ପୂର୍ବରୁ ନିର୍ବାଚନ କମିଶନ ୨ଜଣ ଆଇଏଏସ୍ ଓ ୬ଜଣ ଆଇପିଏସଙ୍କୁ ନିର୍ବାଚନ କାର୍ଯ୍ୟରୁ ଦୂରେଇ ରଖିବାକୁ ନିର୍ଦ୍ଦେଶ ଦେଇ ୩ଟି ଜିଲ୍ଲାରେ ନୂଆ ପୁଲିସ ଏସପିଙ୍କୁ ନିଯୁକ୍ତି ଦେଇଥିଲେ । ନିର୍ବାଚନ କମିଶନଙ୍କ ସଚିବ ରାକେଶ କୁମାର ଆଜି ରାଜ୍ୟ ମୁଖ୍ୟ ସଚିବ ପ୍ରଦୀପ ଜେନାଙ୍କୁ ଲେଖି ବ୍ରହ୍ମପୁର ପୁଲିସ ଏସପି ଭାବେ ୨୦୦୭ ବ୍ୟାଚ୍ ଆଇପିଏସ୍ ସାର୍ଥକ ଷଡ଼ଙ୍ଗୀ ଓ ଖୋର୍ଦ୍ଧା ପୁଲିସ ଏସପି ଭାବେ ୨୦୦୭ ବ୍ୟାଚ୍ ଆଇପିଏସ୍ ଅଶ୍ୱିନୀ କୁମାରଙ୍କୁ ନିଯୁକ୍ତି ଦେଇଛନ୍ତି । ଏହି ଉଭୟ ଅଫିସରଙ୍କ ନିଯୁକ୍ତି ସଂକ୍ରାନ୍ତ ବିଜ୍ଞପ୍ତି ଜାରି କରି ଆଜି ସନ୍ଧ୍ୟା ଉଲ୍ଲେଖଯୋଗ୍ୟ, ନିର୍ବାଚନ କମିଶନ ଗତ ଏପ୍ରିଲ ୩ ତାରିଖରେ ଖୋର୍ଦ୍ଧା ଏସପି ଯୁଗଳ କିଶୋର ବାନୋଥ ଓ ବ୍ରହ୍ମପୁର ଏସପି ସର୍ଭଣା ବିବେକ୍ ଏମଙ୍କ ସମେତ ଅନ୍ୟ ୪ଜଣ ଆଇପିଏସ୍ ଓ ୨ଜଣ ଆଇଏସଙ୍କୁ ନିର୍ବାଚନ କାର୍ଯ୍ୟରୁ ଦୂରେଇ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାସହିତ ରାଜ୍ୟ ସରକାରଙ୍କୁ ଏସବୁ ପଦବୀରେ ନିଯୁକ୍ତି ଦେବା ନିମନ୍ତେ ଅଫିସରଙ୍କ ୩ଜଣିଆ ତାଲିକା ପଠାଇବାକୁ କହିଥିଲେ । ଉକ୍ତ ତାଲିକା ଆଧାରରେ ନିର୍ବାଚନ କମିଶନ ଆଜି ୨ଜଣ ଆଇପିଏସଙ୍କୁ ବ୍ରହ୍ମପୁର ଓ ଖୋର୍ଦ୍ଧା ଏସପି ଭାବେ ମନୋନୀତ କରିଛନ୍ତି ।

## ରାନ୍ଧିଲା ବେଳେ ଫାଟିଲା ଗ୍ୟାସ୍ ସିଲିଣ୍ଡର, ୧୧ ଆହତ

ଗଞ୍ଜାମ , ୦୮/୪ (ନି.ପ୍ର): ରାନ୍ଧିଲା ବେଳେ ଫାଟିଲା ଗ୍ୟାସ୍ ସିଲିଣ୍ଡର। ଆଜି ସନ୍ଧ୍ୟା ବେଳେ ଏପରି ଭୟଙ୍କର ବିସ୍ଫୋରଣ ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକରେ ଜଣଙ୍କ ଘରେ ଘଟିଛି। ବିସ୍ଫୋରଣରେ ୧୧ ଜଣ ଆହତ ହୋଇଛନ୍ତି। ସମସ୍ତଙ୍କୁ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଛି। ଆଜି ସନ୍ଧ୍ୟା ବେଳେ ପାତ୍ରପୁର ବ୍ଲକ୍ ଆମୁଣ୍ଡି ଗାଁର ପ୍ରଶାନ୍ତ କୁମାର ବେହେରାଙ୍କ ଘରେ ରୋଷେଇ ହେଉଥିଲା। ଘରର ଜଣେ ମହିଳା ଗ୍ୟାସ୍‌ରେ ରାନ୍ଧୁ ଥିଲେ। ଠିକ୍ ସେହି ସମୟରେ ଗ୍ୟାସ୍ ଲିକ୍ ହୋଇ ନିଆଁ ଲାଗି ଯାଇଥିଲା। ନିଆଁ ଲାଗିଥିବା ଦେଖି ମହିଳା ଜଣକ ବାହାରକୁ ଆସି ସାହି ପଡ଼ିଶାଙ୍କୁ କହିଥିଲେ। ଧୀରେ ଧୀରେ ନିଆଁ ବ୍ୟାପୀ ଥିଲା। ଗାଁ ଲୋକେ ନିଆଁ ଲିଭାଇବା ପାଇଁ ଘରେ ପଶିବା ବେଳେ ଗ୍ୟାସ୍ ସିଲିଣ୍ଡରଟି ବ୍ଲାଷ୍ଟ କରିଥିଲା। ଗ୍ୟାସ୍ ସିଲିଣ୍ଡର ବ୍ଲାଷ୍ଟ କରିବାରୁ ନିଆଁ ଲିଭାଇବାକୁ ଯାଇଥିବା ଶଙ୍କର ମହାନ୍ତି, ପ୍ରଶାନ୍ତ କୁମାର ମହାନ୍ତି, ଶ୍ରୀକାନ୍ତ କୁମାର ବେହେରା, ସିଧେଶ୍ୱର ବେହେରା, କିରଣ ବିଷୋୟୀ, ଅମନ ପଟ୍ଟନାୟକ, ରିଙ୍କୁ ବେହେରା, ଗଣେଶ ବେହେରା, ସୁଜିତ ବେହେରା, ଶିବରାମ ବେହେରା ଓ ଜଗନ୍ନାଥ ପଣ୍ଡା ପ୍ରମୁଖ ଆହତ ହୋଇଥିଲେ। ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିବା ସହିତ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ମେଡ଼ିକାଲ୍‌ରେ ଭର୍ତ୍ତି କରିଥିଲା। ସେଠାରେ ୪ ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି।

## ସ୍କୁଟି ସହ କେନାଲକୁ ଖସି ପଡ଼ିଲେ ଯୁବକ: ମିଳୁନି ପତ୍ତା

କଟକ, ୦୮/୪ (ନି.ପ୍ର): ସ୍କୁଟି ସହ କେନାଲକୁ ଖସିପଡ଼ିଲେ ଯୁବକ। ଏପର୍ଯ୍ୟନ୍ତ ଯୁବକଙ୍କ ପତ୍ତା ମିଳିନାହିଁ। କଟକ ଜିଲ୍ଲା ବାରଙ୍ଗ ଥାନା ଅନ୍ତର୍ଗତ ପୁରୀ ମେନ୍ କେନାଲରେ ଏହି ଅଘଟଣ ଘଟିଛି। ନିଖୋଜ ଯୁବକ ଜଣଙ୍କ ହେଲେ ନଖରା ଅଞ୍ଚଳର ରାକେଶ ସାହୁ। ସେ ନରାଜ ନିକଟରେ ଥିବା ଓମଫେଡ ପ୍ଲାଣ୍ଟରେ କାମ କରନ୍ତି। ସୂଚନା ଅନୁସାରେ, ଗତକାଲି ରାତିରେ ରାକେଶ ସ୍କୁଟି ନେଇ ଘରୁ ଯାଉଥିଲେ। ଏହି ସମୟରେ ସେ ପୁରୀ ମେନ୍ କେନାଲକୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ କେନାଲରୁ ତାଙ୍କ ସ୍କୁଟି ଉଦ୍ଧାର କରିଥିବା ବେଳେ ଏପର୍ଯ୍ୟନ୍ତ ରାକେଶଙ୍କ ପତ୍ତା ମିଳିନାହିଁ। ଅଗ୍ନିଶମ ବାହିନୀ ପହଞ୍ଚି ରାକେଶଙ୍କୁ ଖୋଜାଖୋଜି କରୁଛନ୍ତି। ହେଲେ ଏପର୍ଯ୍ୟନ୍ତ ପତ୍ତା ମଳିନାହିଁ। କିପରି କେଉଁ ପରିସ୍ଥିତିରେ ରାକେଶ କେନାଲ ଭିତରକୁ ଖସି ପଡ଼ିଲେ ତାହା ଜଣାପଡ଼ିନାହିଁ। ପୁଲିସ ଘଟଣାର ତଦନ୍ତ କରୁଛି।

## ତାତି ଆସିଲା: ଜଙ୍ଗଲରେ ଲାଗିଲା ନିଆଁ

ଭୁବନେଶ୍ୱର, ୦୭/୦୪ (ନି.ପ୍ର): ରବିବାର ସୁଦ୍ଧା ରାଜ୍ୟର ୮ ହଜାର ପଏଣ୍ଟରେ ନିଆଁ ଲାଗିଛି। ୯୯.୫ ପ୍ରତିଶତ ନିଆଁକୁ ଲିଭାଯାଇଛି। ଆଜି ରାଜ୍ୟରେ ୨୦୦ ପଏଣ୍ଟରେ ନିଆଁ ଲାଗିଥିବା ଖବର ଆସିଛି। ଏନେଇ ସୂଚନା ଦେଇଛନ୍ତି ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ। ସେ କହିଛନ୍ତି, ଗତବର୍ଷ ଏହି ସମୟ ସୁଦ୍ଧା ରାଜ୍ୟର ୨୭ ହଜାର ପଏଣ୍ଟରେ ନିଆଁ ଲାଗିଥିଲା। ମାଲକାନଗିରିରେ ପୋଡୁ ଚାଷ ପାଇଁ ଅଧିକ ନିଆଁ ଲାଗୁଛି। ମହୁଲ ଫୁଲ ସଂଗ୍ରହ ଓ



ଜନ୍ତୁ ଶିକାର ପାଇଁ ମଧ୍ୟ ନିଆଁ ଲଗାଉଛନ୍ତି ଲୋକେ। ଏମିତିକି କିଛି ଲୋକ ଦୁଷ୍ଟାମୀ କରିବା ପାଇଁ ଜଙ୍ଗଲରେ ନିଆଁ ଲଗାଉଥିବା ଦେଖିବାକୁ ମିଳୁଛି। ନିଆଁ ଲଗାଉଥିବା ଲୋକ ଧରା ପଡ଼ିଲେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ନିଆଁ ଲିଭାଇବା ପାଇଁ ୩୬୭ ସ୍କ୍ୱାର୍ଡ ନିୟୋଜିତ ହୋଇଛନ୍ତି। ୨ ହଜାର ୩୬୫ ସେଫଟି କିଟ୍ ସହ ୪ ହଜାର ୭୯୦ ଫାୟାର ଗ୍ଲୋଭର ଦିଆଯାଇଛି। ଜଙ୍ଗଲ ନିଆଁ ଲିଭାଇବା ପାଇଁ ସ୍ୱତନ୍ତ୍ର ଭାବେ ୩୩୦ ଗାଡ଼ି ନିୟୋଜିତ କରାଯାଇଛି। ଜଙ୍ଗଲରେ ଫାୟାର ଲାଇନ ଚିହ୍ନଟ କରିବା ସହ ଜନ ସଚେତନ କରାଯାଉଛି। ଅଧିକ ନିଆଁ ବ୍ୟାପିଲେ ଓଡ୍ରାଫ୍ ଟିମ୍ ସହାୟତା

▶▶ପୃଷ୍ଠା ୭

## ବେପାରୀ ସାଜି ମାଡ଼ି ବସିଲେ ବନ କର୍ମଚାରୀ: ଜବତ କଲେ ୫ କଲରା ପତରିଆ ବାଘ ଛାଲ



ଗଜପତି , ୦୮/୪ (ନି.ପ୍ର): ବାଘ ଛାଲ ବିକ୍ରି ପାଇଁ ଚାଲିଥିଲା ଡିଲ୍ । ବେପାରୀ ସାଜି ପହଞ୍ଚିଲେ ବନ କର୍ମଚାରୀ। ବହୁ ସମୟ ପରେ ଫାଇନାଲ୍ ହେଲା ଡିଲ୍ । ମାତ୍ର ବାଘ ଛାଲ ବିକ୍ରି ପୂର୍ବରୁ ଅଭିଯୁକ୍ତଙ୍କୁ ମାଡ଼ି ବସିଲେ ବେପାରୀ ବେଶରେ ଥିବା ବନ କର୍ମଚାରୀ।

▶▶ପୃଷ୍ଠା ୭

## ବିଜେଡି ଛାଡ଼ିଲେ ପୂର୍ବତନ ସାଂସଦ ପ୍ରଭାସ ସିଂ

ବରଗଡ଼, ୦୮/୪ (ନି.ପ୍ର): ବିଜେଡି ଛାଡ଼ିଲେ ବରଗଡ଼ର ପୂର୍ବତନ ସାଂସଦ ପ୍ରଭାସ ସିଂ। ନବୀନ ନିବାସରେ ପହଞ୍ଚି ସେ ତାଙ୍କ ଇସ୍ତଫା ପତ୍ର ଦେଇଛନ୍ତି। ଜିଲ୍ଲା ସଭାପତି ପଦରୁ ତଥା ବିଜେଡିର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି ପ୍ରଭାସ। ୨୦୧୪ରୁ ୨୦୧୯ ଯାଏ ବରଗଡ଼ର ସାଂସଦ ଥିଲେ ପ୍ରଭାସ। ଗତଥର ତାଙ୍କୁ ଟିକେଟ ମିଳିନଥିଲା। ସେ ଟିକେଟ ପାଇଁ ଆଶାୟୀ ଥିଲେ ମଧ୍ୟ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଦଳ ପ୍ରାର୍ଥୀ କରିଥିଲା। ଏଥର ମଧ୍ୟ ସାଂସଦ ଟିକେଟ ପାଇଁ ଆଶାୟୀ ଥିଲେ ପ୍ରଭାସ। ଏଥର ବି




ତାଙ୍କୁ ନିରାଶ ହେବାକୁ ପଡ଼ିଛି। ଦଳ ତାଙ୍କୁ ଟିକେଟ ନ ଦେଇ ପରିଣୀତା ମିଶ୍ରଙ୍କୁ ବରଗଡ଼ ସଂସଦୀୟ କ୍ଷେତ୍ର ପାଇଁ ପ୍ରାର୍ଥୀ କରିଛି। ଦୁଇ ଦୁଇ ଥର ନିରାଶ ହେବା ପରେ ପ୍ରଭାସ ଆଜି ଦଳ ଛାଡ଼ିଛନ୍ତି। ବିଜେଡି ଛାଡ଼ିବା ପରେ ପ୍ରଭାସ କହିଛନ୍ତି, ଦଳ ଗଠନରେ ଗୁଣ୍ଡୁଚି ମୂଷା ଭଳି ମୋର ଅବଦାନ ଥିଲା। ଦଳ ପାଇଁ ମୁଁ ବହୁତ କାମ କରିଛି। ବିଜେପୁର ଓ ପଦ୍ମପୁର ଉପନିର୍ବାଚନରେ ଦଳ ପାଇଁ କଠିନ ପରିଶ୍ରମ କରିଛି। ବରଗଡ଼ ଜିଲ୍ଲାର ବିକାଶ ପାଇଁ ମୁଁ କାମ କରିଛି। ବିଜେଡିରେ ଯେଉଁ ନୀତି, ଆଦର୍ଶ ଥିଲା, ଏବେ ସେହି ଆଭିମୁଖ୍ୟ ଏବେ ଆଉ ଦଳରେ ନାହିଁ। ଦଳରେ ମୋ ଭଳିଆ ଉଚ୍ଚ ଶିକ୍ଷିତ ବ୍ୟକ୍ତିର ଆବଶ୍ୟକ ନାହିଁ। ଦଳ ଏବେ ଯେପରି ଭାବେ ଚାଲିଛି ଆମ ଭଳିଆ ଲୋକ ଦଳରେ ଦରକାର ନାହିଁ।

▶▶ପୃଷ୍ଠା ୭

## ନିର୍ବାଚନ ପୂର୍ବରୁ ବ୍ୟବସାୟୀଙ୍କ ଘରେ ରେଡ: ସାଢେ ୫ କୋଟି ଟଙ୍କା ସାଙ୍ଗକୁ ମିଳିଲା ୩ କେଜି ସୁନା

ନୂଆଦିଲ୍ଲୀ, ୦୮/୪ : ସାଧାରଣ ନିର୍ବାଚନ ପୂର୍ବରୁ ଜବତ ହେଲା ଆଖି ଖୋସିଦେବା ପରି ଟଙ୍କା, ସୁନା। ପୁଳା ପୁଳା ଟଙ୍କା, ସୁନା ଦେଖି ପୁଲିସ୍ ତାଜୁବ ହୋଇ ଯାଇଥିବା ବେଳେ ଏହି ମାମଲାରେ ଜଣଙ୍କୁ ବାନ୍ଧିଛି। ସାଧାରଣ ନିର୍ବାଚନ ପୂର୍ବରୁ ଜବତ ହେଲା ଆଖି ଖୋସିଦେବା ପରି ଟଙ୍କା, ସୁନା। ପୁଳା ପୁଳା ଟଙ୍କା, ସୁନା ଦେଖି ପୁଲିସ୍ ତାଜୁବ ହୋଇ ଯାଇଥିବା ବେଳେ ଏହି ମାମଲାରେ ଜଣଙ୍କୁ ବାନ୍ଧିଛି। ଏପରି ଏକ ଘଟଣା କର୍ଣ୍ଣାଟକାରେ ବେଲ୍ଲାରୀରେ ଘଟିଛି। ବେଲ୍ଲାରୀର ସୁନା ବ୍ୟବସାୟୀ



ନରେଶଙ୍କ ଘରୁ ନଗଦ ୫.୬୦ କୋଟି ଟଙ୍କା, ୩ କେଜି ସୁନା, ୧୦୩ କେଜି ରୁପା ଅଳଙ୍କାର ଓ ୬୮ ରୁପା ପିସ୍ ଜବତ ହୋଇଥିବା ଜଣାଯାଇଛି। ପୁଲିସ୍ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ନରେଶଙ୍କ ଘରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ସେଠାରୁ ବିପଳ ପରିମାଣର ଚାନ୍ଦି, ସୁନା, ଟଙ୍କା ଆଦି ଜବତ ହୋଇଛି। ତେବେ ଏନେଇ କୌଣସି ବୈଧ ଡକ୍ୟୁମେଣ୍ଟ ନରେଶ ଦେଖାଇ ପାରି ନ ଥିଲେ। ଫଳରେ ତାଙ୍କୁ ପୁଲିସ୍ ଘରୁ ଉଠାଇ ନେଇ ବାନ୍ଧିଥିବା ଜଣାଯାଇଛି। ଏନେଇ ଆୟକର ବିଭାଗକୁ ସୂଚନା ଦିଆଯିବ ବୋଲଇ ପୁଲିସ୍ ଅଧିକାରୀ ସୂଚନା ଦେଇଛନ୍ତି।

## ଲୋକସଭା ନିର୍ବାଚନ: କଂଗ୍ରେସ ୩, ଏନସି ୩, ପିଡିପିକୁ କିଛି ମିଳିଲାନି

ନୂଆଦିଲ୍ଲୀ, ୦୮/୪ : ଜମ୍ମୁ-କଶ୍ମୀର ଓ ଲଦାଖରେ ଏକାଠି ଲଢ଼ିବେ କଂଗ୍ରେସ ଏବଂ ଫାରୁକ ଅବଦୁଲ୍ଲାଙ୍କ ନ୍ୟାଶନାଲ କନଫରେନ୍ସ। ଉଭୟ ଇଣ୍ଡିଆ ମେଣ୍ଟର ସଦସ୍ୟ ଥିବା ବେଳେ ସେମାନଙ୍କ ମଧ୍ୟରେ ସିଟ ଶେୟାରିଂ ଫର୍ମୁଲା ଆଜି ଫାଇନାଲ ହୋଇଛି। ଉଭୟ ଦଳ ଜମ୍ମୁ-କଶ୍ମୀରର ଓ ଲଦାଖର ୬ଟି ଲୋକସଭା ଆସନରୁ ୩ଟି ଲେଖାଏରେ ଲଢ଼ିବେ। କିନ୍ତୁ ଇଣ୍ଡିଆ ମେଣ୍ଟରେ ଥିବା ମେହବୁବା ମୁଫତିଙ୍କ ପିଡିପିକୁ ଉଭୟ ଦଳ କୌଣସି ଗୋଟିଏ ଆସନ ବି ଦେଇ ନାହାନ୍ତି। ମୁଫତି ଜମ୍ମୁ-କଶ୍ମୀରର ଅନନ୍ତନାଗ-ରଜୌରୀ ଆସନରୁ ଲଢୁଥିବା ବେଳେ କଂଗ୍ରେସ ଏହାକୁ ସମର୍ଥନ କରିବା ଉଭୟ ଦଳ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ ରହିଥିଲା। କିନ୍ତୁ ଅନନ୍ତନାଗ ଆସନ ଏବେ ନ୍ୟାଶନାଲ କନଫରେନ୍ସ ଖାତାକୁ ଯାଇଛି। ଡିଲ ଅନୁସାରେ, କଂଗ୍ରେସ ଉଦ୍ଧମପୁର, ଜମ୍ମୁ ଓ ଲଦାଖର ଏକମାତ୍ର ଲୋକସଭା ଆସନରେ ନିର୍ବାଚନ ଲଢ଼ିବ। ସେହିପରି ଏନସିପି ଅନନ୍ତନାଗ, ବାରମୁଲ୍ଲା ଓ ଶ୍ରୀନଗର ଲୋକସଭା ଆସନରେ ପ୍ରାର୍ଥୀ ଦେବ ବୋଲି ଏନସି ନେତା ଓମାର ଅବଦୁଲ୍ଲା ଘୋଷଣା କରିଛନ୍ତି। ବରିଷ୍ଠ କଂଗ୍ରେସ ନେତା ସଲମାନ ଖୁର୍ସିଦ କହିଛନ୍ତି, ପିଡିପି ହେଉଛି ଇଣ୍ଡିଆ ବ୍ଲକର ଅଂଶବିଶେଷ। କିନ୍ତୁ ସିଟ୍? ବୁଝାମଣା ଗୋଟିଏ ଅଲଗା ଜିନିଷ। ଏହା ସିଟ ଶେୟାରିଂର ମେଣ୍ଟ ନୁହେଁ। ଏହା ବିଚାରଧାରାର ମେଣ୍ଟ



ବୋଲି ସେ କହିଛନ୍ତି। ଜମ୍ମୁ-କଶ୍ମୀରରେ ୫ ଲୋକସଭା ଓ ଲଦାଖର ଗୋଟିଏ ଲୋକସଭା ଆସନ ପାଇଁ ଭୋଟିଂ ହେବ। ଇଣ୍ଡିଆ ବ୍ଲକରେ ଥିବା ମେହବୁବା ମୁଫତି ନିକଟରେ ଦିଲ୍ଲୀ ଯାଇ ଅନ୍ୟ ବିରୋଧୀ ଦଳଗୁଡ଼ିକ ସହ ମିଶି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫଦାରୀ ବିରୋଧରେ ବିକ୍ଷୋଭ କରିଥିଲେ। କିନ୍ତୁ ସେ ସ୍ୱତନ୍ତ୍ର ଭାବେ କଶ୍ମୀରର ୩ ଆସନ ପାଇଁ ନିଜର ପ୍ରାର୍ଥୀ ଘୋଷଣା କରିଥିଲେ। ମୁଫତି ଅନନ୍ତନାଗ ଆସନରେ ଲଢ଼ିବାକୁ ଥିବା ବେଳେ ଏଠାରେ ଗୁଲାମ ନବୀ ଆଜାଦ ଓ ନ୍ୟାଶନାଲ କନଫରେନ୍ସର ପ୍ରାର୍ଥୀ ତାଙ୍କୁ ଚ୍ୟାଲେଞ୍ଜ କରିବେ ବୋଲି କୁହାଯାଉଛି।

# କୌଣସି ଆଇନକୁ ଖାତିର ନାହିଁ, ବର୍ଜ୍ୟ ପାଉଁଶ ସହର ସାରା ଗଦା କରୁଛି ଏନଏସପିସିଏଲ

ରାଉରକେଲା, ୦୮/୪ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା ଭିତରେ କାରଖାନାକୁ ତାପଜ ବିଦ୍ୟୁତ ଯୋଗାଇ ନିଜର ବ୍ୟବସାୟ କରୁଥିବା ଏନଏସପିସିଏଲ କଂପାନୀ ରାଉରକେଲା ସହର ସମେତ ଆଖପାଖ ଅଁଚଳରେ କାରଖାନାରୁ ବାହାରୁଥିବା ବର୍ଜ୍ୟ ପାଉଁଚକୁ ଗଦା କରିବାରେ ଲାଗିଛି। ଫଳରେ ଏହି ପାଉଁଶ ପବନରେ ଉଡି ଲୋକଙ୍କ ଘରେ ପଶିବା ସହ ରାସ୍ତାରେ ଯାଉଥିବା ଲୋକଙ୍କ ଲାଗି ସମସ୍ୟାର କାରଣ ହେଉଛି। ଏନେଇ ରାଉରକେଲା ବିଧାୟକଙ୍କର ଅଭିଯୋଗ କ୍ରମେ ନିକଟରେ ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ସମ୍ପୃକ୍ତ କଂପାନୀକୁ ଜରିମାନା କରିବା ସତ୍ତ୍ୱେ କାରଖାନା କର୍ତ୍ତୁପକ୍ଷ ଏଥିରୁ ନିବୃତ ହୋଇନାହାନ୍ତି ବରଂ କେନ୍ଦ୍ର ସରକାରଙ୍କ ପାଖଲୋକ କହୁଥିବା ଗୁଣ୍ଡାଙ୍କୁ ଏସପିସି ବୋର୍ଡର ଅଧିକାରୀ ମାନଙ୍କ ପଛରେ ଲଗାଇ କଂପାନୀ ଏଠି ଗୁଣ୍ଡାରାଜ ଚଳାଇଥିବାର ଅଭିଯୋଗ ହେଉଛି। ଅଭିଯୋଗରୁ ଜଣାପଡିଛି ଯେ, କାରଖାନାର ତିନୋଟି ତାପଜ ବିଦ୍ୟୁତ ଉତ୍ପାଦନ ୟୁନିଟ ରହିଛି । ଏହି ୟୁନିଟ ଗୁଡିକରେ ଲକ୍ଷ ଲକ୍ଷ ଟନ କୋଇଲା ବ୍ୟବହାର କରାଯାଇ ଏଠାରୁ ତାପଜ ବିଦ୍ୟୁତ ଉତ୍ପାଦନ କରାଯାଏ, ଏଥିରୁ ବାହାରୁଥିବା ବର୍ଜ୍ୟ ପାଉଁସ ଲାଗି ନିଜ ଅଁଚଳରେ ଆସ ପଣ୍ଡ (ପାଉଁଶ ପୋଖରୀ) ମାନ ତିଆରି କରାଜିବା କଥା, କିନ୍ତୁ ଏହି କାରଖାନାର ପାଉଁଶ ପୋଖରୀ ତିନୋଟି କେଉଁକାଳରୁ ପୋତି ହୋଇଯାଥିବା ବେଳେ ପାଉଁଶ ଗୁଡିକ ଏଣେ ତେଣେ ଫୋପଡା ଚାଲିଛି ବୋଲି ଖବର ମିଳିଛି । ଏହି କାରଖାନାର ୩ଟି ଆସପଣ୍ଡ ରହିଥିଲା, ଏହା କେଉଁଦିନରୁ ପୋତି ହୋଇସାରିଛି, ବର୍ତମାନ ଏହି କାରଖାନା ଦିନକୁ ପ୍ରାୟ ୨୦୦୦ ମେଟ୍ରିକ ଟନ ରୁ ଅଧିକ କୋଇଲା ବିଦ୍ୟୁତ ଉତ୍ପାଦନ ଲାଗି ବ୍ୟବହାର କରୁଛି। ଫଳରେ ହଜାର ହଜାର ଟନ ବର୍ଜ୍ୟ ପାଉଁଶ କାରଖାନାରୁ ବାହାରୁଛି। ଏଗୁଡିକ ଆଇନକୁ ଆଖିଠାର ଦେଖାଇ ଆରଏସପି ଫାଟକ ଦେଇ ବାହାରକୁ ଅଣାଯାଇ ଏଣେ ତେଣେ ଫୋପଡା ଚାଲିଛି। ଡିଏଭି ପୋଖରୀ ପାଖରେ ଥିବା ଖାଲି ଯାଗାରେ ଏଭଳି ପାଉଁଶ ଏହି ସଂସ୍ଥା ପକାଇବା ଦ୍ୱାରା ସେଠାରେ ପାଉଁଶ ଉଡି ନାନା ସମସ୍ୟା ସୃଷ୍ଟି କରୁଛି । ଖାଲି ଏହି ଯାଗା ନୁହେଁ ସହରର ବିଭିନ୍ନ ମନ୍ଦିର, ରାସ୍ତା କଡର ପଡିଆ, ବସ୍ତି ଅଁଚଳ ସମେତ ରାଜ୍ୟ ଜାତୀୟ ରାଜପଥ ପାଖରେ ଏହି ପାଉଁଶ ଗଦା ଚାଲିଛି । ଏହି କାରଖାନାର ପାଉଁଶ ପୋଖରୀ ନିର୍ମାଣ ଲାଗି କୌଣସି ପଦକ୍ଷେପ ନିଆଯାଉନଥିବା ବେଳେ ବର୍ଷ ବର୍ଷ ସମୟ ଗଡିଚାଲଛି, ସେପଟେ ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡକୁ ନାଲି ଆଖି ଦେଖାଇ ଲୋକଙ୍କୁ ଖାତିର ନକରି ପାଉଁଶ ଗୁଡିକୁ ଏଣେ ତେଣେ ପକାଇ ନିଜର ଫାଇଦା ଉଠା ଚାଲିଛି ଓ ଲୋକଙ୍କୁ ରୋଗ ମଧ୍ୟକୁ ଠେଲି ଦିଆଚାଲିଛି । ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡର ଜଣେ ବରିଷ୍ଠ ଅଧିକାରୀ ନାମ ପ୍ରକାଶ ନକରିବାକୁ ଅନୁରୋଧ କରି କହିଛନ୍ତି ଯେ, ଏହି ସବୁ ପାଉଁଶ ଅନୁଗୁଳ, ସମ୍ବଲପୁର ଜାତୀୟ ରାଜପଥ ନିର୍ମାଣ କାମରେ ଲଗାଜିବା ଲାଗି ସେ ଅଁଚଳକୁ ପଠାଜିବା କଥା, କିନ୍ତୁ ପରିବହନ ଖର୍ଚ୍ଚରୁ ରକ୍ଷା ପାଇବା ଲାଗି କଂପାନୀ ଏଭଳି କାମ ଚଳାଇଛି । ଏନେଇ ଏସପିସି ବୋର୍ଡର ରାଉରକେଲା ୟୁନିଟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରୁ ଏଥିରେ କିଛି ଗୁଣ୍ଡା ଶ୍ରେଣୀୟ ବ୍ୟକ୍ତି ନିଜକୁ କେନ୍ଦ୍ର ସରକାରଙ୍କ ଲୋକ ଏହା ସେମାନଙ୍କ ସରକାରର କମ୍ପାନୀ ଦର୍ଶାଇ ନାଲିଆଖି ମଧ୍ଯ ଦେଖାଉଥିବାର ଅଭିଯୋଗ ହେଉଛି । ଏଠାରୁ ବୁଝିବାକୁ ହେବ ଲୋକ ରୋଗରେ ପଡି ମରନ୍ତୁ କିନ୍ତୁ କେନ୍ଦ୍ର ସରକାରଙ୍କ ନାମରେ ବୁଲୁଥିବା ଗୁଣ୍ଡାଙ୍କ ଭୟରେ ରାଜ୍ୟ ସରକାରଙ୍କର ଏସପିସି ବୋର୍ଡ ନିରବ ରହିବ । ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଏନେଇ ଅଭିଯୋଗ କଲାପରେ ଏସପିସି ବୋର୍ଡ କଂପାନୀକୁ ୧୪ ଲକ୍ଷ ୫୮ହଜାର ଟଙ୍କା ଜରିମାନା କରିଛନ୍ତି, ଏଥିରେ ଉତକ୍ଷିପ୍ତ ହୋଇ କାରଖାନା ବାଲା ଗୁଣ୍ଡା ଭୟ ଦେଖାଇବା ସହ ପୁର୍ନବାର ପାଉଁଶ ଏଣେ ତେଣେ ଫୋପାଡି ଚାଲିଛନ୍ତି।

# ସୁବର୍ଣ୍ଣେଶ୍ୱରଙ୍କ ପୀଠରେ ନବାହ୍ନ ପାରାୟଣ ପ୍ରସ୍ତୁତି

ଭଦ୍ରକ, ୦୮/୪ (ନି.ପ୍ର): ଭଦ୍ରକ ଜିଲା ବନ୍ତ ବ୍ଲକ ରାଉତରାପୁର ତ୍ରିସାଲିଆ ସ୍ଥିତ ଶ୍ରୀ ଶ୍ରୀ ସୁବର୍ଣ୍ଣେଶ୍ୱର ମହାଦେବଙ୍କ ପିଠରେ ପବିତ୍ର ପଣା ସଂକ୍ରାନ୍ତି ଆବସରରେ ଆସନ୍ତା ୧୩ତାରିଖ ଠାରୁ ନର୍ବାହ୍ନ ପାରାୟଣ ପାଳନ କରାଯିବ। ଏ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭ ଦିବସରେ ମହାବୀର ଜୟନ୍ତି, କଳସ ଶୋଭା ଯାତ୍ରା ଓ ପୂଜାପାଠ ପରେ ନର୍ବାହ୍ନ ପାରାୟଣ ଆରମ୍ଭ ହେବ। ମହାନ୍ତିପଡା, ପାଟକନା, ଢେଙ୍କା,ସଢା, ବିଦ୍ୟାଧରପୁର, ହଳଦୀପହଣି, ସୋସୋ, ପୁରୁଷଣ୍ଡ, ଡଗରପଡା, ଆଡିଆ, କୁଆଁର୍ଦା, ଜିରିଣା ଆଦି ଅ ଳରୁ ୮୦ରୁ ଉର୍ଦ୍ଧ ଘ , ଜିଭଫୋଡା, ପିଠିଫୋଡା ପାଟୁଆଦଳ ମାନେ ଶୋଭାଯାତ୍ରାରେ ଆସି ମହାଦେବଙ୍କ ପିଠରେ ମାନସିକ ଭାଙ୍ଗିବେ। ପ୍ରତ୍ୟେହ ସନ୍ଧ୍ୟାରେ ପ୍ରବଚ୍ଚକ ପଣ୍ଡିତ ମନୋଜ ରଥ, ପଣ୍ଡିତ ବସନ୍ତ ବିଶୋଇ, ଶାରଦା ପ୍ରସାଦ କର ପ୍ରମୁଖ ରାମଚରିତ କଥାମୃତ ଉପରେ ଦିବ୍ୟ ପ୍ରବଚ୍ଚନ ପ୍ରଦାନ କରିବେ। ଶେଷ ଦିନରେ ରାବଣ ପୋଡି ଉତ୍ସବ ସହ ପୂର୍ଣ୍ଣାହୂତି କାର୍ଯ୍ୟ ସମାପନ କରାଯିବ। କମିଟିର ଧୃବଚରଣ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ରଞ୍ଜନ ପାଣିଗ୍ରାହୀ, ବାବୁରାମ ମଲ୍ଲିକ, ସନାତନ ମହାନ୍ତି, ସୁବାଷ ସାହୁ, ଅଶୋକ ପରିଡା, ବିପିନ ଶତପଥି, ପଦ୍ମନାଭ ଖଟୁଆ, ବାବୁ ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଘରେ ପଶି ସୁନାଗହଣା ଲୁଟ୍ : ଡ଼କାୟତଙ୍କ ଆକ୍ରମଣରେ ୪ ଆହତ

ନିମାପଡା, ୦୮/୪ (ନି.ପ୍ର): ପୁରୀ ଜିଲ୍ଲା ବଳଙ୍ଗା ଅଂଚଳରେ ଗତକାଲି ବିଳମ୍ବିତ ରାତିରେ ରବିନ୍ଦ୍ର ମହାପାତ୍ରଙ୍କ ଘରର ଗ୍ରିଲ କାଟି ଡ଼କାୟତମାନେ ଘରେ ପଶିବା ସହ ସୁନାଗହଣା ଲୁଟ୍ କରିଛନ୍ତି । ଡ଼କାୟତଙ୍କ ଶାବଳ ଓ ଭୂଜାଲି ଆକ୍ରମଣରେ ସମ୍ପୃକ୍ତ ପରିବାର ଗୃହକର୍ତାଙ୍କ ସମେତ ୪ ଜଣ ଆହତ ହୋଇଛନ୍ତି । ତନ୍ମଧ୍ୟରୁ ଗୁରୁତର ଦୁଇ ଜଣଙ୍କୁ ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଭର୍ତି କରାଯାଇଛି । ବଳଙ୍ଗା ଥାନା ପୋଲିସ ଘଟଣାର ତଦନ୍ତ କରୁଛି। ପିପିଲି ଡିଏସପି ଓ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଘଟଣାସ୍ଥଳରେ ପହଂଚି ସାଇଂଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛନ୍ତି ।

# ରାମନବମୀ ପାଳନ କମିଟି ସହ ପ୍ରଶାସନର ବୈଠକ ଆଲୋଚନା ବିଫଳ

ଜୟପୁର, ୦୮/୪ (ନି.ପ୍ର): ଜୟପୁର ପୌରସଭା ଗୃହରେ ରାମ ନବମୀ ପାଳନ କମିଟି ସହ ଉପଖଣ୍ଡ ପ୍ରଶାସନର ବୈଠକ ଅନୁଷ୍ଠିତ ହୋଇଛି । ଆଜି ଅନୁଷ୍ଠିତ ବୈଠକରେ ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡା, ଏସଡିପିଓ ଅଙ୍କିତ କୁମାର ବର୍ମା, ପୌର ନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ତହସିଲଦାର ମୋନାଲିସା ଆଚାର୍ଯ୍ୟ, ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି, ଟାଉନ ଥାନା ଅଧିକାର ରମଣି ରଞ୍ଜନ ଦଳେଇ ଉପସ୍ଥିତ ଥିଲେ । ରାମ ନବମୀ ପାଳନ କମିଟି ଜୟପୁର ର ସଦସ୍ୟ ମାନେ ଉପସ୍ଥିତ ରହି ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ ଧୁମ ଧାମରେ ପାଳନ କରିବାକୁ ଦାବି କରିଥିଲେ । ବର୍ତମାନ ନିର୍ବାଚନ ଥିବାରୁ ଅପ୍ରତିକର ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ପ୍ରଶାସନ କେତେକ ନିୟମ ପ୍ରଣୟନ କରିଛନ୍ତି । ଦ୍ୱିତିୟ ବୈଠକ ଅନୁଷ୍ଠିତ ହୋଇଥିଲେ ବି କିଛି ସମାଧାନ ହୋଇ ପାରିଲା ନାହିଁ । ପ୍ରଶାସନ ତରଫରୁ ପାୱାର ହାଉସ ଛକ ହନୁମାନ ମନ୍ଦିରରୁ ଶୋଭାଯାତ୍ରା ନବାହାରି ରଜାନହରରରୁ ବାହାରିବ । ଅପରାହ୍ନ ୩ଟାରୁ ଶୋଭାଯାତ୍ରା ବାହାରି ରାତ୍ର ୭ଟାରେ ଶେଷ କରିବ, ଶୋଭାଯାତ୍ରା ରେ ମାରଣାସ୍ତ୍ର ସାମିଲ ହେବ ନାହିଁ । ଯେଉଁ ଫେନ୍ସି ଡ୍ରେସ ରେ ସାମିଲ ହେବେ ସେ ମାନେ ନକଲି ହତିଆର ଧରିବେ । ଡିଜେ ଶୋଭାଯାତ୍ରା ରେ ସାମିଲ ହେବ ନାହିଁ । ୬୫ ଡେସିମେଲରୁ ଅଧିକାରି ସାଉଣ୍ଡ ହେବ ନାହିଁ ବୋଲି ପ୍ରଶାସନ ନିଷ୍ପତି ନେଇଛି। ଏହାକୁ କମିଟି ର ସଦସ୍ୟମାନେ ବିରୋଧ କରି କକ୍ଷ ତ୍ୟାଗ କରି ଚାଲି ଯାଇଥିଲେ । ପ୍ରଶାସନ ଅଧିକାରି ମାନେ ମଧ ଉଠି ଚାଲି ଯାଇଥିଲେ ।

# ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ଛାତ୍ରଙ୍କ ଶିକ୍ଷୟତ୍ରୀଙ୍କୁ ସମ୍ବର୍ଦ୍ଧନା

ଘଟଗାଁ, ୦୮/୪ (ନି.ପ୍ର): ଆନନ୍ଦପୁରର ସର୍ବପୁରାତନ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ମାନଙ୍କର ଏକ ସମାବେଶ ଆନନ୍ଦପୁର ବ୍ରିଜ ଛକ ଠାରେ ଥିବା ହୋଟେଲ ରୟାଲ ପ୍ୟାଲେସରେ ଅନୁଷ୍ଠିତ ହୋଇଯାଇଛି । ସକାଳ ୯ ଘଟିକା ସମୟରେ ଆୟୋଜିତ କାର୍ଯ୍ୟକ୍ରମ କୁ ଖଗେଶ୍ୱର ସାହୁ ସଂଯୋଜନା କରୁଥିବା ବେଳେ ଅତିଥି ଭାବେ ଶିକ୍ଷୟତ୍ରୀ ଜ୍ୟୋତିର୍ମୟୀ ଦୀକ୍ଷିତ ଙ୍କୁ ସହପାଠୀ ମାନେ ସ୍ୱାଗତ ଜଣାଇବା ପରେ, ଜଗତ ଜନନୀ ମା ତାରିଣୀଙ୍କ ଫୋଟୋ ଚିତ୍ର ଉପରେ ପୁଷ୍ପ ମାଲ୍ୟ ଅର୍ପଣ କରି ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଦୀର୍ଘ ୪୦ ପରେ ଏହି ସମାବେଶରେ ଛାତ୍ର ମାନଙ୍କୁ ଦେଖି ଭାବ ବିହ୍ୱଳ ହୋଇ ଥିଲେ । ଅନେକ ଦିନ ପରେ ସରସ୍ୱର କୁ ପାଖରେ ପାଇ ପୁରୁଣା ସ୍ମୃତିକୁ ମନେ ପକାଇ ଛାତ୍ର ମାନଙ୍କ ସହିତ ଖୁସି ବାଂଟିଥିଲେ । ଏହି ଅବସରରେ ଆଦର୍ଶ ଶିକ୍ଷୟତ୍ରୀ ଜ୍ୟୋତିର୍ମୟୀ ଦୀକ୍ଷିତଙ୍କୁ ପୁରାତନ ଛାତ୍ର ମାନେ ଉପଢୌକାନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ବିଦ୍ୟାଳୟର ଦିବଂଗତ ଶିକ୍ଷକ ଓ ସହପାଠୀଙ୍କ ଉଦ୍ଦେଶ୍ୟରେ ସେମାନଙ୍କର ଆତ୍ମର ସଦ୍ଗତି ନିମନ୍ତେ ୨ ମିନିଟ ନିରବ ପାର୍ଥନା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିରଂଚି ପାତ୍ର ସଭାପତିତ୍ୱ କରିଥିବା ବେଳେ ପ୍ରଫୁଲ୍ଲ କୁମାର ସାହୁ, ରଞ୍ଜନ ସାହୁ, ପ୍ରୀତିରଞ୍ଜନ ସାହୁ, ପ୍ରସନ୍ନ ସାହୁ, ରାଜ କୁମାର ସାହୁ, ଉମେଶ ଖୁଂଟିଆ, ତାପସ ମହାରଣା, ମଧୁସୂଦନ ପଣ୍ଡିତ, କିଶୋର ଦଳେଇ, ସୁଧାଂଶୁ ମହାପାତ୍ର ପ୍ରମୁଖ ୫୦ ରୁ ଛାତ୍ର ମାନେ ଯୋଗ ଦେଇଥିବା ବେଳେ ଅଜିତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାସ୍ତା ନାହିଁ ତ ଭୋଟ ନାହିଁ

ଜୟପୁର, ୦୮/୪ (ନି.ପ୍ର): ରାଜ୍ୟ ସରକାରଙ୍କ ଗାଁ କୁ ରାସ୍ତା ମାଆକୁ ସମ୍ମାନର ନାରା ଆଜି ବି ଗ୍ରାମାଂଚଳରେ ପହଂଚି ପାରିନି। ବର୍ଷ ବର୍ଷ ଧରି ଗାଁ କୁ ଖଣ୍ଡେ ରାସ୍ତା ନାହିଁ। ଗ୍ରାମବାସୀ ଏନେଇ ପ୍ରଶାସନ ଠାରୁ ଆରମ୍ଭ କରି ରାଜନେତା ପର୍ଯ୍ୟନ୍ତ ସମସ୍ତ ଙ୍କୁ ବାରମ୍ବାର ଗୁହାରି କରିଥିଲେ ବି ନିର୍ବାଚନ ସମୟ ରେ ନେତା ପ୍ରତିଶୃତି ଦେଇ ପରବର୍ତି ସମୟ ରେ ଭୁଲି ଯାଇଛନ୍ତି।ବର୍ଷ ବର୍ଷ ଧରି ଗ୍ରାମବାସୀ ଙ୍କ ଦୁଃଖ ବୁଝିବା ପାଇଁ ସରକାରୀ ବାବୁଙ୍କ ପଦବୀ ପଡୁନି। ଶେଷରେ ଗ୍ରାମବସୀ ମାନେ ଏଥର ରୋକ ଠୋକ ନିଷ୍ପତି ଶୁଣେଇଛନ୍ତି। ଗାଁକୁ ରାସ୍ତା ନାହିଁ ତ ନେତାଙ୍କୁ ଗାଁ ରେ ପ୍ରବେଶ ନାହିଁ।ଗଣତନ୍ତ୍ରର ପର୍ବ ରେ ସାମିଲ ହେବେନି କି ଭୋଟ ବି ଦେବେନି। ଏମିତି କିଛି ସମୂହ ନିଷ୍ପତି ନେଇଛନ୍ତି କୋଟପାଡ଼ ନିର୍ବାଚନ ମଣ୍ଡଳୀ ଭୁକ୍ତ ବୋରିଗୁମ୍ମା ବ୍ଲକ ବିଜପୁର ପଂଚାୟତର ଆମ୍ବଡି ଗୁଡା ବାସୀ। ଗ୍ରାମରେ ୭ଶହ ଭୋଟର ରହିଛନ୍ତି। ଗାଁ କୁ ଯିବାକୁ ଖଣ୍ଡିଏ ରାସ୍ତା ନାହିଁ। ଏମାନେ ଖରା ଏବଂ ଶୀତ ଦିନରେ ଚିକିମା ଠାରୁ ତିନି କିମି ମାଟି ରାସ୍ତା କିମ୍ବା ବାଲି ଗୁଡ଼ାଠାରୁ ଆମ୍ବଡ଼ି ଗୁଡା ଦେଢ଼ କିମି ମାଟି ରାସ୍ତା ଦେଇ ଯାତାୟାତ କରନ୍ତି। ବର୍ଷା ଦିନେ ଏହି ଦୁଇ ରାସ୍ତା କାଦ ପଚ ପଚ। ଆମ୍ବୁଲାନ୍ସ ଆସେନି ବହୁ କଷ୍ଟରେ ରୋଗୀ ଙ୍କୁ ବୋହି ନିଅନ୍ତି। ପାଣି ର ମଧ ସୁବିଧା ନାହିଁ। ଗାଁ ଶେଷରେ ଥିବା ପାହାଡିଆ ପାଣି ପଶି ଚାଷ ଜମିରେ ପଶି ଫସଲ ନଷ୍ଟ କରୁଛି । ସେଇଠାରେ ଏକ ଚେକ ଡେମ ନିର୍ମାଣ ପାଇଁ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ ବି ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ ।

# କନିକା ତହସିଲର ଖାମଖିଆଲି ନୀତି ବିରୋଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ: ଦଶ ମୌଜାର ଲୋକେ ସୀମା ନିର୍ଦ୍ଧାରଣରେ ବାଧକ ଯୋଗୁଁ ହନ୍ତସନ୍ତ

କେନ୍ଦ୍ରାପଡ଼ା, ୦୮/୪ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ରାଜକନିକା ତହସିଲର ଖାମଖିଆଲି ନୀତି ଯୋଗୁଁ ସୀମା ନିର୍ଦ୍ଧାରଣରେ ଏହା ବାଧକ ହେଉଥିବାରୁ ଦଶମୌଜାର ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବଢିବାରେ ଲାଗିଛି। ଦୀର୍ଘଦିନର ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ସଂପୃକ୍ତ ଅଞ୍ଚଳର ଲୋକମାନେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗତ ୨ବର୍ଷ ଧରି ରାଜକନିକା ତହସିଲ ଅଧିନ ଆୟତନ ରାଜସ୍ୱ ସର୍କଲର ବନ୍ଦପାଳ, ତରପଦା, ଗଜରାଜପୁର,କାଟଣାବଣିଆଁ, କୋଇଲିପୁର ଓ ଓଲାଭର ରାଜସ୍ୱ ସର୍କଲର ଦେଉଳସାହି ଏବଂ ପେଗରପଡା ରାଜସ୍ୱ ସର୍କଲର ଗଞ୍ଜା, ପର୍ଙ୍କି, ନୂଆଗାଁ ଏବଂ ବଳରାମପୁର ପ୍ରଭୃତି ୧୦ଟି ମୌଜାର ସୀମା ନିର୍ଦ୍ଧାରଣ ଚାଲିଥିବାରୁ ସେହି ଅଞ୍ଚଳର ଅଧିବାସୀଙ୍କ ଜମି କିଣାବିକା ବନ୍ଦ ହୋଇଯିବା ସହିତ ଦାଖଲ ଖାରଜ ମାମଲାକୁ ମଧ ବନ୍ଦ ରଖାଯାଇଛି। ଏସମ୍ପର୍କରେ କନିକା ତହସିଲଦାର କନିକାର ଉପନିବନ୍ଧକଙ୍କୁ ସେସବୁ ଅଞ୍ଚଳରେ କୌଣସି କିଣାବିକା ଦଲିଲ ନକରିବା ପାଇଁ ପତ୍ରସଂଖ୍ୟା ୪୮୦୩ ତା ୧୯.୧୨.୨୦୨୨ ରିଖରେ ଜଣାଇ ଦେଇଛନ୍ତି। ଫଳରେ ସେହିସବୁ ଅଞ୍ଚଳରେ ଲୋକମାନେ ଝିଅବିବାହ, ଡାକ୍ତରଖାନାରେ ଜରୁରୀ ଚିକିତ୍ସା, ପିଲାମାନଙ୍କ ପାଠପଢା ଖର୍ଚ୍ଚ ପ୍ରଭୃତି ତୁଲାଇବା ସହ ଜରୁରୀ ଆବଶ୍ୟକତା ପୁରଣ କରିବା ନିମନ୍ତେ ଜମି କିଣାବିକା କରିନପାରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ହନ୍ତସନ୍ତ ହେବା ହିଁ କେବଳ ସାର ହୋଇଛି। ଏସମ୍ପର୍କରେ ପୂର୍ବତନ ଜିଲ୍ଲାପାଳଙ୍କୁ ସଂପୃକ୍ତ ଅଞ୍ଚଳର ଅଧିବାସୀମାନେ ଜଣାଇବା ପରେ ତତ୍କାଳୀନ ଜିଲ୍ଲାପାଳ ଦୁଇଜଣ କର୍ମଚାରୀଙ୍କୁ କନିକା ତହସିଲକୁ ଏହି କାର୍ଯ୍ୟ ନିମନ୍ତେ ଡେପୁଟେସନରେ ପଠାଇଥିଲେ। କିନ୍ତୁ ଅଦ୍ୟାବଧି କନିକା ତହସିଲ ପକ୍ଷରୁ ବିଭିନ୍ନ ଆଳରେ ସୀମାନିର୍ଦ୍ଧାରଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯାଇନାହିଁ। ଫଳରେ ଅଞ୍ଚଳବାସୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଥିବା ଅଭିଯୋଗ ହୋଇଛି।

# ମହାନଦୀର ଚରିତ୍ରରେ ପରିବର୍ତ୍ତନ ଏବଂ ଜନସମୁଦାୟ ଓ ନଦୀ ଉପରେ ତାହାର ପ୍ରଭାବ ଉପରେ କର୍ମଶାଳା ଅନୁଷ୍ଠିତ

ସୁବର୍ଣ୍ଣପୁର, ୦୮/୪ (ନି.ପ୍ର): ଓଡିଶାର ଜୀବନ ରେଖା ମହାନଦୀର ଚରିତ୍ରରେବ୍ୟାପକ ପରିବର୍ତନ ହୋଇଛି ଏବଂ ସେହି ପରିବର୍ତନର ହାର ଓ ବ୍ୟାପକତା ଆହୁରି ବଢିବଢି ଚାଲିଛି ବୋଲି ଆଜି ସୋନପୁରରେ ''ମହାନଦୀର ଚରିତ୍ରରେ ପରିବର୍ତନ ଏବଂ ଜନସମୁଦାୟ ଓ ନଦୀ ଉପରେ ତାହାର ପ୍ରଭାବ'' ଶୀର୍ଷକ କର୍ମଶାଳା ରେ ମତ ପ୍ରକାଶ ପାଇଛି । ନଦୀର ଚରିତ୍ରରେ ଘଟିଥିବା ଓ ଘଟୁଥିବା ସେହିସବୁ ପରିବର୍ତନ ତଥା ଅନ୍ୟ ସାମାଜିକ ଓ ରାଜନୈତିକ କାରଣ ଯୋଗୁଁ ନଦୀ ନିଜେ ବିପଦଗ୍ରସ୍ତ ହେବା ସହିତ ନଦୀ ସହିତ ଜଡିତ ଅନେକ ଜନସମୁଦାୟର ଜୀବନ ଓ ଜୀବିକା ଅନେକ ମାତ୍ରାରେ ପ୍ରଭାବିତ ହୋଇଛି ।

ସୋନପୁର ସହିତ ମହାନଦୀର ଅତି ଅନ୍ତରଙ୍ଗ ସମ୍ପର୍କ ରହିଛି । ସେହି ସମ୍ପର୍କ ଅତି ବ୍ୟାପକ । ନଦୀ ସହିତ ସୋନପୁରର ଜୀବନ-ଜୀବିକା ଯୋଡି ହୋଇ ରହିଛି, ସୋନପୁରର ଇତିହାସ ଓ ସଂସ୍କୃତି ନଦୀ ପର୍ଯ୍ୟବେସିତ ହୋଇ ରହି ଆସିଛି । ନଦୀର ଚରିତ୍ରରେ ବିଭିନ୍ନ ପରିବର୍ତନ ଅନେକ କ୍ଷେତ୍ରରେ ବାରି ହୋଇଯାଉଛି ବୋଲି କର୍ମଶାଳାରେ ଆଲୋଚନା ହୋଇଥିଲା । ଜୀବିକା, ଜୀବନ, ଚଳଣି, ସଂସ୍କୃତି, ସଭ୍ୟତା, ବିପର୍ଯ୍ୟୟ ଆଦି ପ୍ରସଙ୍ଗ ସହିତ ପ୍ରଦୂଷଣ, ନଦୀ ପରିଚାଳନା, ନଦୀ ଉପରେ ଅଧିକାର ତଥା ନଦୀର ନିଜର ଅଧିକାର ଉପରେ ଆଲୋଚନା ହୋଇଥିଲା । ବିଭିନ୍ନ ଜୀବିକା ଉପରେ ଚର୍ଚ୍ଚା ହୋଇଥିଲା । ନଦୀରେ ବ୍ଲାଷ୍ଟିଙ୍ଗ ଓ ବିଷ ପ୍ରୟୋଗ କରି ଅବାଧ ମାଛ ଧରା କାରଣରୁ ପରିବେଶ ଓ ଜୀବିକାର ଅପୂରଣୀୟ କ୍ଷତି ବିଷୟରେ ବିଷଦ ଚର୍ଚ୍ଚା ହୋଇଥିଲା ।

କର୍ମଶାଳାରେ ଅନେକ ପ୍ରମୁଖ ପ୍ରସଙ୍ଗ ସହିତ ପ୍ରଭାବିତ ହୋଇଥିବା ଜନସମୁଦାୟଙ୍କ ବିଷୟରେ ଆଲୋଚନା ହୋଇଥିଲା ତଥା ସମ୍ଭାବ୍ୟ ପ୍ରତିକାର ଓ ନଦୀ ସଂରକ୍ଷଣ ବ୍ୟବସ୍ଥା ଉପରେ ମଧ ଆଲୋଚନା ହୋଇଥିଲା । ସଭ୍ୟତା ଓ ବିକାଶ ସହିତ ନଦୀର ନିବିଡ ସମ୍ପର୍କ ଥିବା ସତ୍ତ୍ୱେ ନଦୀ ସହ ସମ୍ପର୍କକୁ ନେଇ ବିଶେଷ ନୀତି ଓ ବ୍ୟବସ୍ଥା ଏପର୍ଯ୍ୟନ୍ତ ନାହିଁ ବୋଲି ମତ ପ୍ରକାଶ ପାଇଥିଲା । ନଦୀର ପରିଚାଳନା ତଥା ନଦୀ ସମ୍ପର୍କିତ ନିଷ୍ପତି ଗ୍ରହଣ ପ୍ରକ୍ରିୟାରେ ସ୍ଥାନୀୟ ଲୋକଙ୍କର ତଥା ପଂଚାୟତ ଭଳି ସ୍ଥାନୀୟ ସଂସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା ।

ସୋନପୁରର ଇଙ୍କଫେଷ୍ଟ ଓ ପୁରୀର ଜନମଙ୍ଗଳ ମହିଳା ସମିତି ଦ୍ୱାରା ଆୟୋଜିତ ଏହି କର୍ମଶାଳା ସୋନପୁର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଶିକ୍ଷାବିତ ଗତିକୃଷ୍ଣ ମିଶ୍ରଙ୍କ ପରିଚାଳନାରେ ଆରମ୍ଭ ହୋଇଥିବା ପ୍ରଥମ ଅଧିବେଶନର ଇଙ୍କଫେଷ୍ଟର ସଭାପତି ସ୍ୱାଧୀନ ମେହେରଙ୍କ ସ୍ୱାଗତ ବକ୍ତବ୍ୟ ପରେ ଜନମଙ୍ଗଳ ମହିଳା ସମିତିର ସଚିବ ସନ୍ଦୀପ ପଟ୍ଟନାୟକ କର୍ମଶାଳାର ଉଦ୍ଦେଶ୍ୟ ରଖିଥିବା ବେଳେ ବିମଳ ପାଣ୍ଡିଆ ମହାନଦୀର ଚରିତ୍ରକୁ ନେଇ ପ୍ରାରମ୍ଭିକ ଉପସ୍ଥାପନା ରଖିଥିଲେ, ଏବଂ ଗୌରୀଶ୍ୟାମ ପଣ୍ଡା ସୋନପୁର ସହିତ ମହାନଦୀର ସମ୍ପର୍କକୁ ଉପସ୍ଥାପନା ରଖିଥିଲେ । ଏହାପରେ ବିଶିଷ୍ଟ ସାମାଜିକ କର୍ମୀ ଘାସିରାମ ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ଖୋଲା ଅଧିବେଶନରେ ସୋନପୁର ଏବଂ ବୌଦ୍ଧ ଜିଲ୍ଲାର ବିଭିନ୍ନ ବର୍ଗରୁ ଆସିଥିବା ବ୍ୟକ୍ତିମାନେ ନିଜ ନିଜର ମତ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡଃ: ଦେବାଶିଷ ପାଣ୍ଡିଆ, ଅଧିବକ୍ତା ତଥା ସଂସ୍କୃତି କର୍ମୀ ଶ୍ୟାମ ଓଁ ପ୍ରସାଦ ମିଶ୍ର, ବେଣୁଧର ପ୍ରଧାନ, କେଉଟ, କୈବର୍ତ ଓ ଝରା ସମୁଦାୟର ପ୍ରତିନିଧି , ଚାଷୀ ପ୍ରତିନିଧି , ପଂଚାୟତ ପ୍ରତିନିଧି, ସାମ୍ବାଦିକ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନର ପ୍ରତିନିଧି ଯୋଗ ଦେଇଥିଲେ ।

# ମୁକୁଳା ଡ୍ରେନରେ ପଡି ଅଳ୍ପକେ ବର୍ତିଲେ ଜଣେ ଯୁବକ

ଘଟଗାଁ, ୦୮/୪ (ନି.ପ୍ର): ସୁଚନାରୁ ଜଣାଯାଏ ଆନନ୍ଦପୁର ପୌର ପରିଷଦ ଅନ୍ତର୍ଗତ ୧୪ନଂ ନମ୍ବର ୱାର୍ଡର ମେଡିକାଲ ଛକ ନିକଟ ମା ମଙ୍ଗଳା ହୋଟେଲ ଠାରୁ ଝାଡ଼େଶ୍ୱର ହାଇସ୍କୁଲ ଯିବା ଛକ ରେ ଦୀର୍ଘ ଦିନ ଧରି ଭଙ୍ଗା ଡ୍ରେନ ମୁକୁଳା ହୋଇ ପଡିଛି । ଗତକାଲି ଦିନ ୧୧ଟା ସମୟରେ ବିପରିତ ଦିଗରୁ ଗାଡି ଆସୁଥିବା ବେଳେ ଜୈନେକ ବାଇକ ଚାଳକ ହଠାତ ବାମ ପାର୍ଶ୍ୱକୁ କାଟି ଦେଇଥିଲା ଫଳରେ ଯୁବକ ଜଣକ ବାଇକ ସହ ମୁକୁଳା ଡ୍ରେନ ରେ ପଡିଯାଇଥିଲେ । ଏହା ଦେଖି ସ୍ୱଚ୍ଛାସେବୀ ଦେବରାଜ ସାହୁ , ବ୍ରହ୍ମନନ୍ଦ ଜେନା ଅଚ୍ୟୁତାନନ୍ଦ ଜେନା ପ୍ରମୁଖ ପହଁଚି ଗାଡି ସହ ଯୁବକକୁ ମୁକୁଳା ଡ୍ରେନରୁ ଉଦ୍ଧାର କରିଥିଲେ । ଦୀର୍ଘଦିନ ଧରି ମୁକୁଳା ଡ୍ରେନକୁ ନେଇ ସାଧାରଣ ରେ ଅସନ୍ତୋଷ ପ୍ରକାଶ ପାଇଛି ।

# ଏମ୍‌ସିସି ଉଲ୍ଲଂଘନ ଉପରେ କଡ଼ା ନଜର ରଖିଛି ସି-ଭିଜିଲ୍ ଆପ୍

କେନ୍ଦ୍ରାପଡ଼ା , ୦୮/୪ (ନି.ପ୍ର): ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଉପରେ କଡ଼ା ନଜର ରଖିଛି ଭାରତର ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରସ୍ତୁତ ସି-ଭିଜିଲ୍ ସିଟିଜେନ୍ ଆପ୍। ଏହି ଆପ୍ ସହାୟତାରେ ନିର୍ବାଚନ ଆୟୋଗ ସାରା ଦେଶରେ ଆଦର୍ଶ ଆଚରଣ ସଂହିତା ଉଲ୍ଲଂଘନ ମାମଲା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି। ସାଧାରଣ ନିର୍ବାଚନ ଘୋଷଣା ହେବା ପରଠାରୁ ଏଦ୍‌ଯାବତ କେନ୍ଦ୍ରାପଡ଼ା ଜିଲ୍ଲାରେ ୫୫ଟି ଉଲ୍ଲଂଘନ ଅଭିଯୋଗ ଆସିଛି। ଏଥିମଧ୍ୟରୁ ୫ଟି ଟ୍ରାଏଲ୍ କେସ୍ ହୋଇଥିବା ବେଳେ ୫ଟି ଅଭିଯୋଗ ଭିତିହୀନ ଅଟେ। ଅବଶିଷ୍ଟ ୪୫ଟି ଅଭିଯୋଗକୁ ହାରାହାରି ୮୩ମିନିଟ୍ ମଧ୍ୟରେ ଏଫ୍‌ଏସ୍‌ଟି (ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ଼ ଟିମ୍) ସମାଧାନ କରିବାକୁ ସକ୍ଷମ ହୋଇଛନ୍ତି। ସୂଚନାଯୋଗ୍ୟ, ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ନିର୍ଦ୍ଦେଶକ୍ରମେ ଏକ ଉତ୍ସର୍ଗିକୃତ ୨୪ଘ୍ନ୭ କଂଟ୍ରୋଲ୍ ରୁମ୍ ଖୋଲାଯାଇଛି। ଜିଲ୍ଲାର ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୩ଟି ଲେଖାଏଁ ମୋଟ୍ ୧୫ଟି ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ଼ ୨୪ ଘଂଟିଆ ଆଲର୍ଟ ରହିଛନ୍ତି। ପ୍ରତ୍ୟେକ ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ଼ରେ ଅଛନ୍ତି ଜଣେ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, ଜଣେ ଏଏସ୍‌ଆଇ, ଜଣେ ଭିଡିଓଗ୍ରାଫର୍ ଏବଂ ୩ଜଣ ବନ୍ଧୁକଧାରୀ ପୋଲିସ୍। ନିର୍ବାଚନ ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ ସମ୍ପର୍କରେ ସି-ଭିଜିଲ୍ ଆପ୍ ଜରିଆରେ କେନ୍ଦ୍ରାପଡ଼ା ଜିଲ୍ଲାର ଯେ କୌଣସି ବ୍ୟକ୍ତି ଅଭିଯୋଗ ଆଣିବା ମାତ୍ରେ କଂଟ୍ରୋଲ ରୁମ୍‌ରେ ଥିବା ମନିଟରରେ ଏହା ସୋ କରିଥାଏ। କଂଟ୍ରୋଲ୍ ରୁମ୍‌ରେ ଥିବା କର୍ମଚାରୀ ପ୍ରଥମେ ଅଭିଯୋଗକାରୀଙ୍କ ଦ୍ୱାରା ପ୍ରଦତ ଫଟୋ/ଭିଡିଓର ଜିପିଏସ୍ ଟ୍ରାକ୍ କରିଥାନ୍ତି ଏବଂ ପରେପରେ ଏହାର ନିକଟବର୍ତି ଅଂଚଳରେ ଥିବା ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ଼କୁ ଏ ସମ୍ପର୍କରେ ଅବଗତ କରାଇଥାନ୍ତି। ୧୦୦ ମିନିଟ୍ ମଧ୍ୟରେ ଏହା ଅଭିଯୋଗର ସମାଧାନ କରିବାକୁ ପ୍ରାବଧାନ ରହିଥିବା ବେଳେ ହାରାହାରି ୮୩ ମିନିଟ୍ ମଧ୍ୟରେ ଏହାର ସମାଧାନ କରିବାକୁ ସକ୍ଷମ ହୋଇଛନ୍ତି ଜିଲ୍ଲାରେ ନିୟୋଜିତ ଥିବା ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ଼। ସୂଚନାଯୋଗ୍ୟ, ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୨ଟି ଅଭିଯୋଗ ଆସିଥିବା ବେଳେ ମହାକାଳପଡ଼ାରୁ ୩ଟି, କେନ୍ଦ୍ରାପଡ଼ାରୁ ୭ଟି, ରାଜନଗରରୁ ୯ଟି ଓ ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ସର୍ବାଧିକ ୨୯ଟି ଅଭିଯୋଗ ଆସିଛି। ଏହା ମଧ୍ୟରୁ ୪୫ଟି ଅଭିଯୋଗରେ ସତ୍ୟତା ଥିବା ବେଳେ ୫ଟି ଅଭିଯୋଗ ଭିତିହୀନ ଅଟେ। ସୂଚନାଯୋଗ୍ୟ, ଅବାଧ, ନିରପେକ୍ଷ ଏବଂ ପ୍ରଲୋଭନମୁକ୍ତ ନିର୍ବାଚନ ସୁନିଶ୍ଚିତ କରିବା ପାଇଁ ଡିଜିଟାଲ ପ୍ରଯୁକ୍ତି ବିଦ୍ୟାର ଏକ ଅଂଶ ହେଉଛି ସି-ଭିଜିଲ୍ ଆପ୍। ଦ୍ରୁତ, ବେଗ ଓ ସ୍ୱଚ୍ଛତା ହେଉଛି ଏହାର ମୂଳଦୁଆ। ଏ ଆପ୍ ଜରିଆରେ ଯେ କୌଣସି ସଚେତନ ବ୍ୟକ୍ତି ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ସମ୍ପର୍କରେ ଫଟୋ କିମ୍ବା ଭିଡିଓ ଉତୋଳନ କରି ଏହି ଆପ୍‌ରେ ଲୋଡ୍ କରି ଅଭିଯୋଗ ଆଣିପାରିବେ। ନିର୍ବାଚନ ଆଦର୍ଶ ଆଚରଣ ସଂହିତାର ପାଳନ ପାଇଁ ପ୍ରତିଶ୍ରୁତିବଦ୍ଧ ଥିବା କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ଟୋଲ୍ ଫ୍ରି ନମ୍ବର ୧୯୫୦ ଜାରି କରିବା ସହ ୪ଟି ମୋବାଇଲ୍ ନମ୍ବର ୯୮୬୧୨୦୩୮୩୩, ୮୨୬୦୨୧୮୦୮୩, ୯୦୭୮୦୧୮୯୩୫, ୯୦୭୮୯୮୦୬୩୧ ଜାରି କରିଛନ୍ତି।

# ଧନତ୍ରୀ ବାଲି ଖାଦାନକୁ ନେଇ ଥାନା ଘେରାଉ

କୋରେଇ, ୦୮/୪ (ନି.ପ୍ର): ବ୍ୟାସନଗର ତହସିଲ ତଥା ପାଣିକୋଇଲି ଥାନା ଅନ୍ତର୍ଗତ ମୁଳାପାଳ ପଂଚାୟତର ବୈତରଣୀ ନଦୀର ଧନତ୍ରୀ ବାଲି ଖାଦାନକୁ ନେଇ ବାଲିଖାଦାନକୁ ନେଇ ଦୀର୍ଘଦିନ ହେବ ଖାଦାନ ଲିଜଧାରୀ ଓ ଗ୍ରମାବାସୀ ମାନଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ରହିଛି। ଉକ୍ତ ଖାଦାନକୁ ଲିଜ ନେଇଥିବା ମୂଖ୍ୟ ଲିଜଧାରୀ ଭୁବନେଶ୍ୱରରର ବିକାଶ ସ୍ୱାଇଁ ହୋଇଥିବା ବେଳେ ତାଙ୍କୁ ସ୍ଥାନୀୟ ଅଂଚଳର ଶାସକ ଦଳର ଯୁବ ନେତା ସହଯୋଗ କରିଆସୁଅଛନ୍ତି । ଲିଜ ଧାରୀ ନଦୀ ଶଯ୍ୟାରୁ ୧୨ ଏକର ଅଂଚଳ ବାଲି ଉତୋଳନ କରିବା ଲାଗି ଲିଜ ପ୍ରାପ୍ତ ହୋଇଥିବା ବେଳେ ଉକ୍ତ ନେତାଙ୍କ ଅନୁକମ୍ପାରେ ୪୨ ଏକରରୁ ଉର୍ଦ୍ଧ୍ୱେ ଅଂଚଳରୁ ବାଲି ଉତୋଳନ ସରିଲାଣି। ଏପରିକି ଲିଜ ଧାରୀ ସ୍ଥାନୀୟ ଅଂଚଳର ବ୍ୟକ୍ତି ମାନଙ୍କୁ ନିୟୋଜିତ କରି ବାଲି ଉତୋଳନ କରିବା ସହିତ ଟ୍ରାକ୍ଟର କିମ୍ବା ଛୋଟ ଗାଡ଼ିରେ ବାଲି ପରିବହନ କରିବା ଲାଗି ନିୟମ ରହିଥିବା ବେଳେ ଲୀଜଧାରୀ ମେସିନ ସାହାଯ୍ୟରେ ବାଲି ଉତୋଳନ କରିବା ସହିତ ହାଇୱା ମାଧ୍ୟମରେ ପରିବହନ କରୁଛନ୍ତି। ଫଳରେ ଦିନକୁ ଦିନ ନଦୀ ବନ୍ଧ ଦୁର୍ବଳ ହେବା ସହିତ ବର୍ଷା ଦିନେ ବନ୍ୟା ଆଶଙ୍କା ଦେଖାଦେଇଛି। ଉକ୍ତ ନଦୀ ବନ୍ଧଟି ଧନତ୍ରୀ ଗ୍ରାମବାସୀଙ୍କ ଜୀବନ ରୋଖା ଦେଇଥିବା ବେଳେ ପ୍ରତିଦିନ ସ୍କୁଲ ଓ କଲେଜକୁ ପିଲାମାନେ ପାଠ ପଢିବା ଲାଗି ଆସିବା ସହିତ ଗ୍ରାମବାସୀ ମାନେ ବିଭିନ୍ନ ସ୍ଥାନକୁ ଯିବା ଆସିବା କରିଥାନ୍ତି। ତେବେ ପ୍ରତିଦିନ ଉକ୍ତ ନଦୀ ବନ୍ଧ ହେଇ ହଜାର ହଜାର ବାଲି ବୋଝେଇ ହାଇସ୍ୱା ଯିବା ଆସିବା କରିବା ଫଳରେ ଗ୍ରାମବାସୀ ମାନଙ୍କ ଜୀବନ ପ୍ରତି ବିପଦ ଦେଖା ଦେଇଛି। ତେବେ ବ୍ୟାସନଗର ତହସିଲଦାର ଓ ପାଣିକୋଇଲି ପୁଲିସ ଅନୁକମ୍ପାରେ ଉକ୍ତ ଖାଦାନଟି ଚାଲୁଥବା ବେଳେ ଗ୍ରାମବାସୀଙ୍କ ଅଭିଯୋଗକୁ ଶୁଣାଯାଉ ନାହିଁ। ଓଲଟି ତାଙ୍କ ଉପରେ ମିଥ୍ୟା ମକଦ୍ଦମା ରୁଜୁ କରାଯାଇ ହଇରାଣ କରାଯାଉଛି। ତେବେ ଶନିବାର ଦିନ ରାତିରେ ଗରମରୁ ରକ୍ଷା ପାଇବା ଲାଗି କିଛି ଗ୍ରାମବାସୀ ମାନେ ନଦୀ ଶଯ୍ୟାରେ ଶୋଇଥିବା ବେଳେ କୌଣସି କାରଣକୁ ନେଇ ବାଲି ମାଫିଆ ଓ ଉକ୍ତ ବ୍ୟକ୍ତି ମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ତେବେ ଖବର ପାଇ ପାଣିକୋଇଲି ପୁଲିସ ଘଟଣାସ୍ଥଳରେ ପଂଚିଥିବା ବେଳେ ପୁଲିସ ଉପସ୍ଥିତିରେ ମାଫିଆ ମାନେ ଜେସିବିର ବକେଟକୁ ଘୁରାଇଥିଲେ। ଫଳରେ ଗ୍ରାମର ତିନି ଜଣ ବ୍ୟକ୍ତି ସୁବ୍ରତ ସାହୁ,ଦୀପକ ସାହୁ ଓ ମଧୁସୁଦନ ରାଉତ ଆହତ ହୋଇଥିଲେ। ତେବେ ପୁଲିସ ଉଭୟପକ୍ଷଙ୍କୁ ଆଜି ଥାନାକୁ ଆସି ଅଭିଯୋଗ କରିବା ଲାଗି କହି ଦେ'ରିଆସିଥିଲା। ତେବେ ରବିବାର ସକାଳ ୧୦ଟା ସମୟରେ ଗ୍ରାମର ନଗେନ୍ଦ୍ର ନାରାୟଣ ସ୍ୱାଇଁ,ଶ୍ରୀରାମ ଚରଣ ସାହୁ,ମନୋରଂଜନ ସାହୁ,ବୁବୁ ସାହୁ, ପ୍ରଶାନ୍ତ କୁମାର ସାହୁ, ବିରଂଚି ନାରାୟଣ ସ୍ୱାଇଁ, ସତ୍ୟବ୍ରତ ସାହୁ, ଶ୍ରିନୀବାସ ସାହୁ, ବିଦ୍ୟାଧର ସାହୁ, ହେମନ୍ତ କୁମାର ସାହୁ ଓ ବିଶ୍ୱନାଥ ସାହୁ ପମୁଖ ଥାନାକୁ ଅଭିଯୋଗ ଦାଖଲ କରିବାକୁ ଆସିଥିବା ବେଳେ ପୁଲିସ ସେମାନଙ୍କୁ ଅଟକ ରଖିଥିଲା। ଉକ୍ତ ଖବର ପ୍ରଚାରିତ ହେବା ପରେ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଆସି ଥାନା ଘେରାଉ କରିଥିଲେ। ତେବେ ଘଟଣାସ୍ଥଳରେ ଉପସ୍ଥିତ ଯାଜପୁର ରୋଡ଼ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସଂଜୟ କୁମାର ପଟ୍ଟନାୟକ ଗ୍ରାମବାସୀଙ୍କ ସହିତ ଆଲୋଚନା ନକରି ଓଲଟି ସେମାନଙ୍କୁ ଗାଳିଗୁଲଜ କରିବାରୁ ଘଟଣାସ୍ଥଳରେ ଉତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ମାନେ ପାଣିକୋଇଲି ଥାନାଧିକାରିଣୀ ଲିଜାରାଣୀ ବିଶ୍ୱାଳ ଓ ଏସଡ଼ିପିଓ ସଂଜୟ ପଟ୍ଟନାୟକଙ୍କ ବଦଳି ଓ ସସପେଣ୍ଡ ଦାବି କରିବା ସହିତ ପୁଲିସ ବିରୋଧରେ ନାରାବାଜୀ ଦେଇଥିଲେ। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ପ୍ରଚଣ୍ଡ ବର୍ଷା ଓ ଘଡଘଡିକୁ ଖାତିର ନକରି ଧାରଣା ଚାଲୁରହିଥିଲା।

# ଖରା ଦିନରେ ହଜମ ସମସ୍ୟାର ସମାଧାନ ପାଇଁ ଆପଣାନ୍ତୁ ଏହି ଟିପ୍ସ

ହଜମ ପ୍ରକ୍ରିୟା ଆମ ଶରୀରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହା ଶରୀରକୁ ଶକ୍ତି ଏବଂ ଅତ୍ୟାବଶ୍ୟକ ପୁଷ୍ଟିକର ଯୋଗାଇଥାଏ। କିନ୍ତୁ ଅଧିକାଂଶ ଲୋକ ଖାଦ୍ୟ-ପାନୀୟ ଉପରେ ଆଦୌ ଧ୍ୟାନ ଦେଇନଥାନ୍ତି, ଯାହା ଫଳରେ ଅମ୍ଳତା, ପେଟ ଯନ୍ତ୍ରଣା ଏବଂ ଗ୍ୟାଷ୍ଟ୍ରିକ୍ ଭଳି ସମସ୍ୟା ଦେଖା ଦେଇଥାଏ। ଗ୍ରୀଷ୍ମଋତୁରେ ଏପରି ସମସ୍ୟା ହେବାର ସମ୍ଭାବନା ଅଧିକ। ତେଣୁ ଘରୋଇ ଉପଚାର ମାଧ୍ୟମରେ କିପରି ହଜମ ପ୍ରକ୍ରିୟାକୁ ସୁସ୍ଥ ରଖିବେ, ଜାଣନ୍ତୁ...

ମେଥି: ମେଥି ମଞ୍ଜି ହଜମ ପ୍ରକ୍ରିୟା ପାଇଁ ବେଶ୍ ଲାଭଦାୟକ। ମେଥି ଏକ ପ୍ରାକୃତିକ ହଜମକାରୀ ଭାବରେ କାର୍ଯ୍ୟ କରିପାରିବ। ଶରୀରରୁ କ୍ଷତିକାରକ ପଦାର୍ଥ ନିଷ୍କାସନ କରିବାରେ ସହାୟକ ହୋଇପାରେ ମେଥି। ଏଥିପାଇଁ ରାତିରେ ମେଥିକୁ ପାଣିରେ ଭିଜାନ୍ତୁ ଏବଂ ସକାଳେ ଏହି ପାଣି ପିଅନ୍ତୁ। ନିୟମିତ ଏପରି ଅଭ୍ୟାସ କରିବା ଦ୍ୱାରା ହଜମ ପ୍ରକ୍ରିୟାରେ ଉନ୍ନତି ଆସିଥିଏ। ଏଥିସହ ପେଟରେ ଜମାଟ ହୋଇଥିବା ଚର୍ବି ମଧ୍ୟ ହ୍ରାସ ପାଇଥାଏ।

ହଳଦୀ: ପ୍ରାୟ ସମସ୍ତେ ଜଣନ୍ତି, ହଳଦୀରେ ଔଷଧୀୟ ଗୁଣ ଭରପୂର ଥାଏ। ହଳଦୀରେ ଆଣ୍ଟି-ଫଙ୍ଗଲ୍, ଆଣ୍ଟି-ଭାଇରାଲ୍, ଆଣ୍ଟି-ଅକ୍ସିଡାଣ୍ଟ ଏବଂ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଥାଏ। ଯଦି ହଜମକୁ ସୁସ୍ଥ ରଖିବାକୁ ଚାହାଁନ୍ତି, ତେବେ ଏକ ଗ୍ଲାସ୍ ପାଣିରେ ଗୋଟିଏ ଚାମଚ ହଳଦୀ ପାଉଡର ମିଶାଇ ଏହାକୁ ପିଅନ୍ତୁ। ପ୍ରତିଦିନ ଏହି ଅଭ୍ୟାସ ହଜମ ପ୍ରକ୍ରିୟାରେ ଉନ୍ନତି ଆଣିଥାଏ।



ଅଦା: ପେଟ ଯନ୍ତ୍ରଣାରୁ ମୁକ୍ତି ଦେବା ବ୍ୟତୀତ ଅଦା ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ମଧ୍ୟ ସହାୟକ ହୋଇଥାଏ। ଏହା ସହିତ ଅଦା ହଜମ ପ୍ରକ୍ରିୟାରେ ମଧ୍ୟ ଉନ୍ନତି ଆଣିଥାଏ। ଖଣ୍ଡ ଅଦା ଖାଇବା ବ୍ୟତୀତ ଅଦା ରସ ମଧ୍ୟ ପିଇପାରିବେ।

ଚିଆ ଚିଡ୍ସ: ଚିଆ ସିଡ୍ସ ହଜମ ପ୍ରକ୍ରିୟା ପାଇଁ ସର୍ବୋତ୍ତମ। ଏଥିରେ ଫାଇବର ଭରପୂର ଥାଏ, ଯାହା ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବା ସହ ଓଜନ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ।

ଅମୃତଭଣ୍ଡା: ଯଦି ହଜମ ପ୍ରକ୍ରିୟାରେ ସମସ୍ୟା, ଅଦୃଶ୍ୟତା କିମ୍ବା ଏସିଡିଟିର ସମ୍ମୁଖୀନ ହେଉଛନ୍ତି, ତେବେ ଖାଦ୍ୟରେ ଅମୃତଭଣ୍ଡା ଯୋଗ କରିପାରିବେ। ଏଥିରେ ଫାଇବର ଏବଂ ପ୍ରୋଟିନ ଥାଏ। ଅମୃତଭଣ୍ଡା ସେବନ ଫଳରେ ହଜମ ପ୍ରକ୍ରିୟାରେ ଉନ୍ନତି ଆସପାରିବ।

# କିପରି ନେବେ କିଡନୀର ଯତ୍ନ



ତଥ୍ୟ ଅନୁସାରେ, ଭାରତରେ ପ୍ରତିବର୍ଷ ପ୍ରାୟ ୨ ଲକ୍ଷ ଲୋକ କିଡନୀ ସମ୍ବନ୍ଧୀୟ ରୋଗର ଶିକାର ହୁଅନ୍ତି। ଏହାର ସବୁଠାରୁ ବଡ କାରଣ ହେଉଛି ରୋଗ ପ୍ରାରମ୍ଭିକ ପର୍ଯ୍ୟାୟରେ ଚିହ୍ନଟ ନହେବା। ଉଭୟ କିଡନୀ ୬୦ ପ୍ରତିଶତ କ୍ଷତି ହେବା ପରେ ରୋଗର ଲକ୍ଷଣ ଦେଖାଯାଏ, ସେତବେଳକୁ ସମସ୍ୟା ଗୁରୁତର ହୋଇଯାଇଥାଏ।

କିଡନୀ ରୋଗର ଲକ୍ଷଣ : ଯେତେବେଳେ କିଡନୀ ରୋଗ ହୁଏ, ଶରୀରରେ ବିଷାକ୍ତ ପଦାର୍ଥ ବଢିବାକୁ ଲାଗେ। କାରଣ କିଡନୀ ବିଷାକ୍ତ ପଦାର୍ଥକୁ ଫିଲ୍ଟର୍ କରି ମୂତ୍ର ଆକାରରେ ନିଷ୍କାସିତ କରିଥାଏ। ଯେତେବେଳେ ଏହା ସଠିକ୍ କାର୍ଯ୍ୟ କରିବା ବନ୍ଦ କରିଦିଏ ସେତେବେଳେ ବିଭିନ୍ନ ଲକ୍ଷଣ ଦେଖାଦିଏ। ସେଗୁଡିକ ଲକ୍ଷଣ ହେଉଛି...

ଶରୀରରେ ୟୁରିକ୍ ଏସିଡ୍ ପରିମାଣ ବୃଦ୍ଧି, ବାରମ୍ବାର ପରିସ୍ରା ଲାଗିବା, ମୂତ୍ରରେ ରକ୍ତ ପଡିବା, ଆଣ୍ଠୁ, ପାଦ ଏବଂ ଆଙ୍ଗୁଠିରେ ଫୁଲା ଦେଖାଯିବା, ଖାଇବାକୁ ଇଚ୍ଛା ନହେବା, ମାଂସପେଶୀରେ ଯନ୍ତ୍ରଣା

କିଡନୀ ରୋଗ ରୋକିବେ କିପରି: କିଡନୀ ରୋଗରୁ ନିଜକୁ ରକ୍ଷା କରିବା ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ଜିନିଷକୁ ଧ୍ୟାନରେ ରଖାଯାଇପାରେ। ଉଦାହରଣ ସ୍ୱରୂପ, ଦିନସାରା ପର୍ଯ୍ୟାପ୍ତ ପରିମାଣର ପାଣି ପିଅନ୍ତୁ। ଫଳରେ କିଡନୀ କାର୍ଯ୍ୟରେ ଉନ୍ନତି ଆସିଥାଏ।

ଅଧିକ ପରିମାଣର ପ୍ରୋଟିନ୍ ସପ୍ଲିମେଣ୍ଟ ଗ୍ରହଣ କରନ୍ତୁ ନାହିଁ। ପ୍ରତିଦିନ ପେନକିଲର୍ ସେବନ କିଡନୀ ଉପରେ କୁପ୍ରଭାବ ପକାଇପାରେ।

ଧୂମପାନଠୁ ଦୂରେଇ ରୁହନ୍ତୁ। ଯଦି କିଡନୀରେ ଯନ୍ତ୍ରଣା ଅନୁଭବ କରୁଛନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ସୁଗାର -ହାଇ ବ୍ଲଡପ୍ରେସରକୁ ନିୟନ୍ତ୍ରଣ କରେ ଏହି ୩ ପତ୍ର: ଖାଲି ପେଟରେ ଖାଇବା ଅତ୍ୟନ୍ତ ଲାଭଦାୟକ

ବିଶ୍ୱରେ ଲକ୍ଷ ଲକ୍ଷ ଲୋକ ଉଚ୍ଚ ରକ୍ତଚାପ ଏବଂ ମଧୁମେହ ରୋଗରେ ପୀଡିତ ଅଛନ୍ତି । ଏହି ଦୁଇଟି ସ୍ୱାସ୍ଥ୍ୟ ଅବସ୍ଥା ଆହୁରି ଅନେକ ସମସ୍ୟାକୁ ଆମନ୍ତ୍ରଣ କରିପାରେ । ମଧୁମେହ ପାଇଁ ଘରୋଇ ଉପଚାର ଏବଂ ଉଚ୍ଚ ରକ୍ତଚାପ ପାଇଁ ପ୍ରାକୃତିକ ଉପଚାର ଅତ୍ୟନ୍ତ ଲାଭଦାୟକ ଏବଂ ପ୍ରଭାବଶାଳୀ ହୋଇପାରେ । ପ୍ରାୟତ ଆମେ ଏହି ପ୍ରମୁଖ ରୋଗଗୁଡ଼ିକୁ ନିୟନ୍ତ୍ରଣ କରିବାର ସହଜ ଉପାୟ ବିଷୟରେ ଜାଣିନଥାଉ । ଯେଉଁ କାରଣରୁ ଆମେ କେବଳ ଔଷଧ ଉପରେ ନିର୍ଭର କରୁ । ତେବେ ମଧୁମେହ ଏବଂ ସାଧାରଣ ରକ୍ତଚାପ ପାଇଁ ସାଧାରଣ ସନ୍ତୁଳନ ଖାଦ୍ୟ



ବା ସୁସ୍ଥ ଖାଦ୍ୟ ବଜାୟ ରଖିବା ଆବଶ୍ୟକ । ଏଠାରେ ତିନୋଟି ପତ୍ରର ମିଶ୍ରଣ ଅଛି । ଯାହା ପ୍ରତିଦିନ ସକାଳେ ଖାଲି ପେଟରେ ଖାଇଲେ ମଧୁମେହ ଏବଂ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ଆଶ୍ଚର୍ଯ୍ୟଜନକ କାମ କରିଥାଏ ।

– ତୁଳସୀକୁ ଔଷଧୀୟ ଗୁଣର ରାଣୀ କୁହାଯାଏ । ଏହା ଆମ ଶରୀରକୁ ଅନେକ ରୋଗରୁ ରକ୍ଷା କରିଥାଏ । ଅନେକ ଅଧ୍ୟୟନରୁ ଜଣାପଡିଛି ଯେ ଖାଲି ପେଟରେ ବେସନ ପତ୍ର ଖାଇବା ଦ୍ୱାରା ଟାଇପ୍-୨ ମଧୁମେହ ରୋଗୀଙ୍କ ରକ୍ତରେ ସୁଗାର ଲେବଲ କମିଯାଏ । କିନ୍ତୁ ଯଦି ଆମେ ଏହାକୁ ଅଧିକ ମାତ୍ରାରେ ଖାଇଲେ ଦାନ୍ତର ଏନାଲ୍ କ୍ଷତି ହୋଇପାରେ । ତେଣୁ ଏହି ପତ୍ରଗୁଡ଼ିକୁ ଏକ ମିଶ୍ରଣରେ କିଛି ପାଣି ସହିତ ମିଶାଇ ଏହାକୁ ଖାଇବା ଭଲ ।

– ଭୁସରଙ୍ଗ ପତ୍ର ଭାରତୀୟ ପତ୍ରରେ ବ୍ୟବହୃତ ହେଉଥିବା ତରକାରୀ ପତ୍ର ଏକ ସାଧାରଣ ଉପାଦାନ । ପତ୍ରଗୁଡ଼ିକ କେବଳ ଆପଣଙ୍କ ଖାଦ୍ୟରେ ସୁଗନ୍ଧ ଯୋଗାଏ ନାହିଁ ବରଂ ଅନେକ ସ୍ୱାସ୍ଥ୍ୟ ଉପକାର ମଧ୍ୟ କରିଥାଏ। ତରକାରୀ ପତ୍ରର ନିୟମିତ ବ୍ୟବହାର ଇନସୁଲିନ୍ ତିଆରି କରୁଥିବା କୋଷଗୁଡ଼ିକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । ଏହି କୋଷଗୁଡ଼ିକ ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ ।

– ନିମ୍ବ ପତ୍ରର ଅନେକ ସ୍ୱାସ୍ଥ୍ୟ ଉପକାର ମଧ୍ୟ ଅଛି । ପ୍ରମାଣ ଅଛି ଯେ ପ୍ରତିଦିନ ନିମ୍ବ ପତ୍ର ଖାଇବା ଦ୍ୱାରା ରକ୍ତରେ ସୁଗାର ସ୍ତର କମିଯାଏ । ଯଦି ଆପଣଙ୍କର ମଧୁମେହ ଅଛି, ତେବେ ନିୟମିତ ଭାବରେ ଆପଣଙ୍କର ରକ୍ତରେ ସୁଗାର ସ୍ତର ଉପରେ ନଜର ରଖନ୍ତୁ କାରଣ ଅଧିକ ଖାଇବା ଦ୍ୱାରା ଆପଣଙ୍କ ରକ୍ତରେ ସୁଗାର ବହୁତ କମ୍ ହୋଇପାରେ ।

# ଅଙ୍ଗୁର ଖାଇବାର ୫ଟି ଫାଇଦା, କୋଲେଷ୍ଟ୍ରଲକୁ କମ କରିବା ସହ ଏହି ରୋଗକୁ ମଧ୍ୟ କରିଥାଏ ଦୂର

**ଗ୍ରୀଷ୍ମ ଋତୁ ଆରମ୍ଭ ହୋଇସାରିଛି। ଏହି ଋତୁରେ ଶରୀରକୁ ହାଇଡ୍ରେଟ୍ ଏବଂ ସୁସ୍ଥ ରଖିବା ଅତ୍ୟନ୍ତ ଜରୁରୀ, ତେଣୁ ଗ୍ରୀଷ୍ମ ଋତୁରେ ଫଳ ଏବଂ ପନିପରିବା ଖାଇବାକୁ ପରାମର୍ଶ ଦିଆଯାଇଛି। ଅଙ୍ଗୁର ମଧ୍ୟ ଏହିପରି ଏକ ଫଳ, ଯାହା ଆପଣଙ୍କୁ କେବଳ ହାଇଡ୍ରେଟ୍ ରଖେ ନାହିଁ, ବରଂ ଶରୀରକୁ ଅନେକ ରୋଗରୁ ମଧ୍ୟ ରକ୍ଷା କରିଥାଏ। ଯଦି ଆପଣ ଏହାକୁ ନିୟମିତ ଖାଆନ୍ତି, ତେବେ ଏହା ଆପଣଙ୍କୁ କୋଲେଷ୍ଟ୍ରଲ, ରକ୍ତଚାପ, ଚିନି, କର୍କଟ ଭଳି ବିପଜ୍ଜନକ ରୋଗରୁ ରକ୍ଷା କରିପାରିବ। ଆସନ୍ତୁ ଆଜି ଆପଣଙ୍କୁ ଅଙ୍ଗୁର ଖାଇବାର ଉପକାର ବିଷୟରେ କହିବା।**

ରକ୍ତ ଜମାଟ ବାନ୍ଧିବା ସମସ୍ୟା ଦୂର କରେ: ହେଲ୍ଥଲାଇନରେ ପ୍ରକାଶିତ ଏକ ଖବର ଅନୁଯାୟୀ, ଅଙ୍ଗୁରରେ ଭିଟାମିନ୍ କେ ଏବଂ କପର ମିଳିଥାଏ, ଯାହା ରକ୍ତ ଜମାଟ ବାନ୍ଧିବା ବ୍ୟତୀତ ଶକ୍ତି ବୃଦ୍ଧି କରିବାରେ ମଧ୍ୟ କାମ କରିଥାଏ। ଏହା ମଧ୍ୟ ଆମର ହାଡକୁ ଶକ୍ତିଶାଳୀ କରିଥାଏ। ଏହା ବ୍ୟତୀତ ଫାଇବର, ଭିଟାମିନ୍ ବି ୬, ପୋଟାସିୟମ୍, ଭିଟାମିନ୍ ସି, ମାଙ୍ଗାନିଜ୍ ଭଳି ପୋଷକ ତତ୍ତ୍ୱ ମଧ୍ୟ ମିଳିଥାଏ, ଯାହା ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।



-ହୃଦଘାତରୁ ଦୂରେଇ ରଖେ: ହୃଦଘାତକୁ ଏଡାଇବା ପାଇଁ କଳା ଅଙ୍ଗୁର ରସ ଆସ୍ପିରିନ୍ ଟାବଲେଟ୍ ପରି ପ୍ରଭାବଶାଳୀ। ଆସ୍ପିରିନ୍ ରକ୍ତ ଜମାଟ ବାନ୍ଧିବାକୁ ଦିଏ ନାହିଁ। କଳା ଅଙ୍ଗୁର ରସରେ ଫ୍ଲାଭୋନାଏଡ୍ ନାମକ ଏକ ଉପାଦାନ ଥାଏ ଏବଂ ସମାନ କାର୍ଯ୍ୟ କରିଥାଏ।

କୋଲେଷ୍ଟ୍ରଲ ପାଇଁ ଉପକାରୀ: ଯଦି ଆପଣ କୋଲେଷ୍ଟ୍ରଲ ସମସ୍ୟାରେ ପୀଡିତ ତେବେ ଆପଣ ପ୍ରତିଦିନ ଅଙ୍ଗୁର ଖାଇବା ଉଚିତ୍। ଦୈନିକ ୫୦୦ ଗ୍ରାମ ଲାଲ୍ ଅଙ୍ଗୁର ଖାଇବା ଦ୍ୱାରା ଏହା ଆପଣଙ୍କ ଖରାପ କୋଲେଷ୍ଟ୍ରୋଲ୍ ହ୍ରାସ କରିବାରେ ଶୀଘ୍ର କାମ କରିପାରେ। କେବଳ ଏତିକି ନୁହେଁ, ଅଙ୍ଗୁରରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଉପାଦାନ ମଧ୍ୟ କୋଲେଷ୍ଟ୍ରଲ ସ୍ତର ହ୍ରାସ କରିବାରେ ସାହାଯ୍ୟ କରିଥାଏ।

-ଆଖି ପାଇଁ ଲାଭଦାୟକ: ଅଙ୍ଗୁର ଆଖି ପାଇଁ ବହୁତ ଲାଭଦାୟକ। ଅଙ୍ଗୁରରେ ଅନେକ ଆଣ୍ଟିଅକ୍ସିଡାଣ୍ଟ ମିଳିଥାଏ, ଯାହା ଶରୀରରେ ଫ୍ରି ରେଡିକାଲ୍ସର କ୍ଷତି ଏବଂ କୋଷର କ୍ଷତି କରିବାରେ ଉପକାରୀ ଅଟେ। ଫ୍ରି ରେଡିକାଲ୍ କାରଣରୁ କର୍କଟ, ହୃଦ ରୋଗ, ମଧୁମେହ ଇତ୍ୟାଦି ହେବାର ସମ୍ଭାବନା ବଢିଥାଏ। ଏହା ଚର୍ମ, କେଶ ଏବଂ ଆଖି ପାଇଁ ମଧ୍ୟ ଲାଭଦାୟକ ଅଟେ। ଏହି ଉପାୟରେ, ଆପଣ ଖାଦ୍ୟରେ ଅଙ୍ଗୁର ଅନ୍ତର୍ଭୁକ୍ତ କରିବା ଜରୁରୀ।

-ସ୍ମୃତି ପାଇଁ ଭଲ: ଯଦି ଆପଣ ପ୍ରତିଦିନ ୨୫୦ ଗ୍ରାମ ଅଙ୍ଗୁର ଖାଆନ୍ତି, ତେବେ ଏହା ଆପଣଙ୍କ ସ୍ମୃତି ପାଇଁ ଭଲ। ଏହା ମସ୍ତିଷ୍କର ସ୍ୱାସ୍ଥ୍ୟକୁ ବିକଶିତ କରାଇଥାଏ। ଏହା ମଧ୍ୟ ଆପଣଙ୍କ ମନୋବଳକୁ ଭଲ ରଖେ ଏବଂ ଆପଣଙ୍କୁ ଅଲଜାଇମର ଭଳି ରୋଗରୁ ମଧ୍ୟ ଦୂରେଇ ରଖିଥାଏ। ଏହା ବ୍ୟତୀତ ଏହା ଆପଣଙ୍କୁ ଫଙ୍ଗଲ୍ ସଂକ୍ରମଣ ଏବଂ ଜୀବାଣୁରୁ ରକ୍ଷା କରିବାରେ ମଧ୍ୟ ସାହାଯ୍ୟ କରେ।

## ଖୁସି ରହିବାର ଅଭ୍ୟାସ

କାମର ଚାପ ଏତେ ବଢୁଛି ଯେ ଯୁବବର୍ଗ ନିଜ ଅସ୍ତିତ୍ୱ ଏହା ମଧ୍ୟରେ ଭୁଲିଗଲେଣି । ଅଧିକାଂଶ ପରିବାରରେ ଆଜିକାଲି ନିୟମିତ କଳିଝଗଡ଼ା ଲାଗିରହୁଛି । ଏହା ପଛର ମୁଖ୍ୟ କାରଣ ହେଲା ପରସ୍ପରର ଅସୁବିଧାକୁ ନ ବୁଝିବା । ଏ ବାବଦରେ ଲଣ୍ଡନର ଗବେଷକ ଏନରି ଲ’ କହିଛନ୍ତି ପ୍ରତ୍ୟେକେ ଖୁସି ରହିବାକୁ ଚେଷ୍ଟା କରନ୍ତୁ । ନିଜ ଇଚ୍ଛା ଅନୁସାରେ ଜୀବନଶୈଳୀ ଅତିବାହିତ କଲେ କୌଣସି କାମର ଚାପ ପଡ଼ିନଥାଏ । ଏକଥା ପରିବାରର ପ୍ରତ୍ୟେକ ସଦସ୍ୟ ବୁଝିବା ସହ କାର୍ଯ୍ୟାଳୟର ସହଯୋଗୀ ମଧ୍ୟ ହୃଦୟଙ୍ଗମ କରିବା ଉଚିତ । କେବଳ ନିଜ ଇଚ୍ଛା ଅନୁଯାୟୀ ଆଗକୁ ବଢ଼ିଲେ ହିଁ ଅବସାଦର ଚାପକୁ କମ୍ କରିହେବ ବୋଲି ବିଶେଷଜ୍ଞଙ୍କ ମତ । ଦେଶ ସ୍ୱାଧୀନ ହୋଇଯାଇଛି, କିନ୍ତି ପରିବାର ତରଫରୁ ଏ ପର୍ଯ୍ୟନ୍ତ ସଦସ୍ୟମାନଙ୍କୁ ସ୍ୱାଧୀନତା ମିଳିନାହିଁ। ସମସ୍ତେ ଏହି କତାର ତାତ୍ପର୍ଯ୍ୟ ବୁଝି ଅଗ୍ରସର ହେବା ଉଚିତ ।



# ଘରେ କରନ୍ତୁ ରେଷ୍ଟୁରାଣ୍ଟ ଷ୍ଟାଇଲର ମଲାଇ ମସରୁମ ମସାଲା

ଆବଶ୍ୟକ ସାମଗ୍ରୀ: ମସରୁମ, ରିଫାଇନ ତେଲ, ଜିରା,ଗୁଜରାତି, ଡାଲିଚିନି, ପିଆଜ, ଅଦା, ରସୁଣ, କଞ୍ଚାଲଙ୍କା, ଲୁଣ, ହଳଦି, ଲଙ୍କା ଗୁଣ୍ଡ, ଜିରା ଓ ଧନିଆ ଗୁଣ୍ଡ, ଟମାଟୋ, କାଜୁ, ଫ୍ରେଶ୍ ମଲାଇ, କସ୍ତୁରୀ ମେଥି, ଧନିଆ ପତ୍ର

ପ୍ରସ୍ତୁତି ପ୍ରଣାଳୀ: ଏକ ପ୍ୟାନ୍ ?ରେ ରିଫାଇନ ତେଲ ଗରମ କରି ଜିରା ପକାନ୍ତୁ। ଏହାପରେ ସେଥିରେ ଗୁଜରାତି, ଡାଲିଚିନି ପକାଇ ପିଆଜ ପକାନ୍ତୁ। ପିଆଜ ଗୋଲଡେନ ଫ୍ରାଏ ହେବା ପରେ ସେଥିରେ ଅଦା ରସୁଣ ଓ କଞ୍ଚାଲଙ୍କା ପେଷ୍ଟ ପକାନ୍ତୁ। ଏହାକୁ ଭଲ ଭାବେ କଷନ୍ତୁ।

ଏହାପରେ ସେଥିରେ ଲୁଣ, ହଳଦି, ଲଙ୍କା ଗୁଣ୍ଡ, ଜିରା ଓ ଧନିଆ ଗୁଣ୍ଡ ପକାନ୍ତୁ। ଅଳ୍ପ ପାଣି ଦେଇ ମସଲାକୁ ଭଲ ଭାବେ ଘାଣ୍ଟନ୍ତୁ। ଏହାପରେ ସେଥିରେ ଟମାଟୋ କଟା ପକାନ୍ତୁ। ସେଥିରେ ଲୁଣ ପକାଇ ଘୋଡ଼ାଇ ଦିଅନ୍ତୁ। ଟମାଟୋ ଭଲ ଭାବେ ସିଝିଯିବା ପରେ ଗ୍ୟାସ୍ ?କୁ ସ୍ଲୋ କରି ସେଥିରେ ଦହି ପକାଇ ଫେଣ୍ଟନ୍ତୁ। ଦହି ଭଲ ଭାବେ ମିଶିଯିବା ପରେ ସେଥିରେ କାଜୁ ପେଷ୍ଟ ଓ ଫ୍ରେଶ୍ ମଲାଇ ପକାନ୍ତୁ। ଏହା ଭଲ ଭାବେ କଷି ଯିବା ପରେ ମସରୁମ୍‌କୁ ପକାଇ ଭଲ ଭାବେ ଘାଣ୍ଟନ୍ତୁ। ସେଥିରେ ଆବଶ୍ୟକ ଅନୁଯାୟୀ ଲୁଣ ପକାଇ ଗ୍ୟାସ୍‌କୁ ସିମ୍ କରି ଦିଅନ୍ତୁ। ପ୍ରାୟ ୧୦ ମିନିଟ୍ ପରେ ଢାଙ୍କୁଣି କାଢ଼ି ତାହାକୁ ଗୋଳାଇ ଦିଅନ୍ତୁ। ଏହାପରେ ସେଥିରେ କସ୍ତୁରୀ ମେଥି, ଧନିଆ ପତ୍ର, ପକାଇ ପ୍ଲେଟରେ ସର୍ଭ କରନ୍ତୁ ମସରୁମ୍ ମସାଲା । ଗରମାଗରମ ରୁଟଇ ସହ ଏହାର ମଜା ନିଅନ୍ତୁ।

## ଛୋଟ ଛୋଟ ଘରକରଣା ଟିପ୍ସ

ଘରକୁ ସଫା ରଖିବା ସହିତ ଘରର ସବୁ ଜିନିଷକୁ ସଫା ରଖିବା ମଧ୍ୟ ଜରୁରୀ। ଘରର ଚଟାଣ ହେଉ ଅବା ରୋଷେଇ ଘରେ ବ୍ୟବହୃତ ଗ୍ୟାସ୍ ? ଓ ବାସନକୁସନଗୁଡ଼ିକୁ ସଫା ରଖିବା ବହୁତ ଜରୁରୀ। ଏସବୁକୁ ସଫା କଲା ବେଳେ କିଛି ବିଶେଷ ଦିଗ ପ୍ରତି ଧ୍ୟାନ ଦିଅନ୍ତୁ, ତା’ହେଲେ ଏଗୁଡ଼ିକୁ ଆପଣ ଖୁବ୍ ସହଜରେ ସଫା କରିପାରିବେ। ଆସନ୍ତୁ ପଢ଼ିବା ସେମିତି କିଛି ଟିପ୍ସ।

- ◆ ବାସନରେ ପୋଡାଦାଗ ଥିଲେ ସେଥିରେ ଅଳ୍ପ ବେକିଙ୍ଗ ସୋଡା ଓ ଭିନେଗାର ପକାଇ ଅଳ୍ପ ସମୟ ପରେ ମାଜି ଦିଅନ୍ତୁ। ଦେଖିବେ ପୋଡା ଦାଗ ଛାଡିଯିବ।
- ◆ ଘରେ କ୍ଷୀର ଛିଣ୍ଡି ଯାଇଥିଲେ, ତାକୁ ନ ଫୋପାଡି ଛେନା କରନ୍ତୁ। ସେହି ଛେନାକୁ ଅଟା ଚକଟାରେ ବ୍ୟବହାର କରନ୍ତୁ। ରୁଟି ନରମ ଓ ସୁଆଦିଆ ହେବ।
- ◆ ରୁଟି ତାୱାରୁ ପୋଡା ଦାଗ ଛଡାଇବା ପାଇଁ ତାୱାକୁ ଗରମ କରି ସେଥିରେ ଫାଳେ ଲେମ୍ବୁ ଘଷି ଦିଅନ୍ତୁ। ପରେ ଅଳ୍ପ ବେକିଙ୍ଗ ପାଉଡର ପକାଇ ଫାଳେ ଲେମ୍ବୁ ଚିପୁଡି ବାସନ ମଜାରେ ମାଜି ଦିଅନ୍ତୁ। ଦେଖିବେ ତାୱାରୁ ପୋଡା ଦାଗ ଛାଡ଼ି ସଫା ହୋଇଯିବ।
- ◆ ଗ୍ରାଇଣ୍ଡର ଜାର ସଫା କରିବାକୁ ଚାହୁଁଥିଲେ, ସେଥିରେ ଅଳ୍ପ ବାସନ ମଜା ଲିକ୍ୱିଡ ପକାଇ ଅଳ୍ପ ପାଣି ଦେଇ ଗ୍ରାଇଣ୍ଡିଙ୍ଗ କରିଦିଅନ୍ତୁ। ପରେ ଭଲ ପାଣିରେ ଧୋଇଦିଅନ୍ତୁ। ଜାର ଭଲରେ ସଫା ହୋଇଯିବ।
- ◆ ଫ୍ରିଜରେ ପନିର ରଖିଥିଲେ ଏୟାର ଟାଇଟ ଡବାରେ ପାଣି ଦେଇ ବନ୍ଦ କରିରଖନ୍ତୁ। ଏପରି କଲେ ପନିର ସତେଜ ରହିବ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭୋଟରଙ୍କ ଦ୍ୱନ୍ଦ୍ୱ...

ସତରେ ଜଣେ ଭୋଟର କେତେ ମାନସିକ ଚାପରେ ରହେ, କେବେ ବିଚାର କରିଛନ୍ତି ? ଆମ ଭିତରୁ ଅଧିକାଂଶ ଭାବନ୍ତି, ନିର୍ବାଚନ ବେଳ ଆସିଲେ ଭୋଟରଙ୍କ କେତେ କାଟ୍‌ତି ! ନେତାମାନେ ଦୁଆରକୁ ଆସି ଜୁହାର କରିବେ, ଭଲମନ୍ଦ ପଚାରିବେ, ଖାଇବା ପିଇବା ଜିନିଷ ଆପଣା ଛାଏଁ ପହଞ୍ଚି ଯିବ। ଟଙ୍କା ପଇସା ମଧ୍ୟ ଆସିବ ! ବସ୍ତିବାସିନ୍ଦା ହେଲେ ତ ଆହୁରି କେତେ ଆଶ୍ୱାସନା ମିଳିବ। ତୁମ ସାଇ ରାସ୍ତା ପକ୍କା ହେଇଯିବ, ତୁମ ବସ୍ତିର ଡ୍ରେନ ନୂଆ ତିଆରି ହେବ, ଆଉ ତା' ଉପରେ କଂକ୍ରିଟ ଘୋଡ଼ଣି ପଡ଼ି ଧାଡ଼ିଏ ଫୁଲ କୁଣ୍ଡ ଥୁଆ ହେବ। ବସ୍ତିର ଚେହେରା ବଦଳିଯିବ। ସବୁ ଗାଆଁରେ, ସବୁ ସହରରେ, ସବୁ ଆଦିବାସୀ ଇଲାକାରେ ଏହିଭଳି କେତେକଣ ସ୍ୱପ୍ନର କାହାଣୀ ବୁଣା ହେବ ! ମଜାକଥା ହେଉଛି ଯେ ଯୋଉ ରାଜନୀତି ଦଳ କ୍ଷମତାରେ ଅଛନ୍ତି ସେମାନେ ଆସି କହିଯିବେ ସେମାନେ ଅଞ୍ଚଳ ପାଇଁ କ'ଣ କ'ଣ କରିଛନ୍ତି, ଆଉ ବିରୋଧୀ ଦଳର ନେତା ଆସି କହିବେ ଯେ ସରକାରୀ ଦଳରେ ସବୁ ଭକ୍ଷକ ଗୋଷ୍ଠୀ। ବିରୋଧୀ ଦଳ ଶାସନକୁ ଆସିଲେ ଦୁର୍ନୀତିଖୋର ସବୁ ନେତାଙ୍କୁ ଜେଲରେ ପୂରେଇଦେବେ। ନିର୍ବାଚନ ସବୁ ଦଳର କୁଜି ନେତା ଆଉ ସାଇ ନେତାମାନଙ୍କର ତ ପୁଷମାସ ! ଖାଇପିଇ ମସ୍ତି କରି ଦଳଦଳ ହେଇ ଖାଲି ଜିନ୍ଦାବାଦ କରୁଥିବେ ! ଭୋଟ ଗୀତ ବଜେଇ ବଜେଇ ଲୋକଙ୍କ କାନ ଗାଉଦା କରିବା କଥା। ରାତି ହେଲେ ଧୂମ ଖାନାପିନା। ସତରେ ନିର୍ବାଚନରେ ସମସ୍ତେ ଖୁସି। ଦଳ, ନେତା, କର୍ମୀ, କୁଜି ନେତା, ଗାଆଁ ସରପଞ୍ଚ, ସାଇ ମୁଖିଆ ସମସ୍ତେ। ସହଜେ ଆଜିକାଲି ଭୋଟ ମଧ୍ୟ ସାତ/ଆଠ ପର୍ଯ୍ୟାୟରେ ହେଉଛି। ତେଣୁ ସମସ୍ତେ ଲାଗିଯା'ନ୍ତି ଆପ୍ରାଣ ଉଦ୍ୟମରେ। କେମିତି ସବୁ ଭୋଟର ପାଖରେ ନେତା ଆଉ ପ୍ରାର୍ଥୀଙ୍କ ବାର୍ତ୍ତା ପହଞ୍ଚିବ। ସେଥିପାଇଁ ରାଲି, ସଭା, ରୋଡ ଶୋ, କର୍ମୀସଭା, ସାମ୍ବାଦିକ ସମ୍ମିଳନୀ ଆଉ ଗଣମାଧ୍ୟମ ମଞ୍ଚକୁ ଖୋଷାମତି। ଆଉ ଦରକାର ପଡ଼ିଲେ ନାଲିଆଖି ତଥା ଅନ୍ୟାନ୍ୟ ବହୁ ପରୀକ୍ଷିତ ବଶୀକରଣ ଉପାୟ ସବୁ ! ଆପଣ ଲକ୍ଷ୍ୟ କରିଥିବେ, ଏସବୁ କୋଳାହଳ ମଧ୍ୟରେ ବିଚରା ସାଧାରଣ ଭୋଟର ଜଣେ କିମିତି ଆକଳନ କରିବ, କିଏ ତା'ର 'ଭୋଟ୍'ର ଅସଲି ହକଦାର ? ଯିଏ ତାଙ୍କ ଅଞ୍ଚଳ ପାଇଁ, ରାଜ୍ୟ ପାଇଁ ଆଉ ଦେଶ ପାଇଁ ଭଲ କାମ କରିଛି ସିଏ, ନା ଯିଏ କାମ କଲା ଦଳର କୁତ୍ସାରଟନା କରି, ହାତଗୁଞ୍ଜା ଦେଇ, ନାଲି ଆଖି ଦେଖାଇ ଧମକେଇ ଯାଇଛି, ନା ଜାତି ଭାଇ ଓ ବିରାଦରି ବାଲା ନିୟମ କରେଇ ଯାହା ପାଇଁ ତାଗିଦ୍ କରିଛନ୍ତି ? ସତରେ ଭୋଟରଙ୍କ ଅକଲ ଗୁଡୁମ୍ ହେବନି କିପରି ? କରିବେ କ'ଣ ? ଯେଉଁ ଦଳ କ୍ଷମତାରେ ଥାଇ ରାସ୍ତାଘାଟ, ସ୍କୁଲ, କଲେଜ, ଡାକ୍ତରଖାନା, ଚାକିରୀ କଥା ସବୁ ବୁଝିଛନ୍ତି, ସେମାନେ ପୁଣିଥରେ ଶାସନକୁ ଆସିଲେ ଅସୁବିଧା କେଉଁଠି ? ବୁଝେଇବ କିଏ ? ପ୍ରଚାରରୁ ଅବସର ମିଳିଲେ ତ ? ରାଜନୀତି ଅର୍ଥ ଓ କ୍ଷମତାର ଖେଳ ! ତେବେ ଯିଏ କ୍ଷମତାରେ ରହି କାମ କରିଛି ଲୋକଙ୍କ ପାଇଁ, ରାଜ୍ୟ ପାଇଁ ଆଉ ଦେଶ ପାଇଁ, ତା' ବିରୁଦ୍ଧରେ ସବୁ ବିରୋଧୀ ଲାଗିଯାଉଛନ୍ତି। କଳେବଳେକୌଶଳେ ସେଇ ଦଳଟାକୁ ତଳକୁ ଖସାଇବାକୁ ପଡ଼ିବ ! ସେ ଯେତେ ଭଲ କାମ କରିଥାଉ ପଛେ, ତାଙ୍କ ନାଆଁରେ ସତମିଛ ଚୁଗୁଲି କରି ବଦନାମ କରିବା କଥା ତ ? ସେଥିପାଇଁ ଆଜିକାଲି ଡିଜିଟାଲ ଗଣମାଧ୍ୟମରେ କେତେ ପ୍ରଯୁକ୍ତି ବିଦ୍ୟା ବାହାରିଛି। ସଜ ମାଛରେ ପୋକ ପକେଇ ଦେବେ ପରା ! ବଡ଼ ବଡ଼ ନେତାଙ୍କର ଅବିକଳ ଭିଡିଓ ଚିତ୍ର ଓ ସ୍ୱାଭାବିକ କଥାବାର୍ତ୍ତାର କଥାକୁ ନେଇ ଏମିତି ବିଭ୍ରାନ୍ତକାରୀ ଭିଡିଓ ବାର୍ତ୍ତା ନିର୍ମାଣ ହୋଇପାରୁଛି ଯେ ଏଭଳି ଅସ୍ତ୍ର ବିରୋଧରେ ସମ୍ପୃକ୍ତ ଦଳ କିଛି ପ୍ରତିରୋଧ କଲା ପୂର୍ବରୁ ଏହି ଚୁଗୁଲି ବାରତା ଲକ୍ଷ ଲକ୍ଷ ଲୋକଙ୍କ ସ୍ମାର୍ଟଫୋନ୍‌ରେ ପହଞ୍ଚି ଯାଉଛି। ୟୁଟ୍ୟୁବ୍ ଓ ଏକ୍ସ ମଞ୍ଚରେ ସେହି ଅବସ୍ଥା। ସେଇଥିପାଇଁ ତ କେନ୍ଦ୍ର ସରକାର ନିକଟରେ ବାଧ୍ୟ ହୋଇ ସବୁ ଡିଜିଟାଲ୍ ଗଣମାଧ୍ୟମକୁ ଏଭଳି କୁତ୍ସାରଟନା ବିରୁଦ୍ଧରେ ତତ୍କାଳ ପଦକ୍ଷେପ ନେଇ ବିଭ୍ରାନ୍ତକାରୀ ବାର୍ତ୍ତାଗୁଡ଼ିକୁ ହଟାଇବାକୁ ଆଦେଶ ଦେଇଛନ୍ତି। ଆଜିକାଲି ତ ସୂଚନା ପ୍ରଯୁକ୍ତି ବିଦ୍ୟାର ଯୁଗ। ଭୋଟରମାନଙ୍କ ପାଖକୁ ସ୍ୱୟଂଚାଳିତ ବ୍ୟବସ୍ଥାରେ ଭିଡିଓ ତଥା ଅଡିଓ ବାର୍ତ୍ତା ଅନବରତ ପ୍ରେରଣ ଚାଲିଛି। ଏପଟେ ସାମ୍ନାସାମ୍ନି ପ୍ରଚାର ମଧ୍ୟ ଜୋର ଧରୁଛି। ନିର୍ବାଚନ ଯେତେ ପାଖେଇବ ସଭା, ସମିତି, ରାଲି ଆଦି ବାତାବରଣକୁ ଆହୁରି ଗରମ କରିବ। ଜଣେ ସାଧାରଣ ଭୋଟର ତା'ର ଜୀବିକା ଓ ପେଟପାଟଣା କଥା ବୁଝିବ ନା ରାସ୍ତାରେ କୋଳାହଳମୟ ନିର୍ବାଚନୀ ପଟୁଆର ପୃଷ୍ଠଭୂମିରେ ସମାଜ ପାଇଁ, ରାଜ୍ୟ ପାଇଁ ଆଉ ଦେଶ ପାଇଁ ରଚନାତ୍ମକ ବାର୍ତ୍ତାଟିଏ ଖୋଜିବ। ମୁକ୍ତ ଓ ଅବାଧ ନିର୍ବାଚନ ନାଁରେ ନିର୍ଦ୍ଦିଷ୍ଟ କେତେକ ଦଳଙ୍କ ଟଙ୍କା, ଠେଙ୍ଗା ଓ ବଶୀକରଣ ରଣନୀତିର ସତେଯେମିତି ନଇବଢ଼ି ମାଡ଼ି ଆସିଛି। ଶିକ୍ଷିତ ଓ ସମ୍ଭ୍ରାନ୍ତ ଭୋଟରମାନଙ୍କ କଥା ତ ଛାଡ଼ ! ସେମାନେ ଅଧିକାଂଶ ସହଜରେ ଭୋଟ ଦେବାକୁ ଯାଆନ୍ତିନି। କାରଣ ପଚାରିଲେ ସେ ଭିତରୁ କେତେକ କହନ୍ତି ଏ ରାଜନୈତିକ ଦଳମାନଙ୍କର କାନଫଟା ଘୋଷଣାରୁ କ୍ଷମତାକୁ ଆସିଲେ କିଏ କ'ଣ କରିବ ସ୍ପଷ୍ଟ ଜାଣି ହେଉନାହିଁ।

## ରାମ-ରାମ, ଅର୍ଥନୀତି-ବିକାଶ ଏବଂ ଆଗାମୀ ୨୫ ବର୍ଷ



**ସୌମ୍ୟସାଇ ସିଦ୍ଧାର୍ଥ**

ଅଗଲେବାର ୪୦୦ ପାର୍......। କେନ୍ଦ୍ରରେ ବିଜେପି ତାର ସଂସଦୀୟ କ୍ଷେତ୍ର ସଂଖ୍ୟା ବଢ଼ାଇବା ମିଶନ ନେଇ କାର୍ଯ୍ୟକରୁଛି। ବିଜେପିର ମୁଖ୍ୟ ଓ ପ୍ରଭାବୀ ଚେହେରା ତଥା ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜଣେ ବିଶ୍ୱନେତା ଭାବେ ପ୍ରତୀୟମାନ। ଭାରତ ଆଜି ବିଶ୍ୱ ଅର୍ଥନୀତିରେ ଏକ ମଜଭୁତ ସ୍ଥିତିରେ ରହିଛି। ବିଜେପି ତାର ତୃଣମୂଳ ସ୍ତରରୁ ସଂଗଠନକୁ ସୁଦୃଢ଼ କରିବା ସହ ନିର୍ବାଚନ ପାଇଁ ପୁରା ପ୍ରସ୍ତୁତ ହୋଇଛି। ବଜେଟ ଅଧିବେଶନ ଆରମ୍ଭରୁ ଅର୍ଥାତ ଜାନୁଆରୀ ୩୧ ତାରିଖରୁ ସପ୍ତଦଶ ଲୋକସଭାର ଶେଷ ଅଧିବେଶନ ଫେବୃଆରୀ ୧୦ ମଧ୍ୟରେ ଏପରି କିଛି ଘଟଣାକ୍ରମ ଦେଖିବାକୁ ମିଳିଛି ଯାହା ସାମ୍ପ୍ରତିକ ବିକାଶ ରାଜନୀତି ଏବଂ ଅର୍ଥନୀତି ମଧ୍ୟରେ ଏକ ନୂଆ ସମ୍ପର୍କ ଚିହ୍ନଟ କରିଛି। ଏହା ସ୍ପଷ୍ଟ କରିଛି ଯେ, ସରକାର ଯେତେ ମଜଭୁତ ହେବେ, ତାଙ୍କ ନେତୃତ୍ୱ ନିକଟରେ ନିର୍ବାଚନ ଜିତିବାର ଆତ୍ମବିଶ୍ୱାସ ସେତେ ମଜଭୁତ ହେବ। ରାଜନୈତିକ ପରିଚାଳନା ଯେତେ ପ୍ରଭାବଶାଳୀ ହେବ ସେତେ ସୁଦୃଢ଼ ହେବ ଅର୍ଥନୀତି ଏବଂ ଗଣତନ୍ତ୍ରର ବ୍ୟବସ୍ଥା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ ପରାମର୍ଶଦାତା ବୋଧହୁଏ ହୃଦୟଙ୍ଗମ କରିସାରିଛନ୍ତି ଯେ, ନିର୍ବାଚନ ଜିତିବା ପାଇଁ ଯେଉଁ ପ୍ରକାରର ରଣନୀତିର ପରିଚାଳନାର ଆବଶ୍ୟକତା ରହିଛି ତାହା ଗତ ପାଞ୍ଚ ବର୍ଷରେ ହିଁ ସଫଳ ହୋଇଛି। ଆଗକୁ ଆଉ କିଛି ଦୃଢ଼ ଓ କଠୋର ପଦକ୍ଷେପ ଖାଲି ଦଳକୁ ନୁହଁ ବରଂ ଦେଶକୁ, ଦେଶର ଅର୍ଥନୀତିକୁ, ବିକାଶକୁ ଦେବ ନୂଆ ଦିଗ।

ତେବେ ପ୍ରଧାନମନ୍ତ୍ରୀଙ୍କ ଏଜେଣ୍ଡା କ'ଣ ? ଅଧିବେଶନ ଆରମ୍ଭ ପୂର୍ବରୁ ପ୍ରଥମେ ପ୍ରଧାନମନ୍ତ୍ରୀ ସଂସଦ ଭବନ ବାହାରେ ସାମ୍ବାଦିକମାନଙ୍କ ସହ କଥା ହେଲାବେଳେ ସମସ୍ତଙ୍କୁ 'ମେରା ରାମ-ରାମ' କହି ଭାଜପାର ଏଜେଣ୍ଡାକୁ ହିଁ ଉଲ୍ଲେଖ କରିଦେଇଥିଲେ। ଅର୍ଥାତ୍ ଭାଜପାର ପ୍ରଥମ ଏଜେଣ୍ଡା ରାମ। ମୋଦୀ ଏହା ସୂଚାଇ ଦେଲେ ଯେ, ଦଳର ଘୋଷଣାପତ୍ରରେ ପ୍ରଥମ ସ୍ଥାନରେ ଥିଲା ରାମ ମନ୍ଦିର ନିର୍ମାଣ। ଦେଶବାସୀଙ୍କ ଏହି ଆଶା ଓ ବିଶ୍ୱାସକୁ ରାମ ମନ୍ଦିର ନିର୍ମାଣ ମାଧ୍ୟମରେ ଆମେ ପୂରଣ କରିଛୁ। ନିର୍ମଳା ସୀତାରମଣଙ୍କ ଅନ୍ତରୀଣ ବଜେଟ, ବଜେଟ ଉପରେ ମୋଦୀଙ୍କ ପ୍ରତିକ୍ରିୟା ସୂଚାଇ ଦେଉଛି ଯେ ବିକାଶ ସହ ଅର୍ଥନୀତିକୁ ମଜଭୁତ କରିବା ପାଇଁ ଆମେ ନେଉଛୁ ପଦକ୍ଷେପ। ସାଧାରଣ ନିର୍ବାଚନ ପୂର୍ବରୁ ସରକାର ଭୋଟ ହାତେଇବା ପାଇଁ ନିଜ ରାଜକୋଷକୁ ଖୋଲି ଦେଇଥାନ୍ତି। ପାଞ୍ଚ ବର୍ଷ ତଳେ ୨୦୧୯ ନିର୍ବାଚନ ପୂର୍ବରୁ ସରକାର ରାଜକୋଷ ଖୋଲି ଦେଇଥିଲେ। ସେ ସମୟରେ ମୋଦୀ ତିନୋଟି ବିଧାନସଭା ନିର୍ବାଚନ ହାରିଥିଲେ, ଯାହା ବିରୋଧୀ କଂଗ୍ରେସ ଆଶ୍ୱସ୍ତ କରିଥିଲା ଯେ ମୋଦୀଙ୍କୁ ହରାଯାଇପାରିବ। ହେଲେ ଏଥର କିନ୍ତୁ ଖେଳ ବଦଳିଯାଇଛି। ମୋଦୀ ଭଲ ଭାବେ ବୁଝିସାରିଛନ୍ତି ଯେ ଲୋଭନୀୟ ଯୋଜନା କିମ୍ବା ଲାଭାର୍ଥୀଙ୍କୁ ଅଧିକ ଦେଇ ଭୋଟକୁ ବଦଳାଇଯାଇପାରିବ ନାହିଁ ବରଂ ରାଜ୍ୟସ୍ତରରୁ ନେତାଙ୍କ ସ୍ତରରୁ ଏବଂ ସମୁଦାୟ ସ୍ତରରୁ ପଦକ୍ଷେପ ନିଆଯିବ। ଏହକୁ ଦୃଷ୍ଟିରେ ରଖି ବଜେଟରେ କୌଣସି ବଡ଼ ଘୋଷଣା ନକରି ଅର୍ଥନୀତି ଓ ବିକାଶକୁ ଗୁରୁତ୍ୱ ଦେଇ ପୂର୍ବ ପ୍ରଚଳିତ ଯୋଜନାକୁ ଆଗେଇ ନେବା ଉପରେ ଗୁରୁତ୍ୱ ଦେଲେ ପ୍ରଧାନମନ୍ତ୍ରୀ। ଏହା ସତ ଯେ ଗତ ପାଞ୍ଚ ବର୍ଷରେ ଦେଶର ଅର୍ଥନୀତି ସହ ସାମାଜିକ ବିକାଶ ନୂଆସ୍ତରରେ ପହଞ୍ଚି ସାରିଛି। ଲୋକେ ମଧ୍ୟ ଏହାକୁ ହୃଦବୋଧ କରିଛନ୍ତି। ମୋଦୀ ଲୋଭସଭା ଓ ରାଜ୍ୟସଭା ଅଭିଭାଷଣରେ ଗତ ୧୦ ବର୍ଷର ସଫଳତାକୁ ଉଲ୍ଲେଖ କରିବା ସହ ସଂସ୍କାର, ପ୍ରଦର୍ଶନ ଓ ରୂପାନ୍ତରଣ କିଭଳି ଆମର ମନ୍ତ୍ର ଥିଲା ଏବଂ କିପରି ଆମେ ଏତେ ସଫଳ ହୋଇଛୁ ତାହା ଜଣାଇ ଦେଲେ ଦେଶବାସୀଙ୍କୁ। ମୋଦୀଙ୍କ ତୃତୀୟ ଏଜେଣ୍ଡା ହେଉଛି ଆସନ୍ତା ୨୫ ବର୍ଷ। ବିକଶିତ ଭାରତ ଲକ୍ଷ୍ୟରେ ସରକାର ଅଗ୍ରସର ହେବା କଥା ପ୍ରଧାନମନ୍ତ୍ରୀ ଜଣାଇବା ସହ ଜନକଲ୍ୟାଣ ଓ ଲୋକ କଲ୍ୟାଣ କ୍ଷେତ୍ରକୁ ଆହୁରି ଗୁରୁତ୍ୱ ଦିଆଯିବ ବୋଲି ସ୍ପଷ୍ଟ ସଂକେତ ଦେଇସାରିଛନ୍ତି। ଆଗାମୀ ୨୫ ବର୍ଷ ପାଇଁ ରୋଡ଼ମ୍ୟାପ ପ୍ରସ୍ତୁତି ସହ କିଛି ଧମାକାଦାର ନିଷ୍ପତ୍ତି ନିଆଯିବା କଥା ମଧ୍ୟ କହିସାରିଛନ୍ତି। ମୋଟାମୋଟି କହିବାକୁଗଲେ ମୋଦୀ ନିର୍ବାଚନ ପୂର୍ବରୁ ଦେଶବାସୀଙ୍କ ଆଗରେ ଯେଉଁ ଏଜେଣ୍ଡା ରଖିଛନ୍ତି ତାହା ଜନତାଙ୍କ ମନରେ ବିଶ୍ୱାସ ମଜଭୁତ କରିବା ପାଇଁ ଯଥେଷ୍ଟ। ରାମ ମନ୍ଦିର କଥା କହି ସେ ଜଣାଇଦେଲେ ଆମେ ପ୍ରତିଶ୍ରୁତି ଦେଇଥିଲୁ, ପାଳନ କଲୁ। ଲୋକସଭା ଓ ରାଜ୍ୟସଭାରେ ଗତ ୫ବର୍ଷର ସଫଳତାକୁ ଉପସ୍ଥାପିତ କରି ସୂଚାଇ ଦେଲେ ଯେ, ଆମ ପଦକ୍ଷେପ କାରଣରୁ ଗରିବୀ କମିଛି, ବେକାରୀ କମିଛି, ସାମାଜିକ ବ୍ୟବସ୍ଥା ମଜଭୁତ ହୋଇଛି। ଏଥିସହ ବିକାଶଧାରାରେ ଭାରତ ଯାଇ ବନିପାରିଛି ବିଶ୍ୱର ୫ମ ବୃହତ ଅର୍ଥନୀତି। ତୃତୀୟ ସ୍ଥାନରେ ପହଞ୍ଚିବା ପାଇଁ ଆଉ ବେଶି ବାଟ ନାହିଁ। ତୃତୀୟ ଏଜେଣ୍ଡା ମାଧ୍ୟମରେ ସେ ୨୫ ବର୍ଷରେ କିପରି ଭାରତ ବିକଶିତ ରାଷ୍ଟ୍ର ବନିବ ତାର ମଧ୍ୟ ରୋଡ଼ମ୍ୟାପ ହୋଇସାରିଛନ୍ତି। ଅର୍ଥାତ ଆଗକୁ ଆହୁରି ଜନକଲ୍ୟାଣ ଓ ସାମାଜିକ ବ୍ୟବସ୍ଥାକୁ ମଜଭୁତ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସୂଚାଇ ଦେଇଛନ୍ତି।

ଓଡ଼ିଶା ବିଜେପିର ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ସବୁ ଘୋଷଣା ହୋଇସାରିଲାଣି ତେବେ ସମ୍ମାନଜନକ ବାରବାଟୀ କଟକର ବିଜେପି ଟିକେଟ ଏବେ ଝୁଲି ରହିଛି। ହଜାର ବର୍ଷର ସହର ଭାବେ ପରିଚିତ କଟକିଆମାନେ କିନ୍ତୁ ମନ ସ୍ଥିର କରିସାରିଛନ୍ତି ଏହି ଆସନରେ ବିଜେପିକୁ ମନୋନୀତ କରିବା ପାଇଁ। ତେବେ ରାଜ୍ୟ ବିଜେପି ଏହି କ୍ଷେତ୍ର ପାଇଁ ତାର ତାଲିକାକୁ ଝୁଲାଇ ରଖିଥିବାବେଳେ ସମସ୍ତଙ୍କ ଆଗରେ ରହିଛନ୍ତି କେବଳ ଓଡ଼ିଶାର ନୁହେଁ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ବେଶ ନାଁ କମାଇ ଥିବା ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ସମାଜ ସେବକ ପ୍ରଫେସର ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ପାଇଁ। କହିବାକୁଗଲେ କଟକ ଲୋକସଭା ସଂସଦୀୟ କ୍ଷେତ୍ର ପାଇଁ ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ନାମ କେନ୍ଦ୍ରୀୟ ସ୍ତରରେ ଚୂଡ଼ାନ୍ତ ହୋଇସାରିଥିଲା ଏ ନେଇ ଓଡ଼ିଶା ବିଜେପିରେ ସମସ୍ତେ ଆନନ୍ଦିତ ମଧ୍ୟ ହୋଇଥିଲେ। ତେବେ ଭର୍ତ୍ତୃହରି ମହତାବ ବିଜେଡ଼ିରୁ ବିଜେପିକୁ ଆସିବା ପରେ ରାଜନୈତିକ ଗଣିତ ଓଲଟ ପାଲଟ ହୋଇଗଲା। ତେବେ କୁହାଯାଉଛି କେନ୍ଦ୍ରୀୟ ବିଜେପି ଓ ଓଡ଼ିଶା ବିଜେପି ଜଣେ ନିର୍ବିବାଦୀୟ ପ୍ରାର୍ଥୀ ଭାବେ ଡାକ୍ତର ମହାପାତ୍ରଙ୍କୁ ଟିକେଟ ଦେବାକୁ ବେଶ ଆଗ୍ରହୀ। କାରଣ ଓଡ଼ିଶାର ଯେଉଁ କ୍ୱଚିତ କୃତୀତ୍ୱପୂର୍ଣ୍ଣ ଚିକିତ୍ସକ ବିଶ୍ୱ ମାନଚିତ୍ରରେ ଓଡ଼ିଶାର ସ୍ୱାସ୍ଥ୍ୟ ସେବାକୁ ଏକ ସମ୍ମାନଜନକ ସ୍ଥାନରେ ପହଞ୍ଚାଇଛନ୍ତି ତାଙ୍କ ଭିତରେ ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଅନ୍ୟତମ। ଭାଇଚାରାର ସହର କଟକରେ ତାଙ୍କର ଯଥେଷ୍ଟ ପ୍ରଭାବ ଓ ବନ୍ଧୁ ବତ୍ସଳତା ରହିଛି।

> ବିଜେପିରେ ବିଧିବଦ୍ଧ ଭାବେ ଯୋଗଦାନ କରିବା ପରେ ସେ ବେଶ ସକ୍ରିୟ ହେବାସହ ସଂଗଠିତ ଭାବେ ଦଳକୁ ମଜଭୁତ କରୁଛନ୍ତି। ତାଙ୍କ ଲୋକପ୍ରିୟତା ମଧ୍ୟ ଢ଼େର ଉଚ୍ଚରେ ରହିଛି। ଜାତୀୟ ଗଣମାଧ୍ୟମରେ ଯାହା ଖବର ପ୍ରକାଶ ପାଉଛି ତାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅମିତ ଶାହା ଆଗକୁ କୌଣସି ଏକ ବଡ଼ ପଦବୀ ଦେବା ପାଇଁ ମଧ୍ୟ ଚାହୁଁଛନ୍ତି। ତେବେ ସମ୍ମାନଜନକ ବାରବାଟୀ କଟକ ବିଜେପି ଟିକେଟ ପାଇଁ ଡାକ୍ତର ମହାପାତ୍ରଙ୍କ ନାଁ ଆଗରେ ରହିଥିବାରୁ କଟକିଆମାନେ ବେଶ ଖୁସି ଓ ତାଙ୍କ ବିଜୟ ନେଇ ନିଶ୍ଚିନ୍ତ ଆଶାବାଦୀ ରହିଛନ୍ତି।

ବିଜେପିରେ ବିଧିବଦ୍ଧ ଭାବେ ଯୋଗଦାନ କରିବା ପରେ ସେ ବେଶ ସକ୍ରିୟ ହେବାସହ ସଂଗଠିତ ଭାବେ ଦଳକୁ ମଜଭୁତ କରୁଛନ୍ତି। ତାଙ୍କ ଲୋକପ୍ରିୟତା ମଧ୍ୟ ଢ଼େର ଉଚ୍ଚରେ ରହିଛି। ଜାତୀୟ ଗଣମାଧ୍ୟମରେ ଯାହା ଖବର ପ୍ରକାଶ ପାଉଛି ତାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅମିତ ଶାହା ଆଗକୁ କୌଣସି ଏକ ବଡ଼ ପଦବୀ ଦେବା ପାଇଁ ମଧ୍ୟ ଚାହୁଁଛନ୍ତି। ତେବେ ସମ୍ମାନଜନକ ବାରବାଟୀ କଟକ ବିଜେପି ଟିକେଟ ପାଇଁ ଡାକ୍ତର ମହାପାତ୍ରଙ୍କ ନାଁ ଆଗରେ ରହିଥିବାରୁ କଟକିଆମାନେ ବେଶ ଖୁସି ଓ ତାଙ୍କ ବିଜୟ ନେଇ ନିଶ୍ଚିନ୍ତ ଆଶାବାଦୀ ରହିଛନ୍ତି।

ମୋଦୀଙ୍କ ଆତ୍ମବିଶ୍ୱାସ ସହ ରାଜନୀତି ଓ ଅର୍ଥନୀତି ମଧ୍ୟରେ ଏକ ନୂଆ ସମ୍ପର୍କ ଚିହ୍ନଟର ଉଦ୍ୟମ ଏକ ପ୍ରକାର ସ୍ପଷ୍ଟ କରୁଛି ଯେ ସରକାରଙ୍କ ୪୦୦ ପାର ସ୍ଲୋଗାନ ଖାଲି ଏକ ସ୍ଲୋଗାନ ନୁହେଁ ବରଂ ଏକ ମଜଭୁତ ଭାରତର ଆଧାର ହେବାକୁ ଯାଉଛି। ଆଉ ଏହା ଭିତରେ ରାଜନୈତିକ ପରିଚାଳନା ମାଧ୍ୟମରେ ବିରୋଧୀଙ୍କୁ ସଫଳତାର ସହ ଦୁର୍ବଳ କରିବାରେ ମଧ୍ୟ ସେ ସମର୍ଥ ହୋଇଛନ୍ତି। କିଛି ନେତାଙ୍କୁ ବିରୋଧୀଙ୍କ ଠାରୁ ଛଡ଼ାଇ ଆଣିଛନ୍ତି, ଆଉ କିଛି ନେତାଙ୍କୁ ବିରୋଧୀ ମେଣ୍ଟକୁ ଯିବାରେ ବାଡ଼ ପକାଇ ଦେଇଛନ୍ତି। ରତ୍ନ ପୁରସ୍କାର ମାଧ୍ୟମରେ ଦୀର୍ଘ ମିୟାଦ ରାଜନୀତିର ଲକ୍ଷ୍ୟକୁ ମଧ୍ୟ ସେ ହାସଲ କରିଛନ୍ତି। ପୁରୁଣା ରାଜନୈତିକ ଦଳ କଂଗ୍ରେସକୁ ଠିକ ନିର୍ବାଚନ ପୂର୍ବରୁ ଶ୍ୱେତପତ୍ର ମାଧ୍ୟମରେ ଅସହଜ ପରିସ୍ଥିତିକୁ ଠେଲି ଦେଇଛନ୍ତି। ମୋଦୀଙ୍କ ଏହି ଏଜେଣ୍ଡା ଏପରି ଭାବେ ସେଟ ହୋଇସାରିଛି ଯେ କିଛି ବିରୋଧୀ ନେତା ମଧ୍ୟ ୪୦୦ ଅସମ୍ଭବ ନୁହେଁ ବୋଲି କହିବାକୁ ପଛାଉନାହାଁନ୍ତି। ମୋଦୀଙ୍କ ଫର୍ମୁଲା ଜ୍ଞାନ (ଗରିବ, ଯୁବା, ଅନ୍ନଦାତା / କୃଷକ ଏବଂ ନାରୀ) ଉପରେ ଧ୍ୟାନ ଏବଂ ଜ୍ଞାନଙ୍କୁ ସମ୍ମାନ ଏହା ସ୍ପଷ୍ଟ କରିଛି ଯେ ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ର ବନାଇବାର ସଂକଳ୍ପ ସରକାର ନେଇସାରିଛନ୍ତି।

+ ପ୍ଲଟ ନଂ-୭ଡି/୧୩୫୪,
ସେକ୍ଟର-୯, ସିଡିଏ, କଟକ,
ମୋ : ୮୯୨୬୨୮୧୭୦୭

## ସେ ଥିଲେ ସାଧା ଜୀବନ ଓ ଉଚ୍ଚ ବିଚାର ସମ୍ପନ୍ନ ମଣିଷ

**ସୁବ୍ରତ କୁମାର ମହାନ୍ତି**

### ରଘୁମଣି ତ୍ରିପାଠୀଙ୍କ ଏକାଦଶାହ ଉପଲକ୍ଷେ

ଆଜକୁ ୪୦ ବର୍ଷ ତଳର କଥା କହୁଛି । ସେ ସମୟରେ ମୋର ବୟସ ଥିଲା ୧୨ ବର୍ଷ ମୁଁ ଉଦଳା ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ଥିଲି। ଦିନେ ହଠାତ ଆମ ବିଦ୍ୟାଳୟ ପାଖ ଦେଇ ଡ଼ାକବାଜି ଯନ୍ତ୍ରରେ ପ୍ରଚାରିତ ହେଲା 'ବାଇଧର ବାବୁଙ୍କ ସିନେମା ହଲରେ ଅନୁଷ୍ଠିତ ହେବ ଗୀତା ଜ୍ଞାନ ଯଜ୍ଞ । ଚିନ୍ମୟ ମିଶନର ସନ୍ୟାସୀ ସ୍ୱାମୀ ନିଜାନନ୍ଦ ସରସ୍ୱତୀ ଏଠାରେ ପ୍ରବଚନ ଦେବେ।' ବାସ ଏତିକି କଥା ଶୁଣିବା ପରେ ସନ୍ଧ୍ୟାରେ ଯାଇ ହାଜର ହେଲି ବାଇଧର ବାବୁଙ୍କ ସିନେମା ହଲରେ । ଏଠାକୁ ଯିବାକୁ ଆଦୌ ସଂକୋଚ ଲାଗୁନଥିଲା, କାରଣ ବାଇଧର ବାବୁଙ୍କ ପୁତ୍ର 'ବୁବୁ' ଆମ ସହିତ ପାଠ ପଢୁଥିଲା । କିଛି ସମୟ ପରେ ସ୍ୱାମୀ ନିଜାନନ୍ଦ ସରସ୍ୱତୀ ଆସି ହାଜର ହେଲେ, ପ୍ରଥମେ ଗୁରୁ ବନ୍ଦନା ଓ ପରେ ବିଜୟ ମହାମନ୍ତ୍ର ପାଠ କଲେ । ସମ୍ମୁଖରେ ବସିଥିବା ସମସ୍ତ ଶ୍ରୋତା ମାନେ ମଧ୍ୟ ତାଙ୍କ ସହିତ ଗୁରୁବନ୍ଦନା ଓ ବିଜୟ ମହାମନ୍ତ୍ରକୁ ଦୋହରାଇ ଥିଲେ । ପରେ ସ୍ୱାମୀଜୀ ସଂସ୍କୃତ ଭାଷାରେ 'ଗୀତା' ର ଗୋଟିଏ ଗୋଟିଏ ଶ୍ଳୋକ ଉଚ୍ଚାରଣ କଲେ ଓ ଏହାର ଅର୍ଥ ଓଡ଼ିଆରେ ବିଭିନ୍ନ ଉଦାହରଣ ମାନ ଦେଇ ପ୍ରାଞ୍ଜଳ ଭାବରେ ଖୁବ୍ ସୁନ୍ଦର ବୁଝାଇ ଥିଲେ । ଏହା ମନକୁ ଏତେ ମାତ୍ରାରେ ଛୁଇଁଥିଲା ଯେ ଏଠାକୁ ଗୋଟିଏ ଦିନ ନ ଆସିଲେ ଜମା ଭଲ ଲାଗିଲା ନାହିଁ । ପରେ ମୁଁ ନିୟମିତ ଏଠାକୁ ଗୀତା ଶୁଣିବାକୁ ଆସିଲି । କେବଳ ମୁଁ ନୁହେଁ ଏହି ଭଳି ବହୁ ସଂଖ୍ୟାରେ ଲୋକ ମନ୍ତ୍ର ମୁଗ୍ଧ ହୋଇ ଉଠିଥିଲେ । ଉଦଳା ସହର ମଧ୍ୟରେ ଏହା ସୃଷ୍ଟି କରିଥିଲା ଏକ ଆଧ୍ୟାତ୍ମିକ ବାତାବରଣ । ପରେ ଜାଣିଲି ଏହି କାର୍ଯ୍ୟକ୍ରମର ଆୟୋଜକ ଥିଲେ ରଘୁମଣି ତ୍ରିପାଠୀ । ଆହୁରି ଅଧିକ ଖୁସି ଲାଗିଲା, ରଘୁମଣି ତ୍ରିପାଠୀଙ୍କ ପୁତ୍ର 'କାବୁ' ଆମ ସହିତ ପାଠ ପଢୁଥିଲା । ତେଣୁ କାବୁ ସହିତ ବାରମ୍ବାର ତାଙ୍କ ଘରକୁ ଯାଇ ସ୍ୱାମୀ ନିଜାନନ୍ଦ ସରସ୍ୱତୀଙ୍କୁ ଦେଖିବାର ସୁଯୋଗ ପାଇଥିଲି । ପରେ ପରେ ଏହି କାର୍ଯ୍ୟକ୍ରମ କ୍ରମାଗତ କିଛି ବର୍ଷ ଧରି ଅନୁଷ୍ଠିତ ହେଲା । ଜୟଚନ୍ଦ୍ର ପତ୍ରି, ଡ଼ାକ୍ତର ଜଳଧର ମଲ୍ଲୁଆଳ, ପ୍ରଫୁଲ ଦାସ ଇତ୍ୟାଦି ଏହା ଆୟୋଜନର ନେତୃତ୍ୱ ନେଲେ । ବାସ୍ତବରେ ଏହିଭଳି ଜଣେ ସନ୍ୟାସୀଙ୍କର ପାଦର ସ୍ପର୍ଶ ପାଇ ଧନ୍ୟ ହୋଇ ଉଠିଥିଲା ଉଦଳା ମାଟି ଓ ପବିତ୍ର ବନିଥିଲା ଏଠାକାର ପାଣି ପବନ । ଆଉ ଏ ସମସ୍ତ ଶ୍ରେୟ ମୁଁ ରଘୁମଣି ତ୍ରିପାଠୀଙ୍କୁ ଦେଇଥାଏ । ବାସ୍ତବରେ ସାଧା ଜୀବନ ଓ ଉଚ୍ଚ ବିଚାର ସମ୍ପନ୍ନ ମଣିଷ ଥିଲେ ରଘୁମଣି । ଆଜିର ଏକାଦଶାହ ଅବସରରେ ଏହିଭଳି ଜଣେ ମହାନ ଆତ୍ମାଙ୍କୁ କୋଟି ପ୍ରଣାମ ଜଣାଇ ଏଠାରେ ମୋର ଲେଖନିକୁ ବିରାମ ଦେଉଛି ।



+ ଉଦଳା, ମୟୂରଭଂଜ
ମୋ-୯୮୬୧୮୨୪୩୨୨

## କବିତା କୋଣାର୍କ

### ଖରା

**ଦିଲିପ୍ କୁମାର ତ୍ରିପାଠୀ**



ଖରାଦିନେ ତାତି ଯାଏ ପାଦ
ବହିଯାଏ ସ୍ୱେଦ,
ପୋଡିଯାଏ ଦେହ, ମନ, ବନ
ନିଆଁ ବର୍ଷା କରେ ଗଗନ
ଆଖିରୁ ଲୁହ ନୁହେଁ ଲହୁ ଝରେ
ତୁମ ଘରେ ତ' ଏବେ ଶୀତ ଋତୁ
ତୁମର କ'ଣଟା ସରେ ?

ଲୁଗା ଚିପୁଡ଼ିଲା ପରି ଚିପୁଡି ଦିଏ
ଶେଷ ବୁନ୍ଦାକ ବି ବାହାରିଯାଏ
ସମସ୍ତେ ଦେଖନ୍ତି, ସମସ୍ତେ ଶୁଣନ୍ତି
କେହି କଣ କେବେ ପଚାରିଦିଏ ...!!

ରାସ୍ତା କଡରେ, ବସ୍ତା ଘୋଡ଼େଇ
ଶୋଇଯାଉ ଆମେ ଆଧାର ହୀନ
ଅସ୍ତିତ୍ୱ ଆମର କେବେବି ନଥିଲା
ବସ୍ତିରେ ଆମ ନିଆଁ ଲାଗିଗଲା
ତପ୍ତ ମାଟିରେ ,ସୁପ୍ତ ସ୍ଥିତିରେ
ଶସ୍ତାରେ ଗଲା ଜୀବନ
ନର୍କ ଯନ୍ତ୍ରଣା ଅର୍କ ଦେଉଛି
ପଡ଼ି ରହି ଖାଲି କାଟୁଛୁ ଦିନ ।

+ କୁନ୍ଦନଦେଇପୁର ଶାସନ,
ପର୍ଜଙ୍ଗ, ଢେଙ୍କାନାଳ
(ମୋ) ୯୭୭୮୧୦୬୧୦୫

### ଗ୍ରୀଷ୍ମ ଆସିନାହିଁ.....

**ରାମଚନ୍ଦ୍ର ବେହେରା**



ଫେରିଯିବା ପାଇଁ ଭବ୍ୟ ଋତୁରାଜ
ପେଡି ପୁଟୁଳା ବାନ୍ଧିଲା
ଗ୍ରୀଷ୍ମ ଆସିନାହିଁ କାହିଁକି ରାଇଜେ
ଝାଂଜି ପବନ ବହିଲା।

ତପ୍ତ ନିଦାଘର ଅପଘାତୀ ରୌଦ୍ର
ରାଜୁତି କଲାଣି ଆସି
ଦୀପ୍ତିର ଉଷ୍ମତା ଭୀତି ଜାଗେ ମନେ
ହଜିଲା ପରାଣୁ ଖୁସି।

ଟାଇଁ ଟାଇଁ ଖରା ସକାଳ ପ୍ରହରୁ
ଲାଗୁଛି ମଧ୍ୟାହ୍ନ ପରି
ଉହ ପବନରେ ଅସ୍ତବ୍ୟସ୍ତ ତନୁ
ମଥା ଯାଉଅଛି ଘାରି।

ତାତିର ପ୍ରକୋପ ସହିହେଉ ନାହିଁ
ଖରାରେ ଫୁଟଇ ଖଇ
ଚାରୁ ତରୁଲତା ଶୁଷ୍କ ରୂପେ ପୁଣି
ଡାକୁଛନ୍ତି ତ୍ରାହୀ ତ୍ରାହୀ।

ସବୁଜ ବନାନୀ ଧୂସରିଆ ଦିଶେ
ଝାଉଁଳଇ କିଶଳୟ
ସଭିଏଁ ଖୋଜନ୍ତି ବୃକ୍ଷ ଛାୟା ତଳ
ବସନ୍ତ ମୃଦୁ ମଳୟ।
ଜଳର ପତନ ଖସି ଖସି ଯାଏ
ବନ୍ୟପ୍ରାଣୀ ବିପଦରେ
ଅଂଶୁଘାତ ତା'ର କାୟା ବିଛାଉଛି
ଦୀନ ମଜୁରିଆ ମରେ।

ଏ ମାନବ ଜାତି ନିଜ ସ୍ୱାର୍ଥ ପାଇଁ
ପ୍ରକୃତିକୁ ନଷ୍ଟ କଲା
ଜାଣିଶୁଣି ସିଏ ବସୁଧା ମାଆର
ସନ୍ତୁଳନ ବିଗାଡିଲା।

+ ତେନ୍ତୁଲିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

### ସ୍ମୃତି ତମେ..

**ଡଃ ବିଜ୍ଞାନ ମହାନ୍ତି**



ସ୍ମୃତି ତମେ ପାଉଁଶ ତଳର ଧୂଆଁ
କେବେ ଫୁଲହୋଇ ଫୁଟିଚ
ଜୀବନେ
କେବେ ପୁଣି ଜୁଇର ନିଆଁ ।
ଃଃଃ
ସ୍ମୃତି ଆସେ ସ୍ମୃତି ଯାଏ
ସ୍ରୋତରେ
କେବେ ପୁଣି ବରଗଛ ବାଉଁଶ
ଦୋଳିରେ
ନଈର କୂଳରେ ଅବା
ଗୋଧୂଳି ବେଳାରେ
କେବେ ପୁଣି ନିଛାଟିଆ
ପ୍ରଣୟ ମରୁରେ
ସ୍ମୃତି ତମେ, ଦରଦୀ ହୃଦୟ ଛୁଆଁ ।

ସ୍ମୃତି ପରା ଅତୀତର
ସୁଖର ଫଗୁଣ
ଚିତ୍ତଚୋରା ଚଇତାଳି
ଭରା ଯଉବନ
ଶୃଙ୍ଗାରର ରସକେଳି
ମଧୁର ସପନ
କେବେ ପୁଣି ଅନୁତାପ
ମନର ସ୍ପନ୍ଦନ
ସ୍ମୃତି ତମେ, ମଳୟ ପବନ ଛୁଆଁ ।

+ ସୂର୍ଯ୍ୟ ନଗର, ଭୁବନେଶ୍ୱର

## ବୋକା ଜନତା ଓ ସିଧାନେତା
### ରତ୍ନାକର ରାଉତ



ନେତା ଗୋଟେ ଶ୍ରେଣୀ
ସେମାନେ ସ୍ୱତନ୍ତ୍ର
ବାହାରକୁ ଦିଶୁଥିଲେ ମଧ୍ୟ ସେମାନେ ଭିନ୍ନ ଦଳରୁ
ବାସ୍ତବରେ କିନ୍ତୁ ସେମାନେ ସକଳେ ନିର୍ଦ୍ଦଳୀୟ ଅବାସର୍ବ ଦଳୀୟ
ଯୁଆଡ଼େ ବର୍ଷା ସିଆଡ଼େ ତାଙ୍କ ଛତା
ନେତାଙ୍କର ନିର୍ଦ୍ଦିଷ୍ଟ କିଛି ଆଦର୍ଶ ନଥାଏ
ସେମାନେ ସ୍ୱଭାବତଃ ଅନାଦର୍ଶୀ
ତାଙ୍କ ନିଜର ସ୍ୱାର୍ଥ ହିଁ ତାଙ୍କର ଏକମାତ୍ର ଆଦର୍ଶ
ସେମାନେ ନୀତିହୀନ ନୁହଁନ୍ତି
ମାତ୍ର ନୀତି ତାଙ୍କର କେବଳ ଆପଣା ପ୍ରୀତି ।

ସାଧାରଣ ଜନତାଙ୍କ ଭାଷାରେ ଜଣେ ବ୍ୟକ୍ତିର
ବାରବର୍ଷର ତପ ଶୁଖିଆ ପୋଡ଼ାରେ ଯାଏ
ଯଦି କିଏ ନିଜେ ପକେଇଥିବା ଛେପ ନିଜେ ଢ଼ୋକି
ତା ଛବି ମଳିନ କରେ ସର୍ବସାଧାରଣଙ୍କ ଦୃଷ୍ଟିରେ,
ମାତ୍ର ନେତାମାନେ ସେଥିରେ ବ୍ୟତିକ୍ରମ
ସେମାନଙ୍କ ପାଇଁ ନିଜେ ପକେଇଥିବା ଛେପ ନିର୍ମାଲ୍ୟ, ଅମୃତତୁଲ୍ୟ,
ତେଣୁ ଢ଼ୋକିବାରେ କୁଣ୍ଠା ନଥାଏ ତାଙ୍କର ।
କହିଥିବା କଥାକୁ ଆଡ଼େଇ ଯିବାରେ ସେମାନେ ଅତ୍ୟନ୍ତ ପାରଦର୍ଶୀ
ଏଣ୍ଡୁଅ ପରି ରଙ୍ଗ ବଦଳେଇବାରେ
ସେମାନେ ଖୁବ୍ ପାରଙ୍ଗମ ଓ ଧୁରନ୍ଧର
ସଭିଙ୍କ ଜାଣତରେ ଏ ଘରେ ମାଉସୀ
ସେ ଘରେ ପିଉସୀ ସାଜିଲେ ବି
ଲୋକେ ତାଙ୍କୁ ସାଦରେ ଗ୍ରହଣ କରନ୍ତି ।

ମହାଭାରତ କାଳରେ ଜଣେ ଧୃତରାଷ୍ଟ୍ର
ପୁତ୍ର ମୋହରେ ଅନ୍ଧଥିଲେ ବୋଲି କଥାରେ ଉଦାହାରଣ ଦିଆଯାଏ
ମାତ୍ର ଏବେ ଆଖି ଥାଇ ଅନେକ ଅନ୍ଧ ଧୃତରାଷ୍ଟ୍ର ଭୂମିକାରେ ଅବତୀର୍ଣ୍ଣ
ସେମାନେ ଜାଣି ଶୁଣି ଅଂଧ
ପୁତ୍ର କନ୍ୟାଙ୍କ ପାଇଁ ସିଂହାସନ ମୋହରେ ବିବଶ
ଧୃତରାଷ୍ଟ୍ର ଏବେ ଆଉ ନକାରାତ୍ମକ ଚରିତ୍ରର ପ୍ରତିନିଧି ନୁହେଁ
ବରଂ ସେ ଅନେକଙ୍କର ଆଦର୍ଶ, ଅନୁସରଣୀୟ ଓ ଅନୁକରଣୀୟ ।
ଚୋର ମୁହଁ ଟାଣ ପରି ସେମାନଙ୍କ ମୁହଁରେ ଲଜ୍ଜା ସରମ ନଥାଏ
ସେମାନେ ନିର୍ଲଜ ହୋଇ ସମ୍ମାନୀୟ ହେବାର
ସଫଳ ଅଭିନୟ କରିବାରେ ମାହିର
କେବେ କେବେ କେଉଁଠି କେଉଁଠି ଲୋକେ କହିବାର ଶୁଣାଯାଏ
ଯାହା ମୁହଁରେ ଲାଜ ନାହିଁ ତାକୁ ସଭିଏଁ ଡରନ୍ତି
ଦୁଷ୍ଟଙ୍କୁ ଦୂରୁ ଜୁହାର ପରି
ତାଙ୍କ ଠାରୁ ଦୂରେଇ ରହିବାକୁ ଶ୍ରେୟମଣନ୍ତି ସଚେତନ ନାଗରିକ ।

ବରଷା ଆସିଲେ ଯେପରି ମାଛମାନେ
ବଂଧ, ହିଡ଼, ବାଡ଼ ନମାନି ଏ ପୋଖରୀରୁ
ସେ ପୋଖରିକୁ ଡେଇଁ ପଡ଼ନ୍ତି
ନିର୍ବାଚନ ଋତୁରେ ନେତାମାନେ ମାଛଙ୍କୁ ବଳି ଯାହାନ୍ତି
ଜନତା ଭକୁଆ ହୋଇ ଏସବୁ ଡିଆଁ ଡେଇଁ ଦେଖନ୍ତି
ମାତ୍ର ନେତାଙ୍କରେ ପଦ୍ମତୋଳା ଶୁଣି ପୁଣି ମାତନ୍ତି
ଅତୀବ ଉତ୍ସାହରେ ଯେପରି ସାପୁଆ କେଳାରେ
ଗଦ ଶୁଙ୍ଘିଲେ ସାପକଟୁଆ ହୋଇଯାଏ
ଥରେ ନେତାଙ୍କର ମନ୍ତୁରା ପାଣି ପଡ଼ିଲେ
ଜନତା ଜନାର୍ଦ୍ଦନଙ୍କର ପଟୁଆର ସ୍ୱତଃପ୍ରବୃତ୍ତ ଲମ୍ବେ
କପଟପଶାର ପରାଭବ ନବୁଝି
ପାଣ୍ଡବ ଯେମିତି ହସେଇ ଥିଲେ ସର୍ବସ୍ୱ
ଠିକ୍ ସେହିପରି ନେତାଙ୍କ ମାୟାଜାଲର ଭେଦ ନଜାଣି
ଲୋକେ ଡିମିରଫୁଲ ତୋଳିବା ଆଶାରେ
ବଣ ଅରମା କଣ୍ଟା ଝଣ୍ଟା କିଛି ନମାନି ମାତି ଚାଲନ୍ତି
କୁହୁକ କାଠିର କିମିଆରେ ଯାଦୁଗରର
ଅନୁଧାବନ କଲା ଭଳି ପଲପଲ ମୃଷା
ଏସବୁ ଦେଖି ଦେଖି ମନେ ହୁଏ
ଗଣତନ୍ତ୍ରରେ ଗଣଙ୍କ ଅବସ୍ଥା
ଠିକ୍ ବାଡ଼ିପଛ ଖତଗାଡ଼ିଆରେ ସାଲୁବାଲୁ
ହେଉଥିବା ଅଗଣନ ଅକିଂଚନ କେଂଚୁଆଙ୍କ ପରି ।

♥ ଭୁବନେଶ୍ୱର

## ଗ୍ରୀଷ୍ମର ଅସରନ୍ତି ଦହନ
### ଶରତ କୁମାର ଦାସ



ଗ୍ରୀଷ୍ମର ପସରାରେ ଏବେ ପୁଳାପୁଳା ତାତି
ଲହଡିଭାଙ୍ଗୁଛି ତତଲା ପବନ
ବିଭସ୍ନ ଲାଗେ ଫଗୁଣର ଫୁଲବନ ।

ଓଃ କି ଅସହ୍ୟ !
ଚୁଁ ଚୁଁ ଶୋଷିନିଏ ସବୁତକ ରକ୍ତ
ରାତି ହେଉ ବା ଦିନ
ଶୁଖିଲା ମାଟିର ଜଠରରେ
ସୃଷ୍ଟିହୁଏ ଆହେତୁକ କମ୍ପନ ।

ବାଘର ଆଁ'ରେ ଜଳୁଛି ନିଆଁ
ତରଳିଯାଉଛି ସୁପ୍ତ ଆଗ୍ନେୟଗିରି
ରକ୍ତ, ମାଂସ ଓ ଧମନୀରେ
ଧସେଇପଶୁଛି ମହଣମହଣ ଉତ୍ତପ୍ତ ଲାଭା।

କଳାପାଣିରେ ନିର୍ବାସନ ଭୋଗୁଛନ୍ତି
ଯେତେ ଦମ୍ଭ ଆଉ ବିଶ୍ୱାସର ପାରିଲାପଣ
ସ୍ୱପ୍ନମାନେ ଜଳୁଛନ୍ତି ଜଉଘରେ
ନିସ୍ତେଜ ହୋଇପଡିଛି ଫୁଲର ପରାଗ
ପ୍ରଜାପତିର ରଙ୍ଗିନ ଡେଣାରେ ଲାଖିଛି
ଯୁଗ ଯୁଗର ଉଦାସପଣ ।

ଏ ତାତି ଦେଖାଇଦିଏ ଜୀବନର ଜଳଛବି
ଆଙ୍କିଦିଏ ଖସିପଡୁଥିବା ପୃଥିବୀର
ଭଗ୍ନ ମାନଚିତ୍ର ।

ଏ ତାତି ବି ପୁଣି ବାଣ୍ଟିଦିଏ ଜିଇବାର ତତ୍ତ୍ୱ
ସମାଧାନ କରିପାରେ ଜୀବନର ଅଛିଣ୍ଡା
ଭଗ୍ନାଂଶ
କହିପାରେ ମଧ୍ୟ-
'ସରଳ କର ଯେତେ ଜଟିଳତା
ଗଢିଦିଅ ଏ ମାଟିରେ ବୈକୁଣ୍ଠ
ପାପୁଲିରେ ବୋଳିଦିଅ ମୁଠାଏ ମମତା
ତଡିଦିଅ ଜୀବନର ବୋଝ ।'

କିଛିନୁହେଁ ଆକସ୍ମିକ ଏଠି
ଭୋକ, ଶୋଷ, ରୋଗ, ଜରା
ଏପରିକି ଗୈରିକ ବୈରାଗ୍ୟ
ସବୁ ପୂର୍ବ ନିର୍ଦ୍ଧାରିତ, ଯୋଜନାବଦ୍ଧ।

ସମର୍ପି ଦିଅ ସବୁତକ ଇଚ୍ଛା
ଢାଳିଦିଅ ମନଭରି
ଅସୁମାରି ପ୍ରଶାନ୍ତିର ଅର୍ଘ୍ୟ
ଦେଖିବ,ତାତିର ଓଠରୁ ଝରିବ ଶ୍ରାବଣ
ବୈଶାଖ ଲାଗିବ ବସନ୍ତ ବସନ୍ତ
ଫୁଲର କୋମଳ ଶଯ୍ୟାରେ ଅଳସ ଭାଙ୍ଗିବ
ଗ୍ରୀଷ୍ମର ଅସରନ୍ତି ଦହନ ।

♥ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ,ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ସକାଳକୁ ସୂର୍ଯ୍ୟ
### ପ୍ରଶାନ୍ତ ଚନ୍ଦନ



ସଞ୍ଜକୁ ଜହ୍ନ
ଯେମିତି ଗୋଟାଏ ସତ
ସେମିତି ଗୋଟାଏ ସତ ହେଲା
ଫୁଟିବାକୁ ହେବ
ହୋଇ ଆମକୁ ହିଁ ଫୁଲ
ନଚେତ୍ କେମିତି ଜାଣିବ
ଏଠି ହିଁ ଥାଏ ଜୀବନ ତତ୍ତ୍ୱ;
ହିଁ ସେ ହେଉ ପଛେ
ପଦ୍ମ କି କଇଁ ଯେ
କ'ଣ କହିବି ସେମାନଙ୍କ
ପରିପୂରକ ବୃତ୍ତାନ୍ତ
ନ ଥାଉ ପଛେ ପରିବେଶ
ଅନୁକୂଳ...
ପ୍ରତିକୂଳର ବାତାବରଣରେ ବି
ଫୁଟି ମହକାଇବାକୁ ହୁଏ
ଚୌଦିଗ
ତ ପଡୁନି କି ଛନ୍ଦ କହୁନ !
ଏବଂ ସୁଖ, ଦୁଃଖ ପରି
ଆଲୁଅ, ଅନ୍ଧାର ତ
ଅଶନା କି ପଙ୍କ କ'ଣ ଦେବୁ
ଗୁରୁତ୍ୱ,
ନା ବରଂ ଦୋହରାଇ ଦେବୁନୂ
ଆମେ ମଣିଷ
ହେଲେ ବି ହେବୁ
ସେ ଦ୍ୱୟ ଫୁଲ ପରି -
ଗ୍ରାସ କରି ପାରିବନି
କୌଣସି ଗ୍ରହଣ !!

♥ ଇରିଗେସନ୍ କଲୋନୀ, ଲେନ୍ ୩
ଭବାନୀପାଟଣା, କଳାହାଣ୍ଡି
ମୋ - ୭୬୫୬୮୧୧୫୪୭

## ମହାକାଳ
### ଶରତ କୁମାର ଦାସ



କାହା ନିର୍ଦ୍ଦେଶରେ
ଆଜିର ସକାଳ
ହାଣ ଖାଇଲା, ଖିନଭିନ ହେଲା
ମୁଁ ଜାଣେନି
ତେବେ
ମୋ ଧୀର ସ୍ୱରରୁ
ଗହନ ଆବାଜ ଶୁଭୁଥିଲା
ଏ ଯୁଦ୍ଧ ଶେଷ ନ ହବା ଯାଏ
ନୂତନ ସକାଳର ଉଦୟ ହବନି

ତା ଖିନଭିନ ଓଠ
ସ୍ମିତ ହସି ନିରବି ଗଲା

ଓଲଟ ପାରା ପରି
ଆକାଶରୁ ଖସୁଥିଲା
ଅଗ୍ନିବର୍ଷୀ ଉଲକାପିଣ୍ଡ
ଖୁବ ଚତୁର ଶୈଳୀରେ
ଗର୍ଜୁଥିଲା
ଗୁଳିଗୋଳା କମାଣର
ନିର୍ମମ ଆତଙ୍କ
ପ୍ରତିପକ୍ଷଙ୍କ ରକେଟ ଓ ମିଜାଇଲ ମାଡ଼ରେ
ଖସିପଡୁଥିଲା
ପୁରୁଣା କାନ୍ଥର ପଲସ୍ତରା ପରି
ନିରୀହ ମଣିଷଙ୍କ ଗଳିତ ଶବ

ଯା ଭିତରେ
କେଉଁ ଆତତାୟୀର ଗୁଳି ଚୋଟରେ
ମୋ ଧମନୀର ସବୁ ରକ୍ତ ଶୁଖିଯାଇଥିଲା

କାଲିର ସକାଳର
ରୂପକଳ୍ପ ଦେଖିବାକୁ
କୁଢ଼କୁଢ଼ ଶବ ପରେ ଚାଲୁଥିବା
ଛୋଟ ଛୋଟ କାର୍ଟ୍ୱି ନ ଥିଲେ

କେବଳ
ଲାଲ ରକ୍ତର ଛିଣ୍ଡା ମସିଣା ତଳେ
ମୁହଁ ମାଡି ପଡ଼ିରହିଥିଲା
ମହାକାଳର ଭୀଷଣ ରୂପ

ମତ୍ତ ହସ୍ତୀ ପରି
ଆକାଶ ଫଟେଇ
ଉଇଁ ଆସୁଥିବା ସୂର୍ଯ୍ୟ
ଆମନ୍ତ୍ରଣ କରୁ ନ ଥିଲା
ସଦ୍ୟ ସକାଳକୁ

♥ ପାଲୁର ବଙ୍ଗଳା
ଘର ନମ୍ବର..୨୬, ବ୍ରହ୍ମପୁର
ମୋ: ୯୪୩୭୪୨୩୯୮୫

## ଏ ଜୀବନ
### ବିଶ୍ୱଜିତ୍ ପୁହାଣ



ହାଏରେ ସମୟ ଚାଲିଗଲୁ ତୁ
ଭଲ ଥିଲା ପିଲାଦିନ
ଟିକେ ହସୁଥିଲୁ ବେଶୀ କାନ୍ଦୁଥିଲୁ
ଥିଲୁ ପରା ଆମେ ଅଜ୍ଞାନ ।


ମାଆର କୋଳରେ ପଶି ରହୁଥିଲୁ
ସତେ କି ସେ ସ୍ୱର୍ଗ ଥିଲା
ମନେ ପଡ଼ି ଯାଏ ମାଆ କୋଳ ଏବେ
ହେଲେ କର୍ମ ବାଧା ସାଧିଲା ।

ବାପାଙ୍କ ଆଖିରେ ଦୁନିଆ ଦେଖିବା
ଥିଲା କେତେ ଯେ ସହଜ
କିନ୍ତୁ ଏବେ ଏ ଜୀବନ ପବନରେ ବୋହେ
ସତେ କି ଦି ଫର୍ଦ୍ଦ କାଗଜ ।

ଭଲ ଥିଲା ସେ ପିଲା ଦିନ ସ୍ମୃତି
ଯେବେ ଯେବେ ପଡ଼େ ମନେ
କ'ଣ ଜୀବନଟା ଏତେ କଷ୍ଟ ଦାୟକ
ଏବେ ପ୍ରଶ୍ନ ଆସଇ ମନେ ।
ସର୍ବଶେଷରେ ଏହା ବିଧିର ବିଧାନ
ଦୁନିଆ ତ ଏମିତି ଚାଲିବ
ହେ କାଳିଆ ତୁମେ ସବୁତ ଦେଖୁଛ
ତୁମ ଚରଣେ ସଭିଙ୍କୁ ରଖିବ ।

♥ ଭାରତୀୟ ଡାକ ବିଭାଗ
ବଡ଼ମ୍ବା , କଟକ
ମୋ - ୮୦୧୮୪୩୫୩୬୪

## ଭଲପାଏ
### ଲକ୍ଷ୍ମୀପ୍ରିୟା ମାଇତି



ଓଠରେ ନୁହେଁ...
ଆଖିରେ କଥା କହିବାକୁ
ଭଲ ପାଏ ବୋଲି ତ ଏଠି
ତମ ଆଖିର ଭାଷାକୁ ପଢି
ମୁଁ କବିତା ଲେଖେ....
ସ୍ୱରରେ, ବ୍ୟଞ୍ଜନରେ,
ଆକାଶ ପରି ତମ ଛାତିର ବିଶାଳ
କାଗଜରେ
ସବୁ ସୁନାର ତାରିଖ ହଜିଗଲା ପରେ
ତମକୁ ମୁଁ ଖୋଜିଛି
ଯେବେ ପାଇଛି
ମୁହଁ ଖୋଲି କହିଛି
'ଆସ ସଖା ... ସୃଷ୍ଟି ଟିଏ ପାଇଁ
ମୋ ହାତ ଧରି ଚାଲ
ଆମ ଗାଁ ବିଜୁଳି ନ ଥିବା
ଜହ୍ନ ଆଲୁଅର ନିପଟ ମଫସଲ ଆଡେ...।'
(ସତ ନୁହେଁ ଛୋଟିଆ
ଭାବନାର ଖିଆଲି ମନରୁ )

♥ ସମ୍ପାଦିକା, ଅନ୍ତରୀକ୍ଷ
ମୋ) ୯୪୩୯୫୩୭୫୯୨

## ତୁମେ ଅଟ ଚିରନ୍ତନ ସତ୍ୟ
### ତପସ୍ୱିନୀ ଚୌଧୁରୀ



ଗାଉଅଛି ତୁମ ପାଇଁ ଗୀତ
ଆଙ୍କୁଛି ମୁଁ ତୁମ ଲାଗି
ରଙ୍ଗ ବୋଳା ତୁଳୀ ଟାଳି
ଏକାନ୍ତରେ ଆଜି ଏକ ଚିତ୍ର
କେଜାଣି, କାହିଁକି
ଥରିଯାଏ ଆମାନିଆ ହାତ
ଭୟ ହୁଏ କାଳେ ତୁମେ ଦେଖି ଦେବ ନି
ତ।

ତୁମ ପାଇଁ ସାଜି ମୁଁ ନର୍ତ୍ତକୀ
କରୁଅଛି ନୃତ୍ୟ,
ତାଳ, ଲୟ, ମୁଦ୍ରା ଅବଲୟେ
ଅବଲୋକି ବସନ୍ତ ର ପ୍ରଭାତ ଗଗନ
ଦେଖେ ସତ୍ୟ ନୃତ୍ୟରତ
ରକ୍ତ ରବି ରକ୍ତର ରକ୍ତିମା
ରକ୍ତ ଖେଳ ଏ ରକ୍ତ ଜୀବନ
ରକ୍ତ କରେ ରକ୍ତର ଆହ୍ୱାନ
କହିଲ ?
ରକ୍ତ ଆକର୍ଷଣ କେବେ ହୁଏ କି ଅସତ୍ୟ ।

ତୁମ ପାଇଁ କରୁଅଛି ବ୍ରତ
ଜାଳୁ ଅଛି ସଳିତା ଓ ଘୃତ
ମର ଜଗତରେ ତବ ଅମର ଚେତନା
ତୋଳେ ମୋର ଆଶା
ହେବକି ନିକଟତର ଭାବଇ ସତତ
ଦେଖାହେଲେ ବ୍ରତକୁ ମୋ
ଉପହାସ କରିବନି ତ ?

ମନେ ପଡ଼େ ସେଇ ରାତି ସେଇ ଗୀତ
ଆଉ ସେହି ଅଭୁଲା ଅତୀତ
ତୁମ ସତ୍ତା ଅନୁଭବି ମଣିଥିଲି
ଏ ଜୀବନ ମହତ ସାର୍ଥକ
କିନ୍ତୁ ହାୟ !
କେଉଁଠାରେ ତୁମେ ?
ମୋ ସାଧନା ସିଦ୍ଧି ଦିଅ
ହୁଅ ପ୍ରତିଭାତ
ତୁମେ କର ତୁମକୁ ପ୍ରମାଣ
ତୁମେ ଅଟ ଚିରନ୍ତନ ସତ୍ୟ ।

♥ ଭୁବନେଶ୍ୱର
ମୋ : ୭୦୦୮୪୫୯୧୮୮

## ଥକ୍କାପଣ
### ଜଗଜ୍ୟୋତି ମହାନ୍ତି



କାହିଁକି ଏ ଥକ୍କାପଣ ?
ସବୁ ସ୍ୱପ୍ନକୁ ହଜାଇ ଦେଇ
ଆଖି ଖୋଜୁଛି ନିର୍ଜୀବ ଆଶ୍ୱସ୍ତି...
ପରାସ୍ତ ପଥିକଟି ହୋଇ
ଆବୋରି ନେଇଛି ଭାଗ୍ୟ ଓ ଭଗ୍ୟବକ୍ଷଦକୁ
ବିଶ୍ୱାସ ଓ ଉତ୍ସାହର ପତ୍ରଝଡ଼ାରେ
ବୁଝିବାକୁ ଅକ୍ଷମ ଫୁଲ ମାନଙ୍କ ମହକକୁ...
କାହିଁକି ଅପେକ୍ଷାର ଏ ଅଭିମାନ ?
ନା କିଛି ସମାପ୍ତ ହୋଇଛି
ନା କିଛି ଆରମ୍ଭ ହେବାକୁ ବାକିଅଛି
ସବୁ ସଂବୃତ ଓ ସମ୍ଭାବ୍ୟ ରୂପର
ଏଠି ନିରନ୍ତର ପ୍ରକାଶ ଚାଲିଅଛି....
କାହିଁକି ଏ ଧୈର୍ଯ୍ୟହରାପଣ ?
ଖରା ଓ ବର୍ଷାର ଏ ମନ ଆକାଶେ
ଦେଖିପାରେନକ୍ଷ ଇନ୍ଦ୍ରଧନୁର ରୂପ ଓ
ଆକର୍ଷଣ
ସୂର୍ଯ୍ୟ ଏବେବି ସତେଜ ଓ ଜାଗ୍ରତ
ଏ ମଳିନ ପଞ୍ଜରା ହାଡ଼ ଓ ନିସ୍ତେଜ ରକ୍ତରେ
ଦେଖୁଛି ସେ ଆଗାମୀ କାଲିର ସ୍ୱପ୍ନ....

♥ ଖରସୁଆଁ,ଭୋଗରାଇ,
ବାଲେଶ୍ୱର

## କାହାଣୀର ଶେଷ ନାହିଁ
### ବାପି ସ୍ୱାଇଁ

ଦିନ ସରିଗଲା ରାତି ସରିଗଲା
ସରିଗଲା କେତେ ବର୍ଷ ଭଲପାଏ ବୋଲି
କହିପାରିଲିନି ରହିଗଲା ଶେଷ ଇଛା
ଦୁଖୀ ମଣିଷର ସୁଖ ସାଥି ପରି
ହୋଇଗଲ ତୁମେ ସ୍ମୃତି
ତୁମ ବାଟ ଚାହିଁ ସପନ ରେ କାହିଁ
ବିତିଗଲା ବହୁ ରାତି
ସାଥି ଟିଏ ହେଲ ମନ ଉପବନେ
ଭଅଁର ପ୍ରେମିକ ପରି
ପ୍ରଥମ ଦେଖାରେ ନିଦ ହଜିଗଲା
କରିନେଲ ମନ ଚୋରି
ମୋ ମନର ଲାଫାପା କୁ ଚିରି
ତୁମେ ସିନା ଗଲଚାଲି
ଆଉ କା ମନର ମାନସୀ ସାଜିଲ
ଲୁହ ପିଇ ମୁଁ ଯେ ଜୀବନ ଜିଇଁଛି
ସତେକି ଆସିବ ଫେରି
ପଚାରୁଛି ଆଜି ପବନକୁ ମୁ
କାହିଁକି ଏ ବ୍ୟାକୁଳତା
ଜୀବନେ ଜଳୁଛି ମରଣର ଚିତା
ରାସ୍ତାହୀନ ନୀରବତା ।

♥ ପାଥପୁର, ବାଙ୍କୀ,କଟକ
ମୋ:୭୭୩୫୦୦୮୫୬୪

## ପ୍ରଜାପତି
### ସ୍ନେହମୟୀ ସା



ଦେଖରେ ଦେଖ ପ୍ରଜାପତି
ଦେହରେ ତାର ଏତେ ଯେ ରଙ୍ଗ
ଲାଗୁଛି ସତେ ଇନ୍ଦ୍ରଧନୁ ପରି
ଚଗଲା ପରି ସେ ଉଡିବୁଲୁଛି
ଆଜି ଏଠି ପୁଣି ସେଇଠି।

ରଙ୍ଗ ରୂପ ତାର ଏତେ ମନୋହର
ମନକୁ ନେଉଛି କିଣି
ଧରିବାକୁ ତାର ପାଖକୁ ଗଲେ
ଉଡିଯାଏ କାହିଁ ପାଇଁ ?

ଅମାନିଆ ସେ ଦୁଷ୍ଟପରିକା
ଖାଲି ଫୁଲ ସହ ଲାଖି ରହେ
ବାସ୍ନାରେ ତାର ଆକର୍ଷି ଯାଇ
ବୁଲୁଥାଏ ତା ଚାରିପାଖରେ।

ଆରେ ଦେଖରେ ସେଇ ଚିତ୍ରିତ ପ୍ରଜାପତି
ଫୁଲ ଚାରି ପାଖରେ ଘୁରିବୁଲୁଛି
ଗୁଣୁ ଗୁଣୁ ହୋଇ ଗୀତ ସେ
ମଧୁର ରସ ସବୁ ଶୋଷି ନେଉଛି।

ରୂପରେ ସତେ ରାଜକୁମାରୀ
କେଉଁଠି ଯେ ତାର ମହଲ
ପାଖକୁ ଯାଇ ଟିକେ ପଚାରି ଆସି
ଚାଲରେ ପିଲେ ଚାଲ
ପ୍ରଜାପତିକୁ ଟିକେ ପାଖରୁ
ଦେଖିଆସିବା।

♥ ସିନାପାଲି, କାପସି

# ବିନା ସୂଚନାରେ କୋଟିଏ ଟଙ୍କାର ପ୍ରକଳ୍ପ: ରଗଡା ଡ୍ୟାମ୍ ପାଇଁ ତାଡୁଛନ୍ତି ପାହାଡ଼

କାଳିଆପାଣି, ୦୮/୪ (ନି.ପ୍ର): ଯାଜପୁର-ଢେଙ୍କାନାଳ ଜିଲ୍ଲା ସୀମାବର୍ତ୍ତୀ ରଗଦା ଡ୍ୟାମ୍ (ନଦୀବନ୍ଧ)ରୁ ପଙ୍କ ଉଦ୍ଧାର ଓ ଏହାର ଜଳଧାରଣ କ୍ଷମତା ବୃଦ୍ଧି ପାଇଁ କାମ ଚାଲିଥିବା କୁହାଯାଉଛି। ତେବେ, ଏଥିପାଇଁ ଡ୍ୟାମ୍ ପାର୍ଶ୍ୱସ୍ଥ ହାତୀସିଙ୍ଗଡ଼ା ପାହାଡ଼କୁ ତାଡୁଥିବା ଦେଖିବାକୁ ମିଳୁଛି। ସପ୍ତାହକ ମଧ୍ୟରେ ପାହାଡ଼ ପାଦଦେଶରୁ ଶହେ ଫୁଟରୁ ଅଧିକ ଦୈର୍ଘ୍ୟ, ଶହେଫୁଟ ପାଖାପାଖି ପ୍ରସ୍ଥ ଓ ୩ ରୁ ୪ ଫୁଟ ଗଭୀରରେ ମାଟି ତାଡ଼ି ନିଆଯାଇଛି। ନଜର ଆଢୁଆଳରେ ଥିବା ବଣପାହାଡ଼ ଘେରା ପ୍ରାକୃତିକ ପରିବେଶକୁ ନଷ୍ଟ କରି ବ୍ୟାପକ ହରିଲୁଟ୍ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିବା ଜଳଜଳ ଦିଶୁଛି।



୧୯୭୧ ମହାବାତ୍ୟା ପରେ କ୍ଷୁଦ୍ର ଜଳସେଚନ ବିଭାଗ ଢେଙ୍କାନାଳ ଡିଭିଜନ ଭୁବନ ସେକ୍ସନ ପକ୍ଷରୁ ରଗଦା ଡ୍ୟାମ୍ ନିର୍ମାଣ ଯୋଜନା ହୋଇଥିଲା। ଉପରମୁଣ୍ଡରେ ଥିବା ରଞ୍ଜାଗଡ଼, ଦେଓଗାଁ ଓ ସାତକୁଲିଆ ପାହାଡ଼ ତଳ ଇଲାକାରେ ଏକ ବୃହତ୍ ଜଳାଶୟ ନିର୍ମାଣ ପାଇଁ ୧୯୭୨ ମସିହାରେ ତତ୍କାଳୀନ ମନ୍ତ୍ରୀ ବ୍ରହ୍ମାନନ୍ଦ ବିଶ୍ୱାଳ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୧୯୭୭ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟ ଏହାର ଲୋକାର୍ପଣ କରିଥିଲେ। ୨ଶହ ମିଟରରୁ ଅଧିକ ଦୈର୍ଘ୍ୟବିଶିଷ୍ଟ ରଗଦା ଡ୍ୟାମ୍‌ର ୮୦ ପ୍ରତିଶତ ଯାଜପୁର ଜିଲ୍ଲାରେ ରହିଛି। ଡ୍ୟାମ୍‌ରୁ କେନାଲ ସହାୟତାରେ ଜଳସେଚନ ବ୍ୟବସ୍ଥା କରାଯାଇଛି, ଯେଉଁଥିରେ ଶତାଧିକ ଚାଷୀ ଉପକୃତ ହେଉଛନ୍ତି। ୨ ବର୍ଷ ତଳେ ୨ କୋଟିରୁ ଅଧିକ ଟଙ୍କା ବ୍ୟୟ ଅଟକଳରେ ରଗଦା ଡ୍ୟାମ୍ ଉନ୍ନତୀକରଣ ନାଁରେ ଏଠାରେ ବ୍ୟାପକ ତଞ୍ଚକତା କରାଯାଇଥିବା ନଜରକୁ ଆସିଥିଲା। ନିମ୍ନମାନର କାମ ପାଇଁ ଜଳାଶୟରେ ଅସଂଖ୍ୟ ଛିଦ୍ର ଦେଖାଯାଇଥିଲା। ବର୍ଷା ପାଣିରେ ପ୍ରବାହିତ ମାଟି ପାଇଁ ଜଳାଶୟ ପୋତି ହୋଇଯିବା ସହ ଏହାର ଜଳଧାରଣ କ୍ଷମତା ହ୍ରାସ ପାଉଥିବାରୁ ଡ୍ୟାମ୍‌ରୁ ପଙ୍କ ଉଦ୍ଧାର କାର୍ଯ୍ୟ କରାଯାଉଛି। ଏହି ମଉକାରେ ପଙ୍କ ଉଦ୍ଧାର ନାଁରେ ପାହାଡ଼ ତଳୁ ତଡ଼ା ଯାଇଥିବା ନାଲିମାଟି ଓ ମୋରମ୍ ଅନ୍ୟତ୍ର ବିକ୍ରୟ କରାଯାଉଥିବା ଅଭିଯୋଗ ହେଉଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଏତେ ବଡ଼ ପ୍ରକଳ୍ପ କାର୍ଯ୍ୟ ଜାରିରହିଥିଲେ ବି ଏଠାରେ କୌଣସି ସୂଚନା ଫଳକ ନାହିଁ। ଏ ନେଇ ବିଭାଗୀୟ ଯନ୍ତ୍ରୀ ସୁଶାନ୍ତ କୁମାର ପାଳଙ୍କୁ ବାରମ୍ବାର ଯୋଗାଯୋଗ ଉଦ୍ୟମ ହୋଇଥିଲେ ମଧ୍ୟ ସେ କଲ୍ ରିସିଭ୍ କରିନଥିଲେ। ଅଞ୍ଚଳବାସୀଙ୍କ ପକ୍ଷରୁ ଏହାର ଭିଜିଲାନ୍ସ ତଦନ୍ତ ଦାବି ହୋଇଛି।

# ଦକ୍ଷିଣ ଓଡ଼ିଶାରେ ବନାଗ୍ନି କମୁନି: ୨୮୪ ସ୍ଥାନରେ ଜଳୁଛି ଜଙ୍ଗଲ

ଭୁବନେଶ୍ୱର, ୦୮/୪ (ନି.ପ୍ର): ରାଜ୍ୟର ଅଧିକାଂଶ ସ୍ଥାନରେ ଜଙ୍ଗଲ ନିଆଁ କମିଛି। କାଳବୈଶାଖୀ ପ୍ରଭାବରେ ଉତ୍ତର ଓ କେନ୍ଦ୍ରୀୟ ଓଡ଼ିଶାରେ ସେତେଟା ବନାଗ୍ନି ନଜରକୁ ଆସି ନ ଥିଲେ ମଧ୍ୟ ଦକ୍ଷିଣ ଓଡ଼ିଶାର ଜଙ୍ଗଲଗୁଡ଼ିକ ଏବେ ବି ଜଳୁଛି। ରବିବାର ଅପରାହ୍ଣ ସାଢ଼େ ଗୋଟାଏ ତଥ୍ୟ ଅନୁଯାୟୀ, ଓଡ଼ିଶାର ୨୮୪ଟି ସ୍ଥାନରେ ଜଙ୍ଗଲ ନିଆଁ ଚିହ୍ନଟ ହୋଇଛି। ଦକ୍ଷିଣ ଓଡ଼ିଶାରେ ତାପମାତ୍ରା ଅଧିକ ରହିବା ସହ ଜଙ୍ଗଲ ନିଆଁ ଦିନକୁ ଦିନ ବଢ଼ିବାରେ ଲାଗିଛି। କୋରାପୁଟ, ଭାବନୀପାଟଣା ଓ ବ୍ରହ୍ମପୁର ସର୍କଲ ଅଧୀନରେ ୨୫୬ଟି ସ୍ଥାନରେ ବନାଗ୍ନି ଚିହ୍ନଟ କରାଯାଇଛି। ମାଲକାନଗିରି ଓ କୋରାପୁଟ ଜିଲ୍ଲାର ୧୫୦ରୁ ଅଧିକ ସ୍ଥାନରେ ବନାଗ୍ନି ସୃଷ୍ଟି ହେବା ଚିନ୍ତାର କାରଣ ପାଲଟିଛି। ଦୁଇ ମାସ ହେଲା ଏହି ଅଞ୍ଚଳରେ ବନାଗ୍ନିକୁ ଯେତେ ନିୟନ୍ତ୍ରଣ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ବାରମ୍ବାର ଜଙ୍ଗଲ ଜଳୁଛି। ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା,



ଗଜପତି ଜିଲ୍ଲାରେ ଥିବା ପ୍ରମୁଖ ଜଙ୍ଗଲରେ ନିଆଁ ଲାଗିଥିବାର ଦୃଶ୍ୟ ସାମ୍ନାକୁ ଆସିଛି। ରାଉରକେଲା ସର୍କଲର ୨୦ରୁ ଅଧିକ ସ୍ଥାନ ସମେତ ଭୁବନେଶ୍ୱର ଓ ଅନୁଗୁଳ ସର୍କଲର କିଛି ସ୍ଥାନରେ ନିଆଁ ଲାଗିଥିବା ନେଇ ସୂଚନା ମିଳିଛି। ଦେଶର ୩୬୧ଟି ସ୍ଥାନରେ ଆଜି ବଡ଼ଧରଣର ବନାଗ୍ନି ସାମ୍ନାକୁ ଆସିଛି। ଛତିଶଗଡ଼ରେ ୫୮ଟି ଥିବା ବେଳେ ଆନ୍ଧ୍ରପ୍ରଦେଶରେ ୫୪, ନାଗାଲାଣ୍ଡରେ ୪୫, ତେଲେଙ୍ଗାନାରେ ୩୩, ଉତ୍ତରାଖଣ୍ଡରେ ୨୭, ଆସାମରେ ୨୬, ମେଘାଳୟ ଓ ମଧ୍ୟପ୍ରଦେଶରେ ୨୫ଟି ବଡ଼ଧରଣର ବନାଗ୍ନି ସୃଷ୍ଟି ହୋଇଛି। ଗତ ୭ଦିନ ମଧ୍ୟରେ ଛତିଶଗଡ଼ରେ ସର୍ବାଧିକ ୩,୪୦୩ ସ୍ଥାନରେ ନିଆଁ ଲାଗିଛି। ଆନ୍ଧ୍ରପ୍ରଦେଶର ୩,୧୬୨, ମଧ୍ୟପ୍ରଦେଶର ୩,୧୪୦, ମହାରାଷ୍ଟ୍ରର ୨,୭୫୪ ଓ ଓଡ଼ିଶାର ୨,୭୫୭ଟି ସ୍ଥାନରେ ବଡ଼ଧରଣର ନିଆଁ ଲାଗିଛି। ଓଡ଼ିଶାରେ ବନାଗ୍ନିଗୁଡ଼ିକ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ଏବେ ସୁଦ୍ଧା ପ୍ରାୟ ୮୫% ଜଙ୍ଗଲ ନିଆଁକୁ ଆୟତ୍ତ କରାଯାଇପାରିଛି। ଶନିବାର ଉତ୍ତର ଓଡ଼ିଶାର କେତେକ ଜଙ୍ଗଲରେ ନିଆଁ ସୃଷ୍ଟି ହୋଇଥିଲେ ମଧ୍ୟ ତାହା ଆଜି ନିୟନ୍ତ୍ରଣ ଭିତରକୁ ଆସିଛି। ମାର୍ଚ୍ଚରେ ଦେଶରେ ୫୮ହଜାର ୮୦୦ରୁ ଅଧିକ ସ୍ଥାନରେ ନିଆଁ ଲାଗିଥିବା ବେଳେ ଏପ୍ରିଲରେ ଏବେ ସୁଦ୍ଧା ୨୨ହଜାର ୬୦୦ଟି ସ୍ଥାନରେ ନିଆଁର ପ୍ରକୋପ ଦେଖିବାକୁ ମିଳିଛି।

# କେଜ୍ରିୱାଲଙ୍କ ମୁକ୍ତି ଦାବିରେ ଆପ୍ ପକ୍ଷରୁ ସାମୁହିକ ଉପବାସ

ସମ୍ବଲପୁର, ୦୮/୪ (ନି.ପ୍ର): ଚଳିତ ନିର୍ବାଚନ ଘୋଷଣା ହେବାପରେ ଆମ୍ ଆଦମୀ ପାର୍ଟି (ଆପ୍)ର ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ରାଜନୈତିକ ଆକ୍ରୋଶତା ରଖି କେନ୍ଦ୍ରର ବିଜେପି ସରକାର ମିଥ୍ୟା ଅଭିଯୋଗରେ ଇଡି ଦ୍ୱାରା ଦିଲ୍ଲୀର ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅରବିନ୍ଦ କେଜ୍ରିୱାଲଙ୍କୁ ବେଆଇନ ଭାବେ ଗିରଫ କରି ଜେଲ ହାଜତରେ ରଖିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା । ଏହା ପୂର୍ବରୁ ଦୁର୍ନୀତି ଅପରାଧ ଦର୍ଶାଇ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍, ଦିଲ୍ଲୀ ଉପ-ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ, ଆପ୍ ର ବରିଷ୍ଠ ନେତା ସତ୍ୟେନ୍ଦ୍ର ଜୈନ୍ ଙ୍କ ଭଳି ନେତାଙ୍କ ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଗିରଫ କରାଯିବା ନେଇ ଭାରତବର୍ଷ ସହ ବିଦେଶରେ ମଧ୍ୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ବର୍ତ୍ତମାନର ନିର୍ବାଚନ ସମୟରେ ତୁରନ୍ତ କେଜ୍ରିୱାଲଙ୍କୁ ଜେଲ୍ ହାଜତରୁ ମୁକ୍ତ କରିବା ଦାବିରେ ଭାରତ ସମେତ ବିଦେଶରେ ମଧ୍ୟ ଆପ୍ ପକ୍ଷରୁ ''ଏକ ଦିବସୀୟ ସାମୁହିକ ଓପାସ'' ରହି ଦୃଢ଼ ଦାବି ହୋଇଛି । ଏହି ଅବସରରେ ଆଜି ସମ୍ବଲପୁର ଆପ୍ ଶାଖା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ''ସାମୁହିକ ଓପାସ'' ରହି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଆପ୍ ପକ୍ଷରୁ ବରିଷ୍ଠ ନେତା ବିରେନ୍ଦ୍ର କୁମାର ପାଣିଗ୍ରାହୀ, ଭୂପେନ୍ ସାହୁ, ଲିଙ୍କନ କିଣ୍ଡୋ, ବୀରକିଶୋର ଭୋସାଗର, ଆୟାଉଦ୍ଦିନ୍ ସିଦ୍ଧିକ୍, ଲାଲମଣୀ ଲାଗୁନ୍, ପ୍ରଶାନ୍ତ ମହାରଣା, ଜୟକୃଷ୍ଣ ଓରାମ, ତ୍ରିବିକ୍ରମ ସାହୁ, ସେହେଫୁଜ୍ ଆଲାମ୍ ଦିନ ତମାମ୍ ଉପବାସରେ ବସିଥିବା ବେଳେ ନିଜ ପ୍ରତିକ୍ରିୟାରେ ଗଣମାଧ୍ୟମକୁ କହିଛନ୍ତି ଯେ'' ତୁରନ୍ତ ଆପ୍ ର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ମିଥ୍ୟା ଆରୋପ ଓ ଜେଲ୍ ହାଜତରୁ ନିସର୍ତରେ ମୁକ୍ତ କରାଯାଉ ।

# ପାଣି ପାଇଁ ହାହାକାର: ସରୁନି ୬୦୦ କୋଟିର ପ୍ରକଳ୍ପ

ରାୟଗଡ଼ା: ୨୦୨୩ରୁ ସରିଲାଣି ନିର୍ମାଣ ଅବଧି। ଅଥଚ ସରିପାରୁନି ବୃହତ୍ ପାନୀୟ ଜଳପ୍ରକଳ୍ପ। ୬୦୦ କୋଟିର ୪ ପ୍ରକଳ୍ପ ଅଧୁରା ଅବସ୍ଥାରେ ରହିଛି। ତେଣୁ ଗ୍ରୀଷ୍ମରେ ପାଣି ଟୋପାଏ ପାଇଁ ଜିଲ୍ଲାବାସୀ ହନ୍ତସନ୍ତ ହେଉଛନ୍ତି। ଗ୍ରୀଷ୍ମ ପ୍ରକୋପରେ ଜଳଉତ୍ସ ଶୁଖିବା ପରେ ଜିଲ୍ଲାରେ ସୃଷ୍ଟି ହୋଇଛି ହାହାକାର ପରିସ୍ଥିତ। ୨୦୧୯ରୁ କାଶୀପୁର, ବିଷମକଟକ, ଗୁଣପୁର ଓ କୋଲନରାରେ ଚାଲିଛି ବୃହତ୍ ପାନୀୟ ଜଳ ପ୍ରକଳ୍ପ କାମ। ରାୟଗଡ଼ା ବ୍ଲକ୍ ୪ଟି ପଂଚାୟତର ୪୯ଟି ଗାଁ ଏବଂ କାଶୀପୁର ବ୍ଲକ ୨୪ଟି ପଂଚାୟତର ୪୧୮ଟି ଗାଁକୁ ପାଇପ୍ ଯୋଗେ ଜଳ ଯୋଗାଣ ପାଇଁ ୨୯୮ କୋଟି ୭୦ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ୩ ନଭେମ୍ବର ୨୦୨୧ରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ୨ ନଭେମ୍ବର ୨୦୨୩ରେ ସରିବା କଥା। ଠିକାସଂସ୍ଥା ବିଫଳ ହେବା ପରେ ୩୦ ନଭେମ୍ବର ୨୦୨୪କୁ ସମୟ ସୀମା ବୃଦ୍ଧି କରାଯାଇଛି। ଉଭୟ ବ୍ଲକର ୩୫ ହଜାର ୭ଟି ଘରକୁ ପାଇପ ଯୋଗେ ଜଳଯୋଗାଣ ଲକ୍ଷ୍ୟ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୨୦ ହଜାର ୨୩୮ ଘରକୁ ପାଇପ ସଂଯୋଗ କାର୍ଯ୍ୟ ସରିଛି। କୋଲନରା ଓ ରାମନାଗୁଡ଼ା ବ୍ଲକ ପ୍ରକଳ୍ପ ପାଇଁ ୧୧୪ କୋଟି ୬୮ଲକ୍ଷ ଟଙ୍କାର ବ୍ୟୟ ଅଟକଳ ହୋଇଛି। କୋଲନରାର ୮ଟି ପଂଚାୟତର ୭୧ଟି ଗାଁ ଏବଂ ରାମନାଗୁଡ଼ାର ୭ ପଂଚାୟତର ୫୮ଟି ଗାଁ ପାଇଁ ଉଦ୍ଦିଷ୍ଟ ପ୍ରକଳ୍ପର କାମ ୫ ଅଗଷ୍ଟ ୨୦୨୪ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରହିଛି। ଉଭୟ ବ୍ଲକର ୧୫ ପଂଚାୟତର ୯ ହଜାର ୨୬୪ ଘରକୁ ପାଇପ ସଂଯୋଗ ହେବାକୁ ଥିବା ବେଳେ ୬ ହଜାର ୫୯ ଘରକୁ ପାଇପ ସଂଯୋଗ କାର୍ଯ୍ୟ ସରିଛି। ବିଷମକଟକ ପ୍ରକଳ୍ପ ପାଇଁ ୮୪ କୋଟି ୨୩ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ପ୍ରକଳ୍ପ ମାଧ୍ୟମରେ ବ୍ଲକର ୨୦ଟି ପଂଚାୟତର ୨୬୪ଟି ଗାଁକୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ହେବ। ୧୭ ଡିସେମ୍ବର ୨୦୧୯ରେ ଆରମ୍ଭ ହୋଇଥିବା ପ୍ରକଳ୍ପ ୧୬ ଡିସେମ୍ବର ୨୦୨୧ରେ ସରିବା କଥା। କିନ୍ତୁ



କାମ ସରିନଥିବାରୁ ସମୟ ସୀମା ୩୧ ମେ' ୨୦୨୪କୁ ବୃଦ୍ଧି କରାଯାଇଛି। ଠିକାସଂସ୍ଥାର ବିଫଳତା ପାଇଁ ପ୍ରକଳ୍ପର ଅଟକଳ ମୂଲ୍ୟ ଉପରେ ୧ ପ୍ରତିଶତ ଫାଇନ୍ ପକାଇଛି ବିଭାଗ। ବ୍ଲକର ୨୦ଟି ପଂଚାୟତର ୨୧ ହଜାର ୨୦୦ ଘର ମଧ୍ୟରୁ ୧୯ ହଜାର ୬୪୪ ଘରକୁ ପାଇପ ସଂଯୋଗ କାର୍ଯ୍ୟ ସରିଲାଣି। ଗୁଣପୁର ପ୍ରକଳ୍ପ ପାଇଁ ୮୫ କୋଟି ୭୪ଲକ୍ଷର ବ୍ୟୟ ଅଟକଳ ହୋଇଛି। ୧୪ଟି ପଂଚାୟତର ୯୫ଟି ଗାଁକୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ପାଇଁ ଲକ୍ଷ୍ୟ ରହିଛି। ୨୦୧୯ରେ ଆରମ୍ଭ ଏହି ପ୍ରକଳ୍ପ କାମ ୨୦୨୧ ସୁଦ୍ଧା ସରିବା କଥା। କିନ୍ତୁ ଅଧୁରା ଅବସ୍ଥାରେ ରହିଥିବାରୁ ସମୟ ସୀମା ୩୧ ମେ' ୨୦୨୪କୁ ବୃଦ୍ଧି କରାଯାଇଛି। ବିଳମ୍ବ ପାଇଁ ଏହି ଠିକାସଂସ୍ଥାକୁ ମଧ୍ୟ ଅଟକଳ ମୂଲ୍ୟ ଉପରେ ୧ ପ୍ରତିଶତ ଫାଇନ ପକାଯାଇଛି। ବ୍ଲକର ୧୫ ହଜାର ୧୧୭ ଘର ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୩ ହଜାର ୫୩୯ ଘରକୁ ପାଇପ ସଂଯୋଗ କାର୍ଯ୍ୟ ସରିଛି। ଆରଡବ୍ଲୁଏସ୍‌ଏସ୍ ନିର୍ବାହୀ ଯନ୍ତ୍ରୀ ଗୋପାଳ ଚନ୍ଦ୍ର ନାୟକ କହିଛନ୍ତି ତୁରନ୍ତ ପ୍ରକଳ୍ପ କାର୍ଯ୍ୟ ଶେଷ କରି ଅଞ୍ଚଳବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। କାଶୀପୁର ପ୍ରକଳ୍ପ ପାଇଁ ଇନ୍ଦ୍ରାବତୀ ଜଳଭଣ୍ଡାର ଏବଂ ବିଷମକଟକ, କୋଲନରା ଓ ଗୁଣପୁର ପ୍ରକଳ୍ପ ପାଇଁ ବଂଶଧାରା ପାଣି ଉପଯୋଗ କରାଯିବ।

# ହୁତୁ ହୁତୁ ହୋଇ ଜଳିଲା ଟ୍ରକ


ଜୟପୁର, ୦୮/୪ (ନି.ପ୍ର): କୋରାପୁଟ ଜିଲା କୋଟପାଡ଼ ମହାବିଦ୍ୟାଳୟ ନିକଟସ୍ଥ ଜାତୀୟ ରାଜପଥ ୬୩ ପାର୍ଶ୍ୱ ପେଟ୍ରୋଲ ପମ୍ପ ନିକଟରେ ଏକ ଟ୍ରକରେ କୌଣସି କାରଣ ବଶତଃ ନିଆଁ ଲାଗି ଯାଇଥିଲା। ଟ୍ରକ୍ ଭିତରେ ଡ୍ରାଇଭର ଏକ ଗ୍ୟାସ୍ ଚୁଲାରେ ରୋଷେଇ କରୁଥିବା ସମୟରେ ହଠାତ୍ ନିଆଁ ଲାଗିଯିବାରୁ ଡ୍ରାଇଭର ଗାଡ଼ିରୁ ଡେଇଁ ପଡ଼ିଥିଲେ। ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଯାତ୍ରୀ ତୁରନ୍ତ କୋଟପାଡ଼ ଅଗ୍ନିଶମ ବାହିନୀକୁ ଖବର ଦେବା ପରେ ପହଂଚି ନିଆଁକୁ ଆୟତ କରିଥିଲେ। ସେତେବେଳକୁ ଟ୍ରକଟି ୫୦ ପ୍ରତିଶତ ପୋଡ଼ିଯାଇଥିଲା। ପୋଡ଼ା ଟ୍ରକ୍ ମଧ୍ୟରୁ ଏକ ୧୫ କେଜି ଗ୍ୟାସ୍ ଟାଙ୍କି ଉଦ୍ଧାର କରାଯାଇଛି। ଘଟଣାସ୍ଥଳକୁ ପୋଲିସ ପହଂଚି ତଦନ୍ତ କରୁଥିବାର ଜଣାପଡ଼ିଛି।

# ରାମଚନ୍ଦ୍ରପୁର ଥାନା ଅଧିକାରୀ ମହାନିର୍ଦ୍ଦେଶକଙ୍କ ଦ୍ୱାରା ପୁରସ୍କୃତ

ଘଟଗାଁ , ୦୮/୪ (ନି.ପ୍ର): କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅଧିକାରୀ ବିଜୟ କୁମାର ସିଂ ଙ୍କୁ ଆରକ୍ଷ ମହାନିର୍ଦ୍ଦେଶକ ଙ୍କ ଦ୍ୱାରା ପୁରସ୍କୃତ କରାଯାଇଅଛି। ଜିଲ୍ଲା ରେ ମୋଟ ୨୫ ଟି ଥାନା ରହିଥିବା ବେଳେ ସେଥିମଧ୍ୟରୁ ରାମଚନ୍ଦ୍ରପୁର ଥାନା ଅଧିକାରୀଙ୍କ ନିଷ୍ଠାପର ଉଦ୍ୟମ ଓ ପ୍ରତ୍ୟେକ କାର ?ୟକୁ ଗୁରୁତ୍ୱ ଦେଇ ସାଧାରଣ ଲୋକଙ୍କୁ ଅସୁବିଧାରେ ନ ପକାଇ ଶୀଘ୍ର ସମୟରେ କିଭଳି ସେବା ପାଇପାରିବେ ଏନେଇ ନିଜର ଦାୟିତ୍ୱ ସଠିକ୍ ଭାବେ ନିର୍ବାହ କରୁଥିବା ନେଇ ଭୁବନେଶ୍ୱର ରେ ଅନୁଷ୍ଠିତ ହୋଇଥିବା ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ପଦକ ପ୍ରଦାନ ଉତ୍ସବ ରେ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡଙ୍ଗୀ ଶ୍ରୀ ବିଜୟ କୁମାର ସିଂଙ୍କୁ ୨୦୨୩/୨୪ ର ସେବା ସୁରକ୍ଷା ପ୍ରଶଂସା ପତ୍ର ଓ ଡିସ୍କ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରଯାଇଥିଲା। ବିଜୟ କୁମାର ସିଂ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡଙ୍ଗୀଙ୍କୁ ହୃଦୟ ରୁ ସାଧୁବାଦ୍ ଜଣାଇଛନ୍ତି। ଏନେଇ ବିଜୟ କୁମାର ସିଂ ନିଜକୁ ଧନ୍ୟ ମନେ କରିବା ସହ ଥାନାର ସମସ୍ତ ପଦାଧିକାରୀଙ୍କୁ ଶ୍ରେୟ ଦେଇଛନ୍ତି। ଏହି ଥାନାରେ ଥିବା ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ପାଇଁ କାମ କରିବା ସହ ଅଂଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ମୁଁ ମୋ ପ୍ରାଣ ପ୍ରଣେ ଚେଷ୍ଟା ଜାରୀ ରଖିବି ବୋଲି ବିଜୟ କୁମାର ସିଂ ପ୍ରକାଶ କରିଛନ୍ତି।

# ଧାର୍ଯ୍ୟ ସମୟରେ ଆସିଲାନି ଏନ୍‌ସିଇଆରଟି ବହି: ବଜାରରେ ନକଲି ହାଉଯାଉ

ଭୁବନେଶ୍ୱର, ୦୮/୪ (ନି.ପ୍ର): ୨୦୨୪-୨୫ ଶିକ୍ଷାବର୍ଷ ଆରମ୍ଭ ହୋଇଛି। ସିବିଏସ୍‌ଇ ଅଧୀନ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଚାଲିଥିଲେ ମଧ୍ୟ ଏପର୍ଯ୍ୟନ୍ତ ନ୍ୟାସନାଲ କାଉନସିଲ୍ ଅଫ୍ ଏଜୁକେସନାଲ୍ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନ୍‌ସିଇଆରଟି) ଦ୍ୱାରା ପ୍ରଚଳିତ ପାଠ୍ୟପୁସ୍ତକ ବଜାରରେ ଉପଲବ୍ଧ ହେଉନାହିଁ। ୩ୟ ଓ ୬ଷ୍ଠ ଶ୍ରେଣୀର ବହି ପ୍ରକାଶିତ ହୋଇନଥିବାରୁ ଛାତ୍ରଛାତ୍ରୀ, ଅଭିଭାବକ, ସ୍କୁଲ କର୍ତ୍ତୃପକ୍ଷ ଚିନ୍ତାରେ ଥିବା ବେଳେ ବଜାରରେ ନକଲି ପାଠ୍ୟପୁସ୍ତକ ଛାଇ ଗଲାଣି। ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ଏନ୍‌ସିଇଆରଟି କର୍ତ୍ତୃପକ୍ଷ ଅନ୍‌ଲାଇନ୍‌ରେ କିଛି ପାଠ୍ୟପୁସ୍ତକ ଛାଡ଼ିଛନ୍ତି। ଏହାର ଫାଇଦା ନେଇ କେତେକ ପ୍ରକାଶନୀ ସଂସ୍ଥା ନିଜସ୍ୱ ଲୋଗୋ ଲଗାଇ ପାଠ୍ୟପୁସ୍ତକ ଛାପିବା ସହ ତାହାକୁ ବଜାରକୁ ଛାଡ଼ିଥିବା ନଜରକୁ ଆସିଛି। ସ୍କୁଲ କର୍ତ୍ତୃପକ୍ଷ ଓ ଅଭିଭାବକମାନେ ମଧ୍ୟ ସେହି ପାଠ୍ୟପୁସ୍ତକଗୁଡ଼ିକୁ ଚଢ଼ା ମୂଲ୍ୟରେ କିଣି ଛାତ୍ରଛାତ୍ରୀଙ୍କୁ ଯୋଗାଇ ଦେଉଛନ୍ତି। ଚିନ୍ତାଜନକ କଥା ହେଉଛି ଯେ ଏନ୍‌ସିଇଆରଟି ୱେବସାଇଟ୍‌ରେ ଥିବା ପାଠ୍ୟପୁସ୍ତକକୁ କପି କରି ପ୍ରକାଶନୀ ସଂସ୍ଥାଗୁଡ଼ିକ ପାଠ୍ୟପୁସ୍ତକ ପ୍ରକାଶ କରୁଛନ୍ତି। ଯାହାକି କପି ରାଇଟ୍



ଆଇନକୁ ଉଲ୍ଲଂଘନ କରୁଛି। ଏହା ନଜରକୁ ଆସିବା ପରେ ଏନ୍‌ସିଇଆରଟି କର୍ତ୍ତୃପକ୍ଷ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏନ୍‌ସିଇଆରଟି ବିନା ଅନୁମତିରେ ଯଦି କୌଣସି ବ୍ୟକ୍ତିବିଶେଷ କିମ୍ବା ପ୍ରକାଶନୀ ସଂସ୍ଥା ପାଠ୍ୟପୁସ୍ତକ ପ୍ରକାଶ କରି ବିକ୍ରି କରୁଥିବା ନଜରକୁ ଆସେ ତେବେ କପି ରାଉଟ୍ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅଭିଭାବକ, ସ୍କୁଲ କର୍ତ୍ତୃପକ୍ଷ ମଧ୍ୟ ଏଭଳି ପ୍ରକାଶନୀ ସଂସ୍ଥାଙ୍କଠାରୁ ପୁସ୍ତକ ନ କିଣିବାକୁ ପରାମର୍ଶ ଦିଆଯାଇଛି। ଯଦି କୌଣସି ସଂସ୍ଥା ଏଭଳି କାର୍ଯ୍ୟ କରୁଥିବା ଦୃଷ୍ଟିକୁ ଆସେ ତେବେ ତୁରନ୍ତ ଏନ୍‌ସିଇଆରଟି କର୍ତ୍ତୃପକ୍ଷଙ୍କୁ ଅବଗତ କରିବାକୁ କୁହାଯାଇଛି। ଯେଉଁ ପ୍ରକାଶନୀ ସଂସ୍ଥା ଏନ୍‌ସିଇଆରଟି ୱେବସାଇଟ୍‌ରେ ଥିବା ପାଠ୍ୟପୁସ୍ତକ କପି ଆଧାରରେ ପାଠ୍ୟପୁସ୍ତକ ଛାପିବାକୁ ଚାହିଁବେ, ସେମାନଙ୍କୁ ପବ୍ଲିକେସନ୍ ଡିଭିଜନରୁ ଅନୁମତି ନେବାକୁ ପଡ଼ିବ ବୋଲି ଏନ୍‌ସିଇଆରଟି ଡେପୁଟି ସେକ୍ରେଟାରି ରାଜେଶ କୁମାର କହିଛନ୍ତି। ଏନ୍‌ସିଇଆରଟି ପକ୍ଷରୁ ଆହୁରି କୁହାଯାଇଛି ଯେ ବର୍ତ୍ତମାନ ତୃତୀୟ ଶ୍ରେଣୀର ହିନ୍ଦୀ, ଇଂରାଜୀ ଓ ଉର୍ଦ୍ଦୁ ଭାଷାର ପାଠ୍ୟପୁସ୍ତକ ଏନସିଇଆରଟି ୱେବସାଇଟ୍‌ରେ ଉପଲବ୍ଧ ରହିଛି। ବିଦ୍ୟାଳୟ ଶିକ୍ଷା ଜାତୀୟ ପାଠ୍ୟଚର୍ଯ୍ୟା ୨୦୨୩ରେ ଷଷ୍ଠ ଶ୍ରେଣୀ ପାଇଁ ପ୍ରସ୍ତାବିତ ସମସ୍ତ ୧୦ଟି ବିଷୟ ପାଇଁ ଏକ ମାସ ସଂଯୋଗ କାର୍ଯ୍ୟକ୍ରମ ୱେବ୍‌ସାଇଟ୍‌ରେ ରହିଛି। ଷଷ୍ଠ ଶ୍ରେଣୀର ନୂତନ ପାଠ୍ୟପୁସ୍ତକ ବ୍ୟବହାର ପୂର୍ବରୁ ମୌଳିକ କିମ୍ବା ସଂଯୋଗ କାର୍ଯ୍ୟକ୍ରମ ଜରୁରି। ପିଲାମାନେ ସେମାନଙ୍କର ମୌଳିକ ଓ ଏକ ମାସ ସଂଯୋଗ କାର୍ଯ୍ୟକ୍ରମ ସମାପ୍ତ କରିବା ପରେ ନୂତନ ପାଠ୍ୟକ୍ରମକୁ ଗ୍ରହଣ କରିବାକୁ ପ୍ରସ୍ତୁତ ହେବେ। ସେତେବେଳକୁ ସେମାନଙ୍କ ପାଇଁ ପାଠ୍ୟପୁସ୍ତକ ଉପଲବ୍ଧ ହୋଇଥିବ। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ନୂତନ ପାଠ୍ୟପୁସ୍ତକ ଏବଂ ସପ୍ତମ, ଅଷ୍ଟମ, ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଇଁ ପାଠ୍ୟପୁସ୍ତକ ଛପାଯାଇଛି।

# ଅଲିଭ୍‌ରିଡ୍‌ଲେଙ୍କ ଉପରେ ଜଳବାୟୁ ପରିବର୍ତ୍ତନ ପ୍ରଭାବ: ଅଣ୍ଡା ଦେଉଦେଉ ଛୁଆ

ରାଜନଗର, ୦୮/୪ (ନି.ପ୍ର): ଜଳବାୟୁ ପରିବର୍ତ୍ତନ ଯୋଗୁଁ ଋତୁଚକ୍ରରେ ପରିବର୍ତ୍ତନ ଆସିଛି। ସେଥିପାଇଁ ଫେବ୍ରୁଆରି, ମାର୍ଚ୍ଚ ପରିବର୍ତ୍ତେ ଏପ୍ରିଲ ମାସରେ ଅଲିଭ୍‌ରିଡ୍‌ଲେ ସମୂହ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଯେଉଁ ସମୟରେ ଅଲିଭ୍‌ରିଡ୍‌ଲେ ଅଣ୍ଡାଦାନ କରୁଛନ୍ତି, ସମାନ ସ୍ଥାନରେ, ଠିକ୍ ସେହି ସମୟରେ ଅଣ୍ଡାରୁ ଶାବକ ବାହାରି ସମୁଦ୍ରକୁ ଯାଉଛନ୍ତି। ଏପରି ବିରଳ ଦୃଶ୍ୟ ପୂର୍ବରୁ କେବେ ଦେଖିବାକୁ ମିଳି ନ ଥିଲା। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏପରି ବିରଳ ଦୃଶ୍ୟ ଦେଖିବାକୁ ମିଳିଥିବା କୁହାଯାଉଛି। ଗହୀରମଥାରେ ଅଲିଭ୍‌ରିଡ୍‌ଲେଙ୍କ ଅଣ୍ଡାଦାନ ପ୍ରକ୍ରିୟା ଜାରି ରହିଛି। ଚଳିତମାସ ୨ ତାରିଖରୁ ଆରମ୍ଭ ହୋଇଥିବା ଅଣ୍ଡାଦାନ ପ୍ରକ୍ରିୟାରେ ଆଜି ଭୋର ସୁଦ୍ଧା ୨ ଲକ୍ଷ ୯୯ ହଜାର ୪୯୭ କଇଁଛ ସାମିଲ ହୋଇଛନ୍ତି। ୨ ତାରିଖ ଦିନ ୩ହଜାର ୩୭ କଇଁଛ ଅଣ୍ଡାଦାନ କରିଥିବା ବେଳେ ୩ ତାରିଖରେ ୮୩ ହଜାର ୬ଶହ, ୪ ତାରିଖରେ ୯୮ ହଜାର ୬୧, ୫ ତାରିଖରେ ୮୨ ହଜାର ୩୧ ଓ ୬ ତାରିଖରେ ୩୨ ହଜାର ୭୬୮ କଇଁଛ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ତେବେ ଗତ ୮ବର୍ଷ ଭିତରେ ଚଳିତବର୍ଷ ସବୁଠୁ କମ୍ କଇଁଛ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ୨୦୧୭ରେ ୬,୦୩,୯୬୨ କଇଁଛ ଅଣ୍ଡାଦାନ କରିଥିବା ବେଳେ ୨୦୧୮ରେ ୬,୬୪,୮୯୭, ୨୦୧୯ରେ ୪,୫୦,୯୪୯, ୨୦୨୦ରେ ୪,୦୭,୨୦୪, ୨୦୨୧ରେ ୩,୪୯,୬୪୯, ୨୦୨୨ରେ ୫,୦୧,୧୫୭, ୨୦୨୩ରେ ୫,୧୨,୧୭୫ କଇଁଛ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଏହି ୮ ବର୍ଷର ରେକର୍ଡକୁ ଅନୁଧ୍ୟାନ କଲେ କେବେବି ଏପ୍ରିଲ ମାସରେ ସମୂହ ଅଣ୍ଡାଦାନ ହୋଇ ନଥିଲା। ବଡ଼କଥା ହେଲା ଏଥର ଯେଉଁ ସମୟରେ କଇଁଛ ସମୂହ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ୍ ହୋଇ ଅଣ୍ଡାଦାନ କରୁଥିଲେ, ଠିକ୍ ସେହି ସମୟରେ ସମାନ ବେଳାଭୂମିରୁ କଇଁଛ ଶାବକ ବାହାରି ସମୁଦ୍ରକୁ ଯିବାର ଦୃଶ୍ୟ ଦେଖିବାକୁ ମିଳିଛି। ଏହା ପରିବେଶବିତଙ୍କୁ ବିସ୍ମିତ କରିଛି। ଗତ ୪ ତାରିଖ ଦିନ ଅଣ୍ଡାଦାନ ସମୟରେ ନାସୀ-୨ରେ ଏକ ଅଣ୍ଡାରୁ କଇଁଛ ଶାବକ ବାହାରି ସମୁଦ୍ରକୁ ଯାଉଥିବା ଦେଖିବାକୁ ମିଳିଥିଲା। ସେତେବେଳେ ସିସିଏଫ୍ ମନୋଜ ଭି. ନାୟାର ଏହି ଦୃଶ୍ୟକୁ କ୍ୟାମେରାରେ କଏଦ କରିଥିଲେ। ସମାନ ସମୟରେ କଇଁଛଙ୍କ ଅଣ୍ଡାଦାନ ଓ ଅଣ୍ଡାରୁ ଛୁଆ ବାହାରିବାର ଦୃଶ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଥିଲା।



# ମତଦାନ ପ୍ରକ୍ରିୟାକୁ ସୁଦୃଢ ଏବଂ ଜ୍ଞାନ ବର୍ଦ୍ଧକ କରାଇବା ପାଇଁ ବାରିପଦାଠାରେ ପ୍ରଶାସନ ତରଫରୁ କୁଇଜ ପ୍ରତିଯୋଗିତା

ବାରିପଦା, ୦୮/୪ (ନି.ପ୍ର): ଭାରତୀୟ ନିର୍ବାଚନ କମିଶନଙ୍କ ବ୍ୟବସ୍ଥିତ ଭୋଟରଙ୍କ ଶିକ୍ଷା ଏବଂ ନିର୍ବାଚନରେ ଅଂଶଗ୍ରହଣ କାର୍ଯ୍ୟକ୍ରମର ପ୍ରତିଫଳନ ଖୁବ ଉଲ୍ଲେଖନୀୟ ଢଙ୍ଗରେ ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ଠାରେ ଅନୁଷ୍ଠିତ ହେଉଛି। ଯୁବ ଭୋଟର ମାନଙ୍କ ମଧ୍ୟରେ ନିର୍ବାଚନ ବାବଦରେ ସଚେତନତା ଏବଂ ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ମତଦାନକୁ ନେଇ ତତକ୍ଷଣାତ୍ ସାଧାରଣଜ୍ଞାନ ପରୀକ୍ଷା ବା ଇନ୍ସଟାଣ୍ଟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଛୁଟିଦିନିଆ ସନ୍ଧ୍ୟା ସମୟରେ, ପାର୍କ ଠାରେ କିମ୍ବା ନିତ୍ୟ ମନୋରଞ୍ଜନ ସ୍ଥାନ ମାନଙ୍କରେ ଏହି କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହେଉଅଛି। ଜିଲ୍ଲା ପ୍ରଶାସନ ଏବଂ ବାରିପଦା ପୌରପାଳିକା ଦ୍ୱାରା ଆୟୋଜିତ ଏହି ପ୍ରଜ୍ଞାନଧର୍ମୀ କାର୍ଯ୍ୟକ୍ରମରେ ସାନ ପିଲାଙ୍କ ଠାରୁ ଆରମ୍ଭ କରି ବୟୋଜ୍ୟେଷ୍ଠ ବ୍ୟକ୍ତି ମାନେ ମଧ୍ୟ ଅଂଶଗ୍ରହଣ କରୁଛନ୍ତି। ମତଦାନ ଏକ ନାଗରିକର ମୌଳିକ ଅଧିକାର ଭାବରେ ଏହି ବିଷୟକୁ ଜନାଦୃତ କରିବାପାଇଁ ଏହି ପ୍ରୟାସ, ବାରିପଦା ସ୍ଥିତ ଶିଶୁ ପାର୍କ ଠାରେ ଅନୁଷ୍ଠିତ ହେଉଅଛି। ଏହି ଇନ୍ସଟାଣ୍ଟ କୁଇଜ ପ୍ରତିଯୋଗିତାରେ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ ସଂଯୋଜନା ଏବଂ ପରିଚାଳନା କରିଥିବା ବେଳେ ପୌରପାଳିକାର ସମସ୍ତ କର୍ମକର୍ତା ଏହି କୁଇଜ ପ୍ରତିଯୋଗିତାକୁ ଖୁବ ଆନନ୍ଦ ସହକାରେ ଉପସ୍ଥାପନା କରିଥିଲେ। ଅଧିକ ରୁ ଅଧିକ ଯୁବ ଭୋଟର ତଥା ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ର ଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ବେଳେ, ସମସ୍ତ ଅଂଶଗ୍ରହଣକାରି ମାନଙ୍କ ପାଇଁ ପୁରସ୍କାର, ବିଶେଷକରି ବିଜେତା ମାନଙ୍କୁ ସେହି ମୁହୂର୍ତ୍ତ ରେ ପୁରସ୍କୃତ କରାଯାଏ। ଗଣତନ୍ତ୍ରର ଏହି ମହାନ ପର୍ବକୁ ସମସ୍ତେ ନିଜ ଅଧିକାର ସହ ସମ୍ପାଦନା କରିବା ପାଇଁ ଜିଲ୍ଲାପାଳ ମଧ୍ୟ ନିବେଦନ କରିଥିବା ସୂଚନା ପ୍ରାପ୍ତ।



## ଟାଟା ପାୱାର ବିଜୁଳି ଯନ୍ତ୍ରଣା, ତୁରନ୍ତ ଶକ୍ତିମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ

ଭୁବନେଶ୍ୱର , ୦୮/୪ (ନି.ପ୍ର): ଖରା ତାତିରେ ଓଡ଼ିଶା ସିଜୁଥିଲା ବେଳେ ଟାଟା ପାୱାରର ବିଜୁଳି ଯନ୍ତ୍ରଣା ଯମ ଯନ୍ତ୍ରଣାଠାରୁ ଆହୁରି ବଳିଯାଇଛି। ଗତକାଲିର କାଳ ବୈଶାଖୀରେ ରାଜଧାନୀ ଭୁବନେଶ୍ୱର ସମେତ ଅଧିକାଂଶ ଜିଲ୍ଲାରେ ବିଜୁଳି କଟିଯାଇଥିଲା। ବର୍ଷା ଛାଡିଲା ପରେ ମଧ୍ୟ ବିଜୁଳି ବିଭାଗର ବେପରୁଆ ମନୋଭାବ ଯୋଗୁଁ ବହୁ ଗ୍ରାମ ଅନ୍ଧାରରେ ରହିଥିଲା। ଏଭଳିକି ଆଜି ମଧ୍ୟ ଅନେକ ଉପାନ୍ତ ଅଞ୍ଚଳରେ ଓ ଗ୍ରାମାଞ୍ଚଳରେ ଦିନ ୨ଟା ସୁଦ୍ଧା ବିଜୁଳି ଆସିପାରି ନଥିଲା । ଫଳରେ ପ୍ରବଳ ଖରାରେ ଆଉଟ୍ ପାଉଟ ହେଉଥିବା ସାଧାରଣ ଲୋକମାନେ ପାନୀୟଜଳ ପାଇଁ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଆଗାମୀ ଦିନରେ ଖରାତାତି ବଢିବ ବୋଲି ପରିବେଶ ବିଜ୍ଞାନୀମାନେ ପ୍ରକାଶ କରିଛନ୍ତି । ତେଣୁ ବିଜୁଳି ଯନ୍ତ୍ରଣା ଆହୁରି ବଢିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ । ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ଟା ଟା ପାୱାରର ଏହି ମନମାନି ଏବଂ ରାଜ୍ୟ ସରକାରଙ୍କର ନିଷ୍କ୍ରିୟତା ବିରୁଦ୍ଧରେ ଚୁପ୍ ହୋଇ ବସିବ ନାହିଁ ବୋଲି ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘର ଆବାହକ ରବି ବେହେରା ଏକ ପ୍ରେସ୍ ବିବୃତି ଜରିଆରେ ସତର୍କ କରାଇ ଦେଇଛନ୍ତି । ଶକ୍ତି ବିଭାଗ ତୁରନ୍ତ ଏକ ଉଚ୍ଚସ୍ତରୀୟ ବୈଠକ ଡାକି ସମସ୍ତ ବିଜୁଳି କମ୍ପାନୀମାନଙ୍କୁ ତାଗିଦ୍ କରିବା ସହିତ ଏ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି । ଆଗାମୀ ଦିନରେ ନିର୍ବାଚନ ଋତୁ ଥିବା ଯୋଗୁଁ ଏବଂ ବିବାହ ଋତୁ ଓ ପର୍ବପର୍ବାଣିକୁ ଦୃଷ୍ଟିରେ ରଖି ଶକ୍ତି ବିଭାଗ ସକ୍ରିୟତା ଦେଖାଇବାର ଆବଶ୍ୟକତା ଅଛି ବୋଲି ମନେ କରାଯାଏ । ଯଦି ଏ ଦିଗରେ କୌଣସି ପଦକ୍ଷେପ ନିଆ ନଯାଏ ଏବଂ ଟାଟା ପାୱାରର ମନମାନି ଓ ଶୋଷଣ ଏବଂ ଗ୍ରାମାଞ୍ଚଳରେ ପାୱାରକଟ୍‌କୁ ବନ୍ଦ କରା ନଯାଏ ତାହେଲେ ଏକ ବଡ଼ଧରଣର ଜନଆନ୍ଦୋଳନ କରାଯିବ ବୋଲି ଶ୍ରୀ ବେହେରା ଶକ୍ତି ବିଭାଗକୁ ସତର୍କ କରାଇ ଦେଇଛନ୍ତି ।

# ଜିଲ୍ଲା ବ୍ରାହ୍ମଣ ସମିତିର ୧୨୬ତମ ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୦୮/୪ (ନି.ପ୍ର): ଜିଲ୍ଲା ବ୍ରାହ୍ମଣ ସମିତିର ଏକ ବୈଠକ ଦାମୋଦରପୁରସ୍ଥିତ କାର୍ଯ୍ୟାଳୟରେ ସଭାପତି ଡା. ଶ୍ରୀଶ କୁମାର ଦାଶଙ୍କ ପୌରହିତ୍ୟରେ ଗତ ଶନିବାର ଦିନ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜଗନ୍ନାଥଙ୍କୁ ପୁଷ୍ପାର୍ଘ୍ୟ ପ୍ରଦାନ ପରେ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ବେଦମନ୍ତ୍ର ପାଠ କରିବା ପରେ ସଭାକାର୍ଯ୍ୟ ଶୁଭାରମ୍ଭ ହୋଇଥିଲା। ଐତିହ୍ୟସମ୍ପନ୍ନ ଉକ୍ତ ଶତାୟୁ ଅନୁଷ୍ଠାନ ତଥା ବ୍ରାହ୍ମଣ ସମାଜର ମଙ୍ଗଳ କଳ୍ପେ ରାଜ୍ୟସରକାର ସରକାରୀ ଅନୁଦାନ ପ୍ରଦାନ କରିଥିବାରୁ ଅନୁଷ୍ଠାନ ତରଫରୁ ସରକାରଙ୍କୁ ବଧେଇ ଜଣାଇଥିଲେ। ସାଧାରଣ ସଂପାଦକ ଗୌରଚନ୍ଦ୍ର ଦାଶ ପୂର୍ବ ବୈଠକର ବିବରଣୀ ସହିତ ସରକାରୀ ଅନୁଦାନରେ ନିର୍ମାଣାଧିନ ବ୍ରାହ୍ମଣ ସମାଜ କାର୍ଯ୍ୟାଳୟ ବାବଦରେ ଆଜ ତାରିଖ ସୁଦ୍ଧା ହୋଇଥିବା କାର୍ଯ୍ୟର ବିବରଣୀ ବୈଠକରେ ପାଠ କରିଥିଲେ। ତାହା ବୈଠକ ଦ୍ୱାରା ତର୍ଜମା ପୂର୍ବକ ଆଲୋଚନା କରାଯାଇ ଉପସ୍ଥିତ ସଦସ୍ୟମାନଙ୍କ ସର୍ବସମ୍ମତି ମତେ ଅନୁମୋଦିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ



ସମିତିକୁ ମଂଜୁରୀ ଅର୍ଥ ଟ. ୩,୦୦,୦୦୦/- (ତିନିଲକ୍ଷ) ଏବଂ ପ୍ରଥମ ପର୍ଯ୍ୟାୟ ମଞ୍ଜୁରୀ ଅର୍ଥ ଟ. ୨,୦୦,୦୦୦/- (ଦୁଇ ଲକ୍ଷ) ଏଯାବତ୍ ସମିତିଦ୍ୱାରା ହସ୍ତଗତ ହୋଇ ନଥିବାରୁ ନିର୍ମାଣ କାର୍ଯ୍ୟର ତ୍ୱରାନ୍ୱିତ ହୋଇପାରୁ ନାହିଁ ବୋଲି ବୈଠକରେ ଉପଲବ୍ଧି କରାଯାଇ ଯଥାଶୀଘ୍ର ପ୍ରଦାନ କରିବାକୁ ବୈଠକରେ ସଦର ବି.ଡି.ଓ ଓ ଜେ.ଇ. ମହାଶୟଙ୍କୁ ଅନୁରୋଧ କରାଗଲା। ଡ. ଗୌର ସାଧନ ମିଶ୍ର ଉପସଭାପତି, ଜିଲ୍ଲା ବ୍ରାହ୍ମଣ ସଂଗଠନର ଶକ୍ତିବୃଦ୍ଧି ପାଇଁ ତୃଣମୂଳ ଅର୍ଥାତ୍ ପଞ୍ଚାୟତସ୍ତରରୁ ସାଂଗଠନିକ ବୈଠକମାନ ଅନୁଷ୍ଠିତ କରିବା ଏବଂ ଯାଗଯଜ୍ଞର ଆୟୋଜନ କରି ବ୍ରାହ୍ମଣମାନଙ୍କୁ ସଚେତନ କରିବାକୁ ନିଷ୍ପତ୍ତି ଗ୍ରହଣ ପାଇଁ ପରାମର୍ଶ ଦେଇଥିଲେ। ପଣ୍ଡିତ ବୈଦ୍ୟନାଥ ଆଚାର୍ଯ୍ୟ ଓ ଅଧ୍ୟାପକ ଚନ୍ଦ୍ରାଂଶୁ ବାନାର୍ଜୀ ଗୋ-ବଧ ନିରୋଧ ଆଇନ୍‌କୁ କଡ଼ାକଡ଼ି ପାଳନ ପାଇଁ ଜିଲ୍ଲା ବ୍ରାହ୍ମଣ ସମିତି ଓ ସମସ୍ତ ହିନ୍ଦୁମାନଙ୍କୁ ନେଇ ଏକ ମିଳିତ କ୍ରିୟାନୁଷ୍ଠାନ କମିଟି ଗଠନ କରିବା ଏବଂ ସେ ଦିଗରେ ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବାକୁ ଆଲୋଚନାକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହାବ୍ୟତୀତ ପ୍ରତି ବ୍ଲକ୍ ସ୍ତରରେ ବେଦ କର୍ମକାଣ୍ଡ ପ୍ରଶିକ୍ଷଣ କେନ୍ଦ୍ର ସରକାରଙ୍କ ତରଫରୁ ନିଃଶୁଳ୍କରେ ଉନ୍ମୋଚନ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗୌରାଙ୍ଗ ପାଣିଗ୍ରାହୀ, ଗଣେଶ୍ୱର ପଣ୍ଡା, ବୁଦ୍ଧିରାମ ପାଣିଗ୍ରାହୀ, ବୀରେନ୍ଦ୍ର କୁମାର କର, ଶାନ୍ତି ସ୍ୱରୂପ ମିଶ୍ର, ବ୍ରହ୍ମପୁଣ୍ୟଶ୍ଳୋକ ନନ୍ଦ, ଅଶୋକ କୁମାର ତ୍ରିପାଠୀ, ମାନସ କର, ନାରାୟଣ କର ଓ ଜ୍ଞାନରଞ୍ଜନ ପାଣି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବକ୍ତବ୍ୟ ରଖିଥିଲେ। ପରିଶେଷରେ ଡ. ଗୌରସାଧନ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଅନେକ ପ୍ରତିଭାର ଅଧିକାରୀ ଦେବେନ୍ଦ୍ର

ରୂପ୍ସା , ୦୮/୪ (ନି.ପ୍ର): ଜଣେ ଆଦର୍ଶ ସମାଜସେବୀ ସହ ଜଣେ ସୁପରିଚିତ ବକ୍ତା ଓ ଓଡ଼ିଆ ଭାଷା ର ଅସ୍ମିତାର ଗୌରବ ରକ୍ଷକ ସହ ଧୁରନ୍ଧର ପ୍ରଭାବ ଶାଳୀ କବିତା ଲେଖକ , ଜାତୀୟ ସେବା ଯୋଜନା ( ଏନ୍ .ଏସ୍ .ଏସ୍ )ର ଅଗ୍ରୀମ ସ୍ୱେଚ୍ଛାସେବୀ ସହ ଆଗଧାଡ଼ି ଛାତ୍ରନେତା ଭାବରେ ଉତ୍ତର ଓ ପୂର୍ବ ଓଡ଼ିଶା ର ବିଭିନ୍ନ ଅନୁକୋଣ ରେ ପରିଚିତ। ଜାତୀୟ ସ୍ତରୀୟ ଏବଂ ରାଜ୍ୟ ସ୍ତରୀୟ ଅନେକ ପ୍ରତିଯୋଗୀତା ରେ ଅଂଶଗ୍ରହଣ କରି ସେ ସଫଳତା ପାଇବା ସହ ହୋଇଛନ୍ତି ପୁରସ୍କୃତ ।ସେ ବାଲେଶ୍ୱର ଜିଲ୍ଲା ର ସଦର ବ୍ଲକ୍ ରୂପ୍ସା ବଜାର ର ପରିଚିତ ପୂଜକ ଚକ୍ରଧର ଆଚାର୍ଯ୍ୟ ( ଚକରାନନା) ଓ ଗୀତାଞ୍ଜଳି ଆଚାର୍ଯ୍ୟ ଙ୍କ ସୁପୁତ୍ର ହେଉଛନ୍ତି ଦେବେନ୍ଦ୍ର । ବୟସ ତାଙ୍କୁ ମାତ୍ର ୨୨ ବର୍ଷ ତୁଳସୀ ଦୁଇ ପତ୍ରରୁ ବାସିବା ପରି ବିଦ୍ୟାଳୟ ରେ ପଢ଼ିବା ସମୟ ରେ ତାଙ୍କ ପ୍ରତିଭା ର ଆଭାସ ମିଳେ। ସେ ହୀରାପୁର ସରକାରୀ ଉଚ୍ଚ ବିଦ୍ୟାଳୟ ରେ ପଢୁଥିବାବେଳେ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ତାଙ୍କ ପ୍ରତିଭା ବିଷୟ ରେ ଜାଣିପାରିଥିଲେ । ସେ +୨ ଓ +୩ ନୀଳମଣି ମହାବିଦ୍ୟାଳୟ ରେ ପଢ଼ିବା ସମୟ ରେ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ମାନଙ୍କର ପ୍ରିୟ ଭାଜନ ହୋଇପାରିଥିଲେ ଏବଂ ସମାଜ ସେବା କ୍ଷେତ୍ର ରେ ଅନେକ ପୁରସ୍କାର ଅର୍ଜନ କରିଛନ୍ତି। ସେ ଫକୀରମୋହନ ବିଶ୍ୱବିଦ୍ୟାଳୟ ରେ ରାଜ୍ୟପାଳ ପ୍ରଫେସର୍ ଗଣେଶି ଲାଲ୍ ଙ୍କଠୁ ବାଲେଶ୍ୱର ଜିଲ୍ଲା ର ସମାଜ ସେବା କ୍ଷେତ୍ର ରେ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ପୁରସ୍କାର, ଆୟଗଡ଼ିଆ ବିକାଶ ପରିଷଦ ପକ୍ଷରୁ ଶ୍ରେଷ୍ଠ କର୍ମବୀର ସମ୍ମାନ-୨୦୨୨ , ରାଜ୍ୟ ସ୍ତରୀୟ, କେନ୍ଦ୍ରାପଡ଼ା ରୁ ତୁଳସୀ ରତ୍ନ ସମ୍ମାନ, ରାଜ୍ୟ ସ୍ତରୀୟ ରାଜୀବ ଗାନ୍ଧୀ ସମ୍ମାନ, ଓଡ଼ିଶା ସରକାର ଙ୍କ ଠୁ ରାଜ୍ୟ ସ୍ତରୀୟ, ଜାତୀୟ ସେବା ଯୋଜନାର ଶ୍ରେଷ୍ଠ ସ୍ୱେଚ୍ଛାସେବୀ ପୁରସ୍କାର , କବିତାରେ ତରୁଣ ଲେଖକ ସମ୍ମାନ ସହ ବହୁମୁଖି ସମ୍ମାନ ରେ ସେ ସମ୍ମାନିତ । ନିଜ ଲେଖା ଓ ବକ୍ତବ୍ୟ ରେ ସେ ଓଡ଼ିଆ ଭାଷା ,ଜାତି , ଅସ୍ମିତା ସହ ସମାଜ ର ଅଙ୍ଗୀକାରବୋଧତା କୁ ସେ ବାସ୍ତବିକ ରୂପ ରେଖ ଦେଇ ସ୍ଥାନ ଦିଅନ୍ତି। ସେହିପରି ବାହାନଗା ଟ୍ରେନ୍ ଦୁର୍ଘଟଣା ରେ ତିନି ଦିନ ଧରି ଆହତ ମାନଙ୍କୁ ଉଦ୍ଧାର କରି ସେବାସୃଶ୍ରୁଷା ରୁ ତାଙ୍କ ସମାଜସେବା ର ପରିଚୟ ମିଳେ। ଜାତୀୟ ସ୍ତର ରେ କଲ୍ୟାଣୀ



ବିଶ୍ୱବିଦ୍ୟାଳୟ , ନଦିଆ ରେ ଆୟୋଜିତ ପୂର୍ବ ଜୋନ୍ ଗଣତନ୍ତ୍ର ଦିବସ ପ୍ୟାରେଡ଼ ଶିବିର ରେ ନିଜ ପ୍ରତିଭାର ପ୍ରଦର୍ଶନ କରି ସମ୍ମାନିତ ହୋଇଥିଲେ । ସୋଆ ବିଶ୍ୱବିଦ୍ୟାଳୟ , ବରହମ୍ପୁର୍ ବିଶ୍ୱବିଦ୍ୟାଳୟ ରୁ ମଧ୍ୟ ସମ୍ମାନିତ ହେବା ସହ ନିକଟ ରେ ଭୁବନେଶ୍ୱର ସ୍ଥିତ ଜନତାମଇଦାନ ରେ ଆୟୋଜିତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪ , ୩ ରୁ ୫ ଫେବୃଆରୀ ରେ ସେ ବିଶିଷ୍ଟବକ୍ତା ଭାବେ ଭାଷା ଅତୀତର ଅସ୍ତିତ୍ୱ ଓ ଭାଷା ହିଁ ଭବିଷ୍ୟତ ଓ ଓଡ଼ିଆ ଅନୁବାଦ ସାହିତ୍ୟ ଉପରେ ନିଖୁଣ ବକ୍ତବ୍ୟ ଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଉଚ୍ଚ ଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ର ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଙ୍କ ସହ ବିଶିଷ୍ଟ ଛାତ୍ରବକ୍ତା ଭାବରେ ମଞ୍ଚରେ ଅତିଥି ଭାବରେ ବସିବା ସହ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷା ବିଭାଗ ତରଫରୁ ଅନେକ ପୁରସ୍କାର ରାଶି ସହ ଓଡ଼ିଆ ଅସ୍ମିତା ର ଉପହାର ରେ ସମ୍ବର୍ଦ୍ଧିତ ହୋଇଛନ୍ତି । ଜଣେ ଭାଷା ସାହିତ୍ୟ ର ପ୍ରଫେସର୍ କିମ୍ବା ଜଣେ ଉତ୍ତମ ନେତା ହେବା ତାଙ୍କର ଲକ୍ଷ୍ୟ ।

# ଇଦ୍ ଉପଲକ୍ଷେ ପ୍ରଶାସନିକ ପ୍ରସ୍ତୁତି ବୈଠକ

ଭଦ୍ରକ, ୦୮/୪ (ନି.ପ୍ର): ପବିତ୍ର ଇଦ୍ ପର୍ବ ପାଳନ ଉପଲକ୍ଷେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସଦ୍‌ଭାବନା ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏସ୍.ପି. ବରୁଣ ଗୁଣ୍ଟୁପାଲି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ରାମଦାସ ଟୁଡୁ, ଉପଜିଲ୍ଲାପାଳ ମନୋଜ ପାତ୍ର, ଡେ଼ପୁଟି କଲେକ୍ଟର ଜୁଡ଼ିସିଆଲ କାର୍ତ୍ତିକ ନାଥ ମଣ୍ଡଳ ଯୋଗ ଦେଇଥିଲେ। ସବୁ ବର୍ଷ ପରି ଆନନ୍ଦ ଉଲ୍ଲାସର ସହ ଏ ବର୍ଷ ମଧ୍ୟ ଇଦ୍ ପର୍ବ ପାଳନ କରାଯିବ । ମାତ୍ର ଆଗାମୀ ସାଧାରଣ ନିର୍ବାଚନ ଉପଲକ୍ଷେ ଲାଗୁ ହୋଇଥିବା ଆଦର୍ଶ ଆଚରଣ ବିଧି କୁ ଆଖି ଆଗରେ ରଖି ପର୍ବ ପାଳନ କରିବାକୁ ଜିଲ୍ଲାପାଳ ପରାମର୍ଶ ପ୍ରଦାନ କରିଥିଲେ। ମୁସଲିମ୍ ଜମାତ୍‌ର କର୍ମକର୍ତ୍ତାମାନଙ୍କ ଦ୍ୱାରା ପ୍ରଦତ୍ତ ସୂଚନା ମତେ ଜହ୍ନ ଦେଖି ରମ୍‌ଜାନ ଓପାସ ମାସ ଆରମ୍ଭ କରାଯାଏ ଏବଂ ୨୯ଟି କିମ୍ବା ୩୦ଟି ଉପାସ ପରେ ପୁଣି ଜହ୍ନ ଦେଖିବା ପରେ ଓପାସ ଭଙ୍ଗ କରାଯାଇ ଆନନ୍ଦର ପର୍ବ ଇଦ୍ ପାଳନ କରାଯାଏ। ଉକ୍ତ ନୀତି ଆଧାରରେ ୯ ତାରିଖରେ ଜହ୍ନ ଦେଖିବା ପାଇଁ ବସିବେ ଏବଂ ଯଦି ଜହ୍ନ ଦେଖାଯାଏ ତେବେ ୧୦ ତାରିଖରେ ନଚେତ୍ ୧୧ ତାରିଖରେ ଇଦ୍ ପର୍ବ ପାଳିତ ହେବ । ଏହି ପର୍ବ ୩ଦିନ ଧରି ପାଳିତ ହେଉଥିଲେ ବି ପ୍ରଥମ ଦିନ ହିଁ ବୃହତ୍ ଆକାରରେ ପାଳନ କରାଯାଏ । ଭଦ୍ରକ ସହରରେ ଥିବା ସମୁଦାୟ ୩୬ଟି ମସ୍‌ଜିଦ୍‌ରେ ସକାଳ ୮ଟା ରୁ ୧୦ ମଧ୍ୟରେ ପୃଥକ୍ ପୃଥକ୍ ସମୟରେ ପ୍ରାର୍ଥନା କରାଯିବା କାର୍ଯ୍ୟସୂଚୀ ସମ୍ବନ୍ଧରେ ସୂଚନା ପ୍ରଦାନ କରାଯାଇଥିଲା । କୁଆଁସ ଠାରେ ଥିବା ଇଦ୍‌ଘା ଠାରେ ସକାଳ ଘ୯.୩୦ମି ରୁ ୧୦ଟା ମଧ୍ୟରେ ସାମୂହିକ ପ୍ରାର୍ଥନା ଅନୁଷ୍ଠିତ ହେବ । ଏହି ପର୍ବ ପାଳନ ଉପଲକ୍ଷେ ପ୍ରାର୍ଥନା ସମୟରେ ବହୁଳ ଜନସମାବେଶ ପାଇଁ ଟ୍ରାଫିକ୍ ନିୟନ୍ତ୍ରଣ, ଆମ୍ବୁଲାନସ୍, ପାଣିଟାଙ୍କି ଯୋଗାଣ ସହ ପରିଷ୍କାର ପରିଚ୍ଛନ୍ନ, ବ୍ଲିଚିଂ ଓ ରାସ୍ତା ଆଲୋକ ବ୍ୟବସ୍ଥା ଆଦି ଉପରେ ଦୃଷ୍ଟି ଦେବା ପାଇଁ କମିଟି ତରଫରୁ ପ୍ରଦତ୍ତ ପ୍ରସ୍ତାବ ସମ୍ବନ୍ଧରେ ଜିଲ୍ଲାପାଳ ସଂପୃକ୍ତ ଅଧିକାରୀମାନଙ୍କୁ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଟ୍ରାଫିକ୍ ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ୍ ବିଭାଗ ତରଫରୁ ପ୍ରସ୍ତୁତ କରାଯାଇଥିବା ଯୋଜନା ପୋଲିସ୍ ପେଟ୍ରୋଲିଂ ଆଦି ସମ୍ବନ୍ଧରେ ଏସ୍.ପି. ଶ୍ରୀଯୁକ୍ତ ଗୁଣ୍ଟୁପାଲି ସୂଚନା ପ୍ରଦାନ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଦିଲ୍ଲୀ ହାଇକୋର୍ଟରୁ ମିଳିଲା ....

ତାଙ୍କର ରାୟକୁ ସଂରକ୍ଷିତ ରଖିଥିଲେ । ଆଜି ଏହି ରାୟ ପ୍ରକାଶ ପାଇଛି । ଦିଲ୍ଲୀ ହାଇକୋର୍ଟଙ୍କ ୱେବସାଇଟରେ ଏହି ରାୟ ଉଲ୍ଲେଖ ରହିଛି । ଦିଲ୍ଲୀପ ତାଙ୍କ ଆବେଦନରେ ନିର୍ବାଚନ ଲଢ଼ିବା ପାଇଁ ଇଚ୍ଛା ବ୍ୟକ୍ତ କରି ସିବିଆଇ କୋର୍ଟ ଦ୍ୱାରା ଦୋଷୀସାବ୍ୟସ୍ତ କରାଯିବା ଓ ଦଣ୍ଡାଦେଶ ଉପରେ ରହିତାଦେଶ ନିମନ୍ତେ ଅନୁରୋଧ କରିଥିଲେ । ଜଷ୍ଟିସ ଶର୍ମା ତାଙ୍କ ରାୟରେ କହିଛନ୍ତି ଯେ, ଯଦି ଶ୍ରୀ ରାୟଙ୍କ ପ୍ରାର୍ଥନାକୁ ମଞ୍ଜୁର କରାନଯାଏ, ତା'ହେଲେ ସେ ନିର୍ବାଚନ ଲଢ଼ିବାର ସୁଯୋଗ ହରାଇ ବସିବେ । ଏହା ତାଙ୍କର ରାଜନୀତିକ କ୍ୟାରିୟରକୁ ଅପୂରଣୀୟ କ୍ଷତି କରିବ । ତେଣୁ ରାୟ ଦୋଷୀ ସାବ୍ୟସ୍ତ ହେବାକୁ ନେଇ ରାୟ ଉପରେ କୋର୍ଟରେ ଚ୍ୟାଲେଞ୍ଜ କରିଥିବାରୁ ଟ୍ରାଏଲ କୋର୍ଟଙ୍କ ଦଣ୍ଡାଦେଶ ଉପରେ ରହିତାଦେଶ ଜାରି କରାଯାଉଛି । ଶ୍ରୀ ରାୟଙ୍କ ପକ୍ଷରୁ ବରିଷ୍ଠ ଓକିଲ ମୁକୁଲ ରୋହତଗୀ ଓ ପ୍ରମୋଦ କୁମାର ଦୁବେ ମାମଲାର ପରିଚାଳନା କରୁଥିଲେ । ସିବିଆଇ ପକ୍ଷରୁ ବରିଷ୍ଠ ଆଡଭୋକେଟ୍ ଆରଏସ୍ ଚିମା ଓ ତରନ୍ନୁମ ଚିମା ହାଜର ହୋଇ ଶ୍ରୀ ରାୟଙ୍କ ଦୋଷୀ ସାବ୍ୟସ୍ତ ଉପରେ ରହିତାଦେଶ ଜାରିକୁ ବିରୋଧ କରିଥିଲେ । ଆବେଦନରେ ଦର୍ଶାଇଛନ୍ତି ଯେ, ଦିଲ୍ଲୀପ ରାୟଙ୍କ ବିରୁଦ୍ଧରେ ଚାଲିଥିବା ମାମଲାରେ ଶୀଘ୍ର ରାୟ ଆସିବାର ଆଶା କ୍ଷୀଣ । ଲୋକପ୍ରତିନିଧି ଆଇନର ଧାରା ୮(୩) ଅନ୍ତର୍ଗତ ୩ବର୍ଷ ଜେଲ ଦଣ୍ଡାଦେଶ ହୋଇଥିବାରୁ ସେ ଲୋକସଭା ଓ ବିଧାନସଭା ନିର୍ବାଚନ ଲଢ଼ିପାରିବେ ନାହିଁ କିମ୍ବା ରାଜ୍ୟସଭାକୁ ମନୋନୀତ ହୋଇପାରିବେ ନାହିଁ । ଦିଲ୍ଲୀପ ଏବେ ୭୧ବର୍ଷ ବୟସର ହେଲେଣି । ଯଦି ଏସବୁ ମାମଲାରେ ରାୟ ଆସିବାରେ ବିଳମ୍ବ ହୁଏ ତା'ହେଲେ ତାଙ୍କର ଅପୂରଣୀୟ କ୍ଷତି ହେବାର ସମ୍ଭାବନା ରହିଛି ବୋଲି ତାଙ୍କ ଆବେଦନରେ ଦର୍ଶାଇଥିଲେ । ସୂଚନାଯୋଗ୍ୟ, ୧୯୯୯ ମସିହାରେ କେନ୍ଦ୍ରରେ ଅଟଳବିହାରୀ ବାଜପେୟୀ ସରକାରରେ ଦିଲ୍ଲୀପ କୋଇଲା ମନ୍ତ୍ରୀ ଥିବାବେଳେ ଝାଡ଼ଖଣ୍ଡର ଗିରିଡିହ କୋଲ୍ ବ୍ଲକ ଆବଂଟନରେ ଅନିୟମିତତା ଅଭିଯୋଗ ତାଙ୍କ ବିରୁଦ୍ଧରେ ଆସିଥିଲା । ୨୦୨୦ ଅକ୍ଟୋବର ୨୬ତାରିଖରେ ଟ୍ରାଏଲ କୋର୍ଟ ଏହି କୋଲ୍ ବ୍ଲକ୍ ଆବଂଟନ ଅନିୟମିତା ମାମଲାରେ ୩ବର୍ଷ ଜେଲ ଦଣ୍ଡାଦେଶ ସହ ୧୦ଲକ୍ଷ ଟଙ୍କାର ଜୋରିମାନା ଧାର୍ଯ୍ୟ କରିଥିଲେ । ତେବେ ଟ୍ରାଏଲ କୋର୍ଟଙ୍କ ଏହି ରାୟକୁ ଚ୍ୟାଲେଞ୍ଜ କରି ଦିଲ୍ଲୀପ ରାୟ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଉଲ୍ଲେଖଯୋଗ୍ୟ, ରାଉରକେଲା ବିଧାନସଭା ଆସନରୁ ଦିଲ୍ଲୀପ ବିଜେପି ପ୍ରାର୍ଥୀ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଏହି କାରଣରୁ ବିଜେପି ଏପର୍ଯ୍ୟନ୍ତ ଉକ୍ତ ଆସନରେ କାହାରି ନାଁ ଘୋଷଣା କରିନି।

### ତାତି ଆସିଲା...

ନିଆଯିବ ବୋଲି ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ କହିଛନ୍ତି। ଗ୍ରୀଷ୍ମ ପ୍ରଭାହ ବଢ଼ିଥିବାରୁ ରାଜ୍ୟରେ ଅଧିକାଂଶ ଜଙ୍ଗଲରେ ଲାଗୁଛି ନିଆଁ। କିଛି ଅସାଧୁ ବ୍ୟକ୍ତି ବିଶେଷ ଏହି ନିଆଁ ଲଗାଉଥିବା ଅଭିଯୋଗ ହେଉଛି। ଗତବର୍ଷ ସବୁଠାରୁ ଅଧିକ ନିଆଁ ଶିମିଳିପାଳ ଅଭୟାରଣ୍ୟରେ ଜଳିଥିଲା। ଯାହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ତା'ପରେ ତତ୍ପର ହୋଇଥିଲା ରାଜ୍ୟ ସରକାର। ନିଆଁ ଲିଭାଇବାକୁ ଉଦ୍ୟମ ଆରମ୍ଭ କରାଯାଇଥିଲା। ହେଲେ ଲିଭାଇ ପାରୁନଥିଲା ବନ ବିଭାଗ। ସୌଭାଗ୍ୟକୁ ବର୍ଷା ହେବାରୁ ନିଆଁ ଲିଭିଥିଲା।

### ବିଜେଡି ଛାଡ଼ିଲେ ପୂର୍ବତନ....

ଏଥିପାଇଁ ଦଳରୁ ମୁଁ ଇସ୍ତଫା ଦେଲି। ସେ ଆହୁରି କହିଛନ୍ତି, ୨୦୧୪ରୁ ୨୦୧୯ ଦଳ ମୋତେ ଭରଷା କରିଥିଲା, ମୋତେ ଟିକେଟ ଦେଇଥିଲା। ୨୦୧୯ ରେ ମୋତେ ରିପିଟ୍ ପାଇଁ ଲୋକେ ଚାହୁଁଥିଲେ। ହେଲେ ମୋତେ ଟିକେଟ ମିଳିଲା ନାହିଁ। ଏଥର ଅନ୍ୟଦଳରୁ ମୋତେ ଅଫର ଥିଲା। ହେଲେ ମୁଁ ଗଲି ନାହିଁ। ମୁଁ ନିର୍ବାଚନ ଲଢ଼ିବି ନାହିଁ, ଲୋକମାନଙ୍କ ସେବା କରିବି। ମୋ ସମର୍ଥକଙ୍କ ସହ ଆଲୋଚନା କରି ଆଗକୁ କାର୍ଯ୍ୟପ୍ରନ୍ଥା ଗ୍ରହଣ କରିବି ବୋଲି ପ୍ରଭାସ କହିଛନ୍ତି। ତେବେ ପ୍ରଭାସ ବିଜେଡି ଛାଡ଼ିବା ପରେ ସେ କେଉଁ ଦଳରେ ସାମିଲ ହେବେ ତାହା ଜଣାପଡ଼ିନାହିଁ।

### ବେପାରୀ ସାଜି ମାଡ଼ି ...

ଏଥିସହ ସେମାନଙ୍କ ନିକଟରୁ ୫ଟି କଲରା ପତରିଆ ବାଘ ଛାଲ, ଗୋଟିଏ ବଣ ବିଲେଇ ଛାଲ, ଗୋଟିଏ ମାଛରଙ୍କା ବିଲେଇ ଛାଲ ସମେତ ୨୬ କେଜି ବଜ୍ରକପ୍ତା କାତି ଜବତ ହୋଇଛି । ଗଜପତି ଜିଲ୍ଲା ରାମଗିରି ବନାଞ୍ଚଳ ମଣ୍ଡଳସାହି ନିକଟସ୍ଥ କଦଳୀ ବଣ ଭିତରେ ଚାଲିଥିଲା ଏହି ଡ଼ିଲ୍ । ଏନେଇ ପୂର୍ବରୁ ସୂଚନା ପାଇ ବେପାରୀ ସାଜି ଉକ୍ତ ବଣ ଭିତରେ ପହଞ୍ଚିଥିଲେ ବନ ଅଧିକାରୀ। ଡିଲ୍ ଫାଇନାଲ୍ ହେବା ପରେ ଅଭିଯୁକ୍ତଙ୍କୁ ମାଡ଼ ବସିଥିଲେ ବନ ଅଧିକାରୀ । ଏଥିସହ ସେମାନଙ୍କ ନିକଟରୁ ବହୁ ପରିମାଣର ବାଘ ଛାଲ, ବିଲେଇ ଛାଲ ସହ ବଜ୍ରକପ୍ତା କାତି ଜବତ କରିଛନ୍ତି। ଅଭିଯୁକ୍ତମାନଙ୍କଠାରୁ ୫ ଗୋଟି ମୋବାଇଲ ଫୋନ ବି ଜବତ ହୋଇଛି। ଏହି ବେଆଇନ କାରବାରରେ ସଂପୃକ୍ତି ଅଭିଯୋଗରେ ୭ ଜଣ ଅଭିଯୁକ୍ତ ଗିରଫ କରିଛି ବନ ବିଭାଗ । ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଘଟଣାସ୍ଥଳରୁ ଗିରଫ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଗିରଫ କରାଯାଇଛି। ଏହି ଘଟଣାରେ ଆଉ ଯେଉଁମାନେ ବି ସଂପୃକ୍ତ ଅଛନ୍ତି ତଦନ୍ତ ପରେ ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଡିଏଫଓ ସୂଚନା ଦେଇଛନ୍ତି । ଗିରଫ ସମସ୍ତ ଅଭିଯୁକ୍ତ ରାମଗିରି ଓ ଚନ୍ଦ୍ରଗିରି ବନାଞ୍ଚଳର ବୋଲି ଜଣା ପଡିଛି । ଏହି ସବୁ ଚମଡ଼ା ବାହାର ରାଜ୍ୟକୁ ଚାଲାଣ ପାଇଁ ଡିଲ୍ ହେଉଥିବା ବେଳେ ଜବତ ହୋଇଛି।

# ଇସିଙ୍କ ଅଫିସ ଆଗରୁ ଟିଏମସି ସାଂସଦମାନଙ୍କୁ ଉଠାଇ ନେଲା ପୁଲିସ୍

ନୂଆଦିଲ୍ଲୀ, ୦୮/୪ : ଦିଲ୍ଲୀ ସ୍ଥିତ ନିର୍ବାଚନ କମିଶନଙ୍କ ଅଫିସ ବାହାରେ ବିକ୍ଷୋଭ କରୁଥିବା ଟିଏମସିର ୧୦ ଜଣ ସାଂସଦଙ୍କୁ ଉଠାଇ ନେଇ ଅଟକ ରଖିଛି ପୁଲିସ୍। ଶାସକ ଦଳ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ବିରୋଧୀଙ୍କ ବିରୋଧରେ ବ୍ୟବହାର କରୁଥିବାରୁ ଏହାର ପ୍ରତିବାଦ ଟିଏମସି ପକ୍ଷରୁ କରାଯାଇଛି।



ଟିଏମସି ସାଂସଦମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ ପୁଲିସ୍ ସେମାନଙ୍କୁ ଘୋଷାଡ଼ି ନେଇ ଅଟକ ରଖିଥିଲା। ସାମ୍ନାକୁ ଆସିଥିବା ଭିଡିଓରୁ ଦେଖିବାକୁ ମିଳୁଛି ଯେ ରାଜ୍ୟସଭା ସାଂସଦ ଡେରେକ ଓବ୍ରାଏନଙ୍କୁ ପୁଲିସ୍ ଠେଲା ପେଲା କରିବା ସହ ବଳ ପୂର୍ବକ ଟେକି ନେଇ ବସ୍‌ରେ ବସାଉଛି।

ଟିଏମସିର ୧୦ ଜଣ ଯାକ ସାଂସଦ ନିର୍ବାଚନ କମିଶନର ପୂର୍ଣ୍ଣ ବେଞ୍ଚକୁ ଦେଖା କରିବାକୁ ଚାହୁଁଥିଲେ। କେନ୍ଦ୍ରୀୟ ଏଜେନ୍ସିର ଅପବ୍ୟବହାର କରାଯାଉଛି । ଏଥିସହ ୪ ତଦନ୍ତକାରୀ ସଂସ୍ଥାର ମୁଖ୍ୟ ମାନଙ୍କୁ ହଟାଇବାକୁ ଟିଏମସି ଦାବି କରିଛି। ଏହି ୧୦ ଜଣିଆ ପ୍ରତିନିଧି ମଣ୍ଡଳରେ ଓବ୍ରାଏନଙ୍କ ସମେତ ଡୋଲା ସେନ, ସାଗରିକା ଘୋଷ, ସାକେତ ଗୋଖଲେ ଓ ଶିତାଂଶୁ ସେନ ପ୍ରମୁଖ ରହିଥିଲେ। ସେମାନେ ସବୁ ଦଳକୁ ନିର୍ବାଚନରେ ସମାନ ସୁଯୋଗ ଦାବିରେ ୨୪ ଘଣ୍ଟିଆ ବିକ୍ଷୋଭ କରିବେ ବୋଲି କହିଥିଲେ।

ନିର୍ବାଚନ କମିଶନରଙ୍କୁ ଦେଖା କରିବା ପରେ ପୁଲିସ୍ ସେମାନଙ୍କୁ ଅଫିସ ସାମ୍ନାରୁ ଚାଲି ଯିବାକୁ ଅନୁରୋଧ କରିଥିଲା। ହେଲେ ସେମାନେ ଅଫିସ ସାମ୍ନାରେ ବିକ୍ଷୋଭ ଆରମ୍ଭ କରିଦେଇଥିଲେ। ପ୍ରାୟ ୧ ଘଣ୍ଟା ପରେ ପୁଲିସ ସେମାନଙ୍କୁ ବଳପୂର୍ବକ ସେଠାରୁ ଉଠାଇ ନେଇ ବସ୍‌ରେ ଭର୍ତ୍ତି କରିଥିଲା। ଓବ୍ରାଏନଙ୍କୁ ଠେଲାପେଲା କରି ପୁଲିସ କର୍ମଚାରୀମାନେ କିଛି ଦୂରରେ ଥିବା ଗୋଟିଏ ବସ୍‌କୁ ନେଉଥିବା ବେଳର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି।

ଟିଏମସି ସାଂସଦମାନେ ଅଭିଯୋଗ କରିଛନ୍ତି ଯେ ସାଧାରଣ ନିର୍ବାଚନ ପୂର୍ବରୁ କେନ୍ଦ୍ରୀୟ ଏଜେନ୍ସି କେବଳ ବିରୋଧୀଙ୍କ ଉପରେ ଫୋକସ କରୁଛି। କେନ୍ଦ୍ରୀୟ ଏଜେନ୍ସି ଦ୍ୱାରା ହେଉଥିବା ଗିରଫଦାରୀ ସଂପୂର୍ଣ୍ଣ ରାଜନୀତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ସେମାନେ କହିଛନ୍ତି।

ଟିଏମସି ସାଂସଦ ଡୋଲା ସେନ କହିଛନ୍ତି, "୨୦୨୨ର ଗୋଟିଏ ମାମଲାରେ ଏନଆଇଏ ୨୦୨୪ରେ ଗିରଫ କରୁଛୁ। ଆଇନ ଶୃଙ୍ଖଳା ରାଜ୍ୟର ବ୍ୟାପାର ଓ କାର୍ଯ୍ୟାନୁଷ୍ଠାନ ପୂର୍ବରୁ ସ୍ଥାନୀୟ ପୁଲିସ୍‌କୁ ସୂଚିତ କରାଯିବା କଥା। ହେଲେ ସେମିତି କିଛି ବି କରାଯାଉଛି। ତେଣୁ କେନ୍ଦ୍ରୀୟ ଏଜେନ୍ସି ଗୁଡ଼ିକର ୪ ମୁଖ୍ୟଙ୍କୁ ବଦଳା ଯାଉ।"

ଏପ୍ରିଲ ୧ରେ ଆମେ ନିର୍ବାଚନ କମିଶନର ଅଧିକାରୀମାନଙ୍କୁ ଭେଟିଥିଲୁ। ନିର୍ବାଚନୀ ଗଣତନ୍ତ୍ରରେ ସମସ୍ତଙ୍କର ସମାନ ସୁଯୋଗ ରହିଛି। ସିବିଆଇ, ଇଡି, ଏନଆଇଏ ଓ ଆୟକର ବିଭାଗ ଯେଉଁ ଭଳି ମାତିଛନ୍ତି, ସେଥିରୁ ଲାଗୁଛି ଯେ ସେମାନେ ବିଜେପିର ବ୍ରାଞ୍ଚ ସଦସ୍ୟ।

ଏପରି ପଦକ୍ଷେପ ବିରୋଧୀଙ୍କ ଜୀବନକୁ କଷ୍ଟକର କରି ଦେଇଛି। ବିଜେପି ନେତାଙ୍କ ଘରେ ଏନଆଇଏ ଅଫିସରମାନେ ବୈଠକ କରିଥିବା ଟିଏମସି ସାଂସଦ ସାଗରିକା ଘୋଷ ଅଭିଯୋଗ କରିଛନ୍ତି।

ଉଦାହରଣ ଦେଇ ସେ କହିଛନ୍ତି, ଏପ୍ରିଲ ୫ ଓ ୬ ତାରିଖ ରାତିରେ ଏନଆଇଏ ଅଧିକାରୀମାନେ ପୁଲିସ୍‌କୁ ବିନା କୌଣସି ସୂଚନା ଦେଇ ରେଡ୍ କରିଥିଲେ। ଦୁଇ ବର୍ଷ ତଳର ଗୋଟିଏ କେସ୍‌ରେ ଏନଆଇଏ ଏପରି ପଦକ୍ଷେପ ନେଇଛି। ଭୋର ୩ଟାରେ ମହିଳାମାନଙ୍କ ଘର ରେଡ କରାଯାଉଛି।

ସେମାନେ ମହିଳାମାନଙ୍କୁ ହଇରାଣ କରିବା ସହ ଅସଦାଚରଣ କରିଛନ୍ତି। ତେଣୁ ଏନଆଇଏ, ଇଡି, ସିବିଆଇ ଓ ଆୟକର ବିଭାଗର ମୁଖ୍ୟମାନଙ୍କୁ ବଦଳାଇବା ପାଇଁ ନିର୍ବାଚନ କମିଶନଙ୍କୁ ଅନୁରୋଧ କରାଯାଇଥିବା ସାଗରିକା କହିଛନ୍ତି।

## ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଂଖ୍ୟାଲଘୁ ସେଲ ପକ୍ଷରୁ ରୋଜା ପାଳନ ଅବସରରେ ବିଭିନ୍ନ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଣ୍ଟନ

ବାଲେଶ୍ୱର, ୦୮/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ର ଇସଲାମ ଧର୍ମାବଲମ୍ବୀ ଜନ ସାଧାରଣ ପବିତ୍ର ରମଜାନ ମାସରେ ଉପବାସ ରହି ଧାର୍ମିକ ମାସ କୁ ଅତ୍ୟନ୍ତ ନିଷ୍ଠା ର ସହ ପାଳନ କରୁଛନ୍ତି । ଏହି ପରିପ୍ରେକ୍ଷୀ ରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ର ସଂଖ୍ୟଲଘୁ ସେଲ ପକ୍ଷରୁ ରବିବାର ମଧାହ୍ନ ରେ ସଦର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସାହି ବସ୍ତି ର ମୁଖିଆ ଓ ବରିଷ୍ଠ ନାଗରିକ ମାନଙ୍କୁ ଜିଲ୍ଲା କଂଗ୍ରେସ ଅଫିସ ରେ ଚାଦର, ଟୋପି, ଖାଦ୍ୟ ଆଦି ପ୍ରଦାନ କରାଯାଇଥିଲା । ଏହି ଅବସର ରେ ବରିଷ୍ଠ ନେତା ତଥା କାଉନସିଲର ପଦ୍ମଲୋଚନ ଲେଙ୍କା, ଯୁବ ନେତା ସରୋଜ କୁମାର ଲେଙ୍କା, ଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରି, ବୁଗୁଡ଼ାଇ. ସଂଖ୍ୟଲଘୁ ସେଲ ସଭାପତି, ସମ୍ପାଦକ, ବରିଷ୍ଠ କଂଗ୍ରେସ ନେତା ତଥା ସାମ୍ବାଦିକ ବିଦ୍ୟା ଧର ମହାନ୍ତି ଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ଥିଲେ । ଆଜିର କାର୍ଯ୍ୟକ୍ରମ ସମ୍ପର୍କରେ ପଦ୍ମ ଲୋଚନ ଲେଙ୍କା କହିଥିଲେକି, ଦୀର୍ଘ ବର୍ଷ ପରେ କଂଗ୍ରେସ ସଂଖ୍ୟା ଲଘୁ ସେଲ ର କର୍ମକର୍ତ୍ତା ଙ୍କ ପକ୍ଷରୁ ପବିତ୍ର ଇଦ ପୂର୍ବରୁ ପାଞ୍ଚ ଶହ ମୁଖିଆ ମାନଙ୍କୁ ନମାଜ ପାଇଁ ଆବଶ୍ୟକ ହେଉଥିବା ସାମଗ୍ରୀ ବଣ୍ଟନ କରାଯାଇଛି । ଉପବାସ ମାସ ଆଉ କିଛି ଦିନ ପରେ ପୂର୍ଣ୍ଣାଙ୍ଗ ହୋଇଯିବ । ପବିତ୍ର ଇଦ ପର୍ବ ପାଳନ ଲାଗି ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଛି ଇଦ ପର୍ବ କୁ ଶାନ୍ତି ଶୃଙ୍ଖଳା ର ସହ ପାଳନ କରି ବାଲେଶର ରେ ଭାତୃତ୍ୱଭାବକୁ ଅବ୍ୟହତ ରଖିବା ଲାଗି ସବୁ ସମ୍ପ୍ରଦାୟ ଓ ସବୁ ବର୍ଗ ର ଜନସାଧାରଣ ପଦକ୍ଷେପ ନେଇ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିବାକୁ ଶ୍ରୀ ଲେଙ୍କା ଅନୁରୋଧ କରିଛନ୍ତି । ସେଲ ର କର୍ମକର୍ତ୍ତା ଅସଗର ଅଲ୍ଲୀ ନିଜ ପ୍ରତିକ୍ରିୟା ରେ ଅନୁରୂପ ମନ୍ତବ୍ୟ ଦେଇ ଇଦ ପର୍ବକୁ ଶାନ୍ତି ଶୃଙ୍ଖଳା ର ସହ ପାଳନ କରିବାକୁ ନିବେଦନ କରିଥିଲେ ।

## ଶ୍ରୀଜଗନ୍ନାଥ କଥା ଗୁରୁକୂଳମ୍-ଚାରଣ ସମ୍ମିଳନୀ ଉଦ୍ଘାଟିତ

### ଇଫକୋ ନିର୍ଦ୍ଦେଶକ କେଜେ ପଟେଲଙ୍କୁ ଶିକ୍ଷ ଓ ସମାଜସେବା କ୍ଷେତ୍ରରେ ସମ୍ମାନ ଜନକ ଶ୍ରୀ ଜଗନ୍ନାଥ ସେବା ସଂମ୍ମାନ ପ୍ରଦାନ




ପାରାଦୀପ, ୦୮/୪ (ନି.ପ୍ର): ଶିକ୍ଷ ଓ ସମାଜ ସେବା କ୍ଷେତ୍ରରେ ଇଫକୋ ପାରାଦୀପ ୟୁନିଟ ର ନିର୍ଦ୍ଦେଶକ ଶ୍ରୀଯୁକ୍ତ କେଜେ ପଟେଲ ଙ୍କୁ ସମ୍ମାନ ଜନକ ଶ୍ରୀ ଜଗନ୍ନାଥ ସେବା ସମ୍ମାନ ପ୍ରଦାନ କରାଯାଇଛି । ଡୁଡୁଭ୍ଲା ଧର୍ମଶାଳା ପରିସରରେ ବରିଷ୍ଠ ଦଇତାପତି ରାମଚନ୍ଦ୍ର ଦାସମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ଦ୍ୱାରା ଉପଦଳପତି ଡଃ ଶରତ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ 'ଶ୍ରୀଜଗନ୍ନାଥ କଥା ଗୁରୁକୂଳମ୍- ୪୭ତମ ଚାରଣ ସମ୍ମିଳନୀ' ଉଦ୍ଘାଟିତ ହୋଇଥିଲା । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ସମୂହ ବିଷ୍ଣୁ ସହସ୍ରନାମ, ପଞ୍ଚଦଶ ଅଧାୟ ଶ୍ରୀମଦ୍ ଭଗବତ ଗୀତା, ହନୁମାନ ଚାଳିଶା ପାଠ କରାଯାଇଥିଲା । ଉଦ୍ଘାଟନ ଉତ୍ସବରେ ରାଧାବଲ୍ଲଭ ମଠର ମହନ୍ତ ପୂଜ୍ୟ ସନ୍ଥ ରାମକୃଷ୍ଣ ଦାସ ମହାରାଜ, ଭିତରଛ ଭବାନୀ ଶଙ୍କର ମହାପାତ୍ର, କୃଷ୍ଣ ଚନ୍ଦ୍ର ପୂଜାପଣ୍ଡା ସାମନ୍ତ, ସେବାୟତ ଗୋପାଳ ଖୁଣ୍ଟିଆ, ଡ଼ଃ ଶରତ ମହାନ୍ତି ଏବଂ ପଣ୍ଡିତ ପଦ୍ମନାଭ ତ୍ରିପାଠୀ ଶର୍ମା । ମହାପ୍ରଭୁଙ୍କ ସମ୍ମୁଖରେ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥଲେ । ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀର ସାଂସ୍କୃତିକ ସଂପାଦକ ଡଃ ଶୁଭେନ୍ଦୁ ସ୍ୱାଇଁ ସଭାକାର୍ଯ୍ୟ ସଞ୍ଚାଳନ କରିଥିବା ବେଳେ ବରିଷ୍ଠ ଚାରଣ ପଣ୍ଡିତ ଗଣେଶ୍ୱର ପରିଡ଼ା, ବଂଶୀଧର ପରିଡ଼ା, ବିଦ୍ୟାଧର ପୃଷ୍ଟି ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ । ଡ଼ଃ ଶରତ ଚନ୍ଦ୍ର ପାତ୍ର ସମସ୍ତ ଚାରଣ ମାନଙ୍କୁ ଶୃଙ୍ଖଳା ଓ ଆଚରଣ ପୂର୍ଣ୍ଣ ଜୀବନ ଯାପନ ପାଇଁ ନିବେଦନ କରିଥିଲେ । ପଣ୍ଡିତ ସଦାଶିବ ରଥଶର୍ମାଙ୍କୁ ଶ୍ରଦ୍ଧା ସମ୍ମାନ ଜଣାଇବା ସହିତ ଚାରଣଗୋଷ୍ଠୀକୁ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇଥିବାରୁ ବରିଷ୍ଠ ଚାରଣମାନେ ତାଙ୍କ ଗୁଣଗାନ କରିଥିଲେ ।ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ଶ୍ରୀ ଜଗନ୍ନାଥ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଶିକ୍ଷ ଓ ସମାଜ ସେବା କ୍ଷେତ୍ରରେ ଇଫକୋ ପାରାଦୀପ ୟୁନିଟ ର ନିର୍ଦ୍ଦେଶକ ଶ୍ରୀ କେ. ଜେ. ପଟେଲ ଙ୍କୁ ଶିକ୍ଷା କ୍ଷେତ୍ରରେ ଡ଼ଃ ପ୍ରଭୁ ଚରଣ ମହାନ୍ତି, ଡଃ ସୁନୀଲ ଧଳ, ଚିକିତ୍ସା କ୍ଷେତ୍ରରେ ଡ଼ଃ ସରୋଜ ଜେନା, ଡ଼ଃ ଔଜଲ୍ୟ ଜେନା, ଡଃ ହରମୋହନ ବାରିକ, ଡଃ ଜ୍ୟୋତିର୍ମୟ ନାୟକ, ସମାଜସେବା କ୍ଷେତ୍ରରେ କୋଦଣ୍ଡ ଭୂୟାଁ, ସମୀର ପରିଜା, ଆଦିଙ୍କୁ ସମ୍ମାନିତ କରାଯାଇଥିଲା । ପ୍ରାୟ ୭୦୦୦ ରୁ ଉର୍ଦ୍ଧ୍ୱ ଚାରଣ ମାନଙ୍କ ଉପସ୍ଥିତିରେ ମହାପ୍ରଭୁଙ୍କ ଦିବ୍ୟ ଲୀଳା କାର୍ଯ୍ୟକ୍ରମ ଶ୍ରୀ ଜଗନ୍ନାଥ କଥା ଗୁରୁକୂଳମ୍ -ଚାରଣସମ୍ମିଳନୀ ମହାସମାରୋହରେ ପାଳିତ ହୋଇଥିଲା ।

## ରାଇକମା ଆଶ୍ରମ ବିଦ୍ୟାଳୟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ



ବେତନଟୀ, ୦୮/୪ (ନି.ପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ ରାଇକମା ଆଶ୍ରମ ବିଦ୍ୟାଳୟ ପରିସରରେ ବିଶ୍ୱ ସ୍ୱାସ୍ଥ୍ୟଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଛାତ୍ରୀ ଛାତ୍ରଙ୍କ ମଧ୍ୟରେ କୁଇଜ, ରଚନା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ନିଶାସେବନରୁ ବିରତ ରହି ନିୟମିତ ଯୋଗାସନ ଅଭ୍ୟାସ, ନିରାପଦ ପାନୀୟଜଳ ପାନ, ସୁଷମ ଖାଦ୍ୟ ଗ୍ରହଣ, ଜଙ୍କ ଫୁଡ ନଖାଇ ଗୃହ ପ୍ରସ୍ତୁତ ଖାଦ୍ୟ ଖାଇବା ଉପରେ ଗୁରୁତ୍ୱ ପ୍ରଦାନ କଲେ ସମସ୍ତେ ସୁସ୍ଥ ରହିବେ ।ଶରୀର ସୁସ୍ଥ ରହିଲେ ମନ ପ୍ରଫୁଲ୍ଲ ରହିବ ଏବଂ ଆମେ ଆମର କର୍ତ୍ତବ୍ୟ ଓ କର୍ମ ସମ୍ପାଦନ କରିପାରିବା ବୋଲି ମତ ପ୍ରକାଶ ପାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ରଜତ କୁମାର ଦାଶ ପୌରୋହିତ୍ୟ କରିଥିବା ସମୟରେ ଶିକ୍ଷିକା ସରସ୍ୱତୀ ଜେନା, ସୁବାସିନୀ ପରିଡା, ପ୍ରତିମା ପରିଡା, ମେଟ୍ରୋନ ମାଳତୀ ମାଝୀ, ଅନୁଚର ମଣ୍ଟୁ ମାର୍ଣ୍ଡି ପ୍ରମୁଖ କାର୍ଯ୍ୟକ୍ରମ ସଫଳତାର ସହିତ ପରିଚାଳନା କରିଥିଲେ ।

## କଲେଜ ଛାତ୍ରୀ ସଡ଼କ ଦୁର୍ଘଟଣାରେ ଗୁରୁତର

ବେତନଟୀ , ୦୮/୪ (ନି.ପ୍ର):୪ ବେତନଟୀ କଲେଜକୁ ପରୀକ୍ଷା ଦେବାକୁ ଆସି ଘରକୁ ଫେରିବା ସମୟରେ ଜନୈକା କଲେଜ ଛାତ୍ରୀ ସଡ଼କ ଦୁର୍ଘଟଣାରେ ଗୁରୁତର । ବୈଶିଙ୍ଗା ଥାନା ଅଧୀନ ୧୮ନଂ ଜାତୀୟ ରାଜପଥର ଯୁଗଳ ଛକ ନିକଟରେ ଘଟିଛି ଦୁର୍ଘଟଣା । ସୂଚନା ଅନୁଯାଇ ଗୋବିନ୍ଦପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ଝିଅ ପ୍ରଜ୍ଞାପରମିତା ବେତନଟୀ କଲେଜରେ +୩ କଳାର ପ୍ରଥମ ବର୍ଷ ଛାତ୍ରୀ ଥିଲେ । ଆଜି ଅପରାହ୍ନରେ ସେ ପରୀକ୍ଷା ଦେଇସାରି ତାଙ୍କର ୨ ବନ୍ଧୁ ତାରାକୋଟି ଗ୍ରାମର ଗୌତମ ସାହୁ ଓ ଭଣ୍ଡାରୀକୁଲା ଗ୍ରାମର ଯୋଗେଶ୍ୱର ମହାନ୍ତଙ୍କ ସହିତ ଓଡି ୧୧ଏଚ-୮୫୧୯ ନଂ ବିଶିଷ୍ଟ ସ୍କୁଟିରେ ଘରକୁ ଫେରୁଥିବା ସମୟରେ କୌଣସି କାରଣ ବଶତଃ ଯୁଗଳ ଛକ ନିକଟରେ ତାଙ୍କ ସ୍କୁଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଦୁର୍ଘଟଣାରେ ପ୍ରଜ୍ଞାପରମିତାଙ୍କର ଗୋଡ଼ରେ ଓ ମୁଣ୍ଡରେ ଶକ୍ତ ଆଘାତ ଲାଗି ଗୁରୁତର ହୋଇ ପଡ଼ିଥିବାବେଳେ ତାଙ୍କର ୨ ବନ୍ଧୁ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନାକୁ ନେଇ ଆସିଥିଲେ । ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ବାରିପଦା ସ୍ଥିତ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି ।

## ଆଇନ ସାକ୍ଷରତା ଓ ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ, ୦୮/୪ (ନି.ପ୍ର): ଜିଲ୍ଲା ଆଇନସେବା ପ୍ରାଧିକରଣ ଭଦ୍ରକଙ୍କ ଆଇନ ସାକ୍ଷରତା ବିଶେଷକରି ଫୌଜଦାରୀ ଦଣ୍ଡ ବିଧାନ ଆଇନ ପରିସରଭୁକ୍ତ ଏଫ.ଆଇ.ଆର., ଯାମିନି, ନୋଟିସ୍, ୱାରେଣ୍ଟ, ଅପିଲ, ସାଇବର ଅପରାଧ, କିଶୋର ନ୍ୟାୟ ଅଧିନିୟମ-୧୫ ସଂକ୍ରାନ୍ତୀୟ ସଚେତନତା ଓ ସତର୍କତା ତଥା ସାମ୍ବିଧାନିକ ଅଧିକାର ଏବଂ କର୍ତ୍ତବ୍ୟ ସଂପର୍କୀତ ଏକ ସଚେତନତା କାର୍ଯ୍ୟକ୍ରମ ଭଦ୍ରକାଳୀ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲ୍ଲା ଓ ଦୈରାଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ ଏହି ଆଇନ ସାକ୍ଷରତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସତ୍ୟ କୁମାର ନନ୍ଦ, ବନ୍ଦନା ଦେବୀ ଉଭୟ ଡ଼ି.ଏସ୍.ପି., କ୍ରାଇମ୍‌ବ୍ରାଞ୍ଚ, ଭଦ୍ରକ ମନୋରଞ୍ଜନ ଦାସ, ପୁରାତନ ଛାତ୍ର ଓ ଅଧିବକ୍ତା, ଭଦ୍ରକ ବାର ଏସୋସିଏସନ, ଡ. ତାପସ କୁମାର ମହାନ୍ତି, ମହମ୍ମଦ ଅଲ୍ଲୀ ତାହେର, ଆଇନସେବା ପ୍ରତିପକ୍ଷ ଅଧିବକ୍ତା ଓ ଜୋସ୍ନାରାଣୀ ଦାସ, ପ୍ରଧାନ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆଇନ ସାକ୍ଷରତା, ଆଇନ ସେବାର ବିଭିନ୍ନ ଦିଗ ଉପରେ ସଚେତନତା ସୃଷ୍ଟି କରିଥିଲେ । ବିଦ୍ୟାଳୟର ଛାତ୍ରୀମାନେ "ବନ୍ଦେ ଉତ୍କଳ ଜନନୀ" ସଂଗୀତ ଆବୃତ୍ତି କରି ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

## ତ୍ରୈମାସିକ ସାହିତ୍ୟ ପତ୍ରିକା 'ବହ୍ନି ବତାସ' ଲୋକାର୍ପିତ



କେନ୍ଦ୍ରାପଡ଼ା, ୦୮/୪ (ନି.ପ୍ର): କବି ପ୍ରେମାନନ୍ଦ ଖଣ୍ଡୁଆଳଙ୍କ ସମ୍ପାଦିତ ପ୍ରଗତିଶୀଳ ତ୍ରୈମାସିକ ସାହିତ୍ୟ ପତ୍ରିକା 'ବହ୍ନି ବତାସ' କେନ୍ଦ୍ରାପଡ଼ାର ସାହିତ୍ୟ ଓ ସଂସ୍କୃତି ପରିଷଦ 'ମୌସୁମୀ' ଆନୁକୂଲ୍ୟରେ ସ୍ଥାନୀୟ ଗୁଲନଗରସ୍ଥ ସଞ୍ଜିବନୀ ବିଦ୍ୟାମନ୍ଦିର ପରିସରରେ ଲୋକାର୍ପିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସଭା ଓ କବିତା ପାଠୋତ୍ସବରେ ପ୍ରଫେସର ନନ୍ଦ କିଶୋର ପରିଡ଼ା ପୌରୋହିତ୍ୟ କରିଥିଲାବେଳେ ମୌସୁମୀର ସମ୍ପାଦକ ଡ. ଶ୍ରୀଧର ସାମଲ 'ବହ୍ନି ବତାସ'ର ପ୍ରଗତିଶୀଳ ଆଭିମୁଖ୍ୟ ଉପରେ ଦୃଷ୍ଟିପାତ କରିଥିଲେ । ମୁଖ୍ୟ ଅତିଥି ଗାଳ୍ପିକ ରତ୍ନାକର ନାୟକ 'ବହ୍ନି ବତାସ'ରେ ପ୍ରକାଶିତ ଲେଖାଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ମୁଖ୍ୟ ବକ୍ତା କବି ବୃନ୍ଦାବନ ଦାସ, ବରଣ୍ୟ ଅତିଥି କବି ଅୟସକାନ୍ତ, ବରଣ୍ୟ ବକ୍ତା କବୀ ଡ. ନଳିନୀ ବେହେରା ପତ୍ରିକାଟିର ସ୍ୱର୍ଣ୍ଣିମ ଅତୀତ ସମ୍ପର୍କରେ ଆଲୋକପାତ କରିଥିଲେ । କବି ପ୍ରେମାନନ୍ଦ ଖଣ୍ଡୁଆଳ ସ୍ୱାଗତ ଭାଷଣ ଦେଇଥିବା ବେଳେ କବି ରାମକୃଷ୍ଣ ଦାଶ ଅତିଥି ପରିଚୟ ଓ ସୁଦୀପ୍ତା ବେହେରା ଅଥିତି ମାନଙ୍କୁ ଭଗବତ ଗୀତା ପ୍ରଦାନ କରିଥିଲେ । ସାହିତ୍ୟର ସୁନାମ ଅର୍ଜନ କରିଥିବା 'ପଲକ'ର ସମ୍ପାଦକ କବି ଶଶିକାନ୍ତ ଦାସଙ୍କୁ ତାଳଧ୍ୱଜ ସମ୍ପାଦନା ସମ୍ମାନ, କବୀ ଡ. ନଳିନୀ ବେହେରାଙ୍କୁ ତାଳଧ୍ୱଜ କବିତା ସମ୍ମାନ, କବୀ ଚାରୁଲତା ଭୂୟାଁଙ୍କୁ ତାଳଧ୍ୱଜ ଗୀତିକବିତା ସମ୍ମାନରେ ମାନପତ୍ର, ଫଳକ, ଉପଢୌକନ ଓ ଫୁଲଚାରା ଦେଇ ସମ୍ମାନିତ କରାଯାଇଥିଲା । କବି ଶୈଳଜା ଶଙ୍କର ସାମଲ ଓ କବୀ ନିରୁପମା ଦାସଙ୍କ ସଂଯୋଜନାରେ ଏକ ମନୋଜ୍ଞ କବିତା ପାଠୋତ୍ସବରେ ବରିଷ୍ଠ କବି ନାରାୟଣ ପତି, ଆମ ଗାଁ ସାହିତ୍ୟ ପରିଷଦର ସମ୍ପାଦକ କବି ସ୍ୱପ୍ନାଂଶୁ ଦାସ, ସଭାପତି କବି ସଞ୍ଜୟ କୁମାର ମଲ୍ଲିକ, କବି ରଞ୍ଜନ ବାଇ, ଗୋଲାପ ରାଉତ, ସ୍ୱର୍ଣ୍ଣମୟୀ ଷଡଙ୍ଗୀ, କବିତା ମୁଦୁଲି, ବିକାଶୀ ପ୍ରିୟଦର୍ଶିନୀ ରାଉତ, ରତ୍ନାକର ମଲ୍ଲିକ, ଅଜୟ କୁମାର ପାତ୍ର, ଚାରୁଲତା ଭୂୟାଁ, ସୁଦୀପ୍ତା ବେହେରା, ଶରତ କୁମାର ରାଉତ, ସୌଭାଗ୍ୟ ଦାଶ, କୃଷ୍ଣଚନ୍ଦ୍ର ମହାପାତ୍ର, ଶରତ ନାୟକ, ମନୋରଞ୍ଜନ ତ୍ରିପାଠୀ, ଚିତ୍ତରଞ୍ଜନ ଆଚାର୍ଯ୍ୟ ପ୍ରଭୃତି ପଚାଶରୁ ଅଧିକ କବି ସ୍ୱରଚିତ କବିତା ପାଠ କରିଥିଲେ । କବି ରଜନୀକାନ୍ତ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଜଳେଶ୍ୱର ଯୁବକ ପ୍ରଯୁକ୍ତିବିଦ୍ୟାରେ ଦିଲ୍ଲିରୁ ସମ୍ବର୍ଦ୍ଧିତ

ଜଳେଶ୍ୱର , ୦୮/୪ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଆୟଡିହା ଗାଁର ନିରୁପମା ଓ ସୁକାନ୍ତ ନନ୍ଦୀଙ୍କ



ପୁଅ ଦୀପକ ନନ୍ଦୀ ଫକୀରମୋହନ ବିଶ୍ୱବିଦ୍ୟାଳୟରୁ ଏମ୍‌ବିଏରେ ସ୍ୱର୍ଣ୍ଣପଦକ ପ୍ରାପ୍ତ ହୋଇଥିଲେ । ନିଜର ସାଧନା ଓ ଦୃଢ ସଙ୍କଳ୍ପ ଫଳରେ ସେ ଏକ ଉଦାହରଣ ପାଲଟିଛନ୍ତି । ଏବେ ନୂଆଦିଲ୍ଲିରେ ଏନ୍‌ଏଲ ଟ୍ୟାକ୍ ଏଚ୍‌ଆର୍ କନ୍‌ଫାରେନ୍ସ ଏଣ୍ଡ ଏୱାର୍ଡସ ୨୦୨୪ରେ ଉଚ୍ଚ କୋଟିର ମାନବସମ୍ବଳ ଓ ପ୍ରଯୁକ୍ତି ବିଦ୍ୟାପାଇଁ ପୁରସ୍କୃତ ହୋଇଛନ୍ତି । ତାଙ୍କୁ ଟ୍ରଫି, ନଗଦ ଅର୍ଥ ପ୍ରଦାନ କରାଯାଇଛି । ଏହା ଜଣାଯିବାପରେ ଜଳେଶ୍ୱର ଅଂଚଳର ବହୁ ଶିକ୍ଷିତ ବ୍ୟକ୍ତି ତାଙ୍କୁ ଶୁଭେଚ୍ଛାଜ୍ଞାପନ କରିଛନ୍ତି ।

## ପତିରାଜପୁର ପଡିଆରେ ଜଗନ୍ନାଥ କଥାମୃତ ଶିକ୍ଷା ଶିବିର

### ଜଗନ୍ନାଥଙ୍କ ୧୧ବେଶ ଦେଖିଲେ ଶ୍ରଦ୍ଧାଳୁ

ଖଇରା,୮ । ୪ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପତିରାଜପୁର ମେଳା ପଡିଆରେ ପୁରୀ ଚାରଣ ଗୋଷ୍ଠୀ ଆନୁକୁଲ୍ୟରେ ରବିବାର ଓ ସୋମବାର ୨ଦିନ ଧରି ଜଗନ୍ନାଥ କଥାମୃତ ଶିକ୍ଷା ଶିବିର, ପ୍ରବଚନ, ଯଜ୍ଞ ସାଙ୍ଗକୁ ଓଡିଆଙ୍କ ଆରାଧ୍ୟ ଦେବତା ଜଗନ୍ନାଥ, ବଳଭଦ୍ର ଓ ଶୁଭଦ୍ରାଙ୍କ ୧୧ବେଶ ପ୍ରଦର୍ଶିତ ହୋଇ ଯାଇଛି । ଶନିବାର ଦିନ ବାରାପୁର ଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ଅଣାଯାଇ ରବିବାର ଦିନ ମେଳା ମଣ୍ଡପରେ ବିଗ୍ରହ ସ୍ଥାପନା କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା ।ପରେ ଗୋଳିହା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସଂସ୍କୃତି ଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ୧୫୦ଜଣ ଏଥିରେ ଅଂଶ ଗ୍ରହଣ କରିଥିବା ବେଳେ ଏଥିରେ କୃତିତ୍ୱ ଅର୍ଜନ କରିଥିବା ଜଗନ୍ନାଥ ପୃଷ୍ଟି, ମିନତୀ ସେଣ୍ଠ, ଦେବେନ୍ଦ୍ର ତ୍ରିପାଠୀ, ରତ୍ନାକର ପଣ୍ଡା, ପରେଶ ପଲେଇ ଓ ନଳିନୀପ୍ରଭା ପୃଷ୍ଟିଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ସଂଧ୍ୟାରେ



ମେଳନ ମଣ୍ଡପରେ ଏକ ଆଧ୍ୟାତ୍ମିକ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଏଥିରେ ପୁରୀ ଶ୍ରୀମନ୍ଦିରର ଅଙ୍ଗଲାଗି ସେବକ କୃଷ୍ଣଚନ୍ଦ୍ର ପୂଜାପଣ୍ଡା ସାମନ୍ତ,ପୁରୀ ଏସସିଏସ କଲେଜର ଅଧ୍ୟାପକ ଡ ରବିନାରାୟଣ ସାହୁ, ଆନ୍ତର୍ଜାତିୟ ଚାରଣ ଗୋଷ୍ଠୀ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ବେହେରା, ଚାରଣ ସଙ୍ଗଠକ ପାତଞ୍ଜଳୀ ପ୍ରଭୁପାଦ ପ୍ରମୁଖ ଏଥିରେ ଯୋଗ ଦେଇ ଠାକୁରଙ୍କ ଲୀଳା,ଭକ୍ତ-ଭଗବାନର ସମ୍ପର୍କ, କଳିଯୁଗରେ ନାମର ମହିମା ଓ ପାରିବାରିକ ଜୀବନରେ ଆଧ୍ୟାତ୍ମିକ ଚେତନାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସୋମବାର ଗୀତାଯଜ୍ଞ ସହ ସଂଧ୍ୟାରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା । ଏଥିସହ ଓଡିଶୀ ନୃତ୍ୟ ଶିଳ୍ପୀ ମାନଙ୍କ ଦ୍ୱାରା ଚିତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା । ବ୍ରହ୍ମାନନ୍ଦ ଟ୍ରଷ୍ଟ ପକ୍ଷରୁ ସମସ୍ତ ଭକ୍ତମାନଙ୍କ ପାଇଁ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା । ମେଳଣ କମିଟିର ସଭାପତି ପିତାମ୍ବର ପଟ୍ଟନାୟକ,ସମ୍ପାଦକ ଭରତ ଚନ୍ଦ୍ର ରାଉତ, କୃଷ୍ଣଚନ୍ଦ୍ର ପତ୍ରୀ,ବୁଦ୍ଧିରାମ ପାଣିଗ୍ରାହୀ,ରାମଚନ୍ଦ୍ର ପଣ୍ଡା,ନିର୍ମଖ କୁମାର ପଣ୍ଡା,ରମଣି ରଞ୍ଜନ ନାୟକ, ଶିବପ୍ରସାଦ ବଳ,ଅକ୍ଷୟ ପ୍ରଧାନ, ବଳରାମ ପଣ୍ଡା, କୈଳାସ ଚନ୍ଦ୍ର ସେଣ୍ଠ, ବସନ୍ତ ପାଣିଗ୍ରାହୀ, ଅକ୍ଷୟ ପଣ୍ଡା ଡ ଉମାକାନ୍ତ ଗିରି ଓ ଧନେଶ୍ୱର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

## ବାଲିଆପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଉତ୍ତେଜନା ଜାରି: ପ୍ରଶାସନିକ କମିଟି ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡିଲେ

ବାଲିଆପାଳ , ୦୮/୪ (ନି.ପ୍ର): ବାଲିଆପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ନାମ ଓ ପାଠ୍ୟ ଖସଡ଼ା ପରିବର୍ତ୍ତନକୁ କେନ୍ଦ୍ର କରି ଲାଗି ରହି ଥିବା ବିବାଦ ଓ ଉତ୍ତେଜନା ଏବେ ବି ଜାରୀ ରହିଛି । ଗତ ୫ ତାରିଖ ଦିନ ଉଭୟ ପକ୍ଷଙ୍କୁ ନେଇ ଥାନା ପରିସରରେ ବସିଥିବା ଆପୋଷ ଆଲୋଚନା ବୈଠକ ଫଳ ପ୍ରଦ ହୋଇ ନାହିଁ । ଉଭୟେ ପକ୍ଷ ଯେ ଯାହା ଜିଦ୍ ରେ ଅଡି ରହି ଥିବାରୁ କୌଣସି ମୀମାଂସା ହୋଇ ନାହିଁ । ଶିକ୍ଷା ବିକାଶ ସମିତିର କାର୍ଯ୍ୟକର୍ତ୍ତା ମାନଙ୍କୁ ବୈଠକରେ ଭାଗ ନେବାକୁ ସୁଯୋଗ ଦିଆ ଯାଇ ନ ଥିଲା । ବୈଠକରେ ପାଟି ତୁଣ୍ଡ ବଢ଼ି ବାରୁ ଅନେକ ଅଧାରୁ ବୈଠକ ଛାଡ଼ି ଚାଲି ଯାଇଥିଲେ ।ଫଳରେ ସଭାପତି ବାଧ ହୋଇ ସଭା ଭଙ୍ଗ କରି ଥିଲେ । ଏବେ ଶିଶୁ ବିଦ୍ୟା ମନ୍ଦିରର କାର୍ଯ୍ୟ ରତ ପ୍ରଶାସନିକ କମିଟି ପୂର୍ବତନ ପରିଚାଳନା




ସମିତିର ଜବର୍ ଦାଖଲ, ବେଆଇନ କାର୍ଯ୍ୟ , କର୍ମଚାରୀଙ୍କ ସୁରକ୍ଷା, କୋଠା ବାଡି ଆଦି ର ସୁରକ୍ଷା ଦାବି କରି ଶନିବାର ବାଲିଆପାଳ ଥାନାଧିକାରୀ, ତହସିଲଦାର, ବସ୍ତା ଏସ ଡି ପି ଓ , ବି ଇ ଓ , ଡି ପି ଓ , ଏସ ପି , ଜିଲ୍ଲାପାଳ ପ୍ରମୁଖଙ୍କୁ ଜଣାଇବା ସହିତ ସେମାନଙ୍କ ହସ୍ତକ୍ଷେପ ଲୋଡ଼ି ଛନ୍ତି ।ଆଜି ଶିଶୁ ମନ୍ଦିରର ଅଧିକାଂଶ ଛାତ୍ର ଅଭିଭାବକ ଶିଶୁ ମନ୍ଦିରକୁ ଯାଇ ନାମ ଓ ପାଠ୍ୟ ଖସଡ଼ା ପରିବର୍ତ୍ତନକୁ ତୀବ୍ର ବିରୋଧ କରିବା ସହିତ ପାଟି ତୁଣ୍ଡ କରି ଥିଲେ । ଅନେକ ଛାତ୍ର ଅଭିଭାବକ ଶିଶୁ ମନ୍ଦିରରେ ସେମାନଙ୍କ ପିଲା ମାନଙ୍କୁ ନ ପଢ଼ାଇ ଟି ସି ନେଇ ଯିବେ ବୋଲି ଧମକ ଦେଇଥିଲେ । ଅନ୍ୟ ପକ୍ଷରେ ପୂରାତନ ପରିଚାଳନା ସମିତି ଦ୍ୱାରା ବେଆଇନ ଭାବେ ନିଯୁକ୍ତ ପ୍ରଧାନ ଆଚାର୍ଯ୍ୟ ପ୍ରଶାସନିକ କମିଟି ଓ ଓଡ଼ିଶା ଶିକ୍ଷା ବିକାଶ ସମିତିର ନିର୍ଦ୍ଦେଶକୁ ବେଖାତିର କରି ଜୋର୍ ଜବର୍ ଦସ୍ତ ସମସ୍ତ କାର୍ଯ୍ୟ ସମ୍ପାଦନ କରୁ ଛନ୍ତି ।ତେବେ ଏନେଇ ପ୍ରଶାସନିକ କମିଟି ଓ ଓଡ଼ିଶା ଶିକ୍ଷା ବିକାଶ ସମିତି ଦରକାର୍ ପଡ଼ିଲେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ମାମଲା କରିବ ବୋଲି କହିଛି । ପୂରାତନ ତଥା ଭଙ୍ଗ ପରି ଚାଳନା ସମିତିର କାର୍ଯ୍ୟକର୍ତ୍ତାମାନେ କୌଣସି ମତାମତ ଦେବେ ନାହିଁ ବୋଲି ମନା କରି ଦେଇଛନ୍ତି ।

## ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ବେତନଟୀ , ୦୮/୪ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ ନଂ ଜାତୀୟ ରାଜପଥର କଳମା ଠାରେ ଆଜି ସକାଳେ ବାଇକ୍ ଦୁର୍ଘଟଣାରେ ଜନୈକ ଯୁବକଙ୍କ ମୃତ୍ୟୁ ହୋଇଯାଇଛି । ସୂଚନା ମୁତାବକ ଏକ ମାଲ୍ ବୋଝେଇ ଟ୍ରକ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ବେଳେ ବାଲେଶ୍ୱର ଅଭିମୁଖେ ବାଇକ୍ ନଂ ଓଡି ୨୯ କେ ୪୩୨୪ ଯୋଗେ ଯାଉଥିବା କେନ୍ଦ୍ରାପଡ଼ା ଜିଲ୍ଲାର ତାଳଚୁଆ ଅଞ୍ଚଳର ପୂର୍ଣ୍ଣ ଚନ୍ଦ୍ର ଟୁଡୁ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଟ୍ରକ୍ ପଛରେ ପିଟି ହୋଇଯିବାରୁ ଘଟଣାସ୍ଥଳରେ ତାଂକର ମୃତ୍ୟୁ ହୋଇଯାଇଥିଲା । ସେ ଉଦଳା ଅଞ୍ଚଳରେ ରହି କାମ କରୁଥିଲେ । ପୋଲିସ ପହଞ୍ଚି ଟ୍ରକ୍ ଓ ବାଇକ୍ ଜବତ୍ କରି ତଦନ୍ତ ଚଳାଇଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo